DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୮/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 28/2025 Page 16 ₹ 7.00 BERHAMPUR

୫୨ଶ ଭାଗ ୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 35 ମୂଲ୍ୟ ₹୭/-

# ଅଫ୍‌ଲାଇନରେ ପଇଠହେବ ଇ-ଚାଲାଣ

**ବାୟୁ ପ୍ରଦୂଷଣ ବୃଦ୍ଧି ସମ୍ପ୍ରତି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରିବା ସହ ଉଭୟ ଲୋକ ଓ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ଛିଡ଼ା କରାଇଛି। ପ୍ରଦୂଷଣ ରୋକିବା ଏବଂ ଦୁର୍ଘଟଣା ହ୍ରାସ ସକାଶେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି କ୍ରମେ ଚାଳକ ପରିବହନ ନିୟମ ଭଙ୍ଗକଲେ ଜରିମାନା ସମ୍ପର୍କିତ ଇ-ଚାଲାଣ ମୋବାଇଲକୁ ମେସେଜ୍ ମାଧ୍ୟମରେ ଆସିଥାଏ। ପରବର୍ତ୍ତୀ ସମୟରେ ସେହି ଜରିମାନା ଦେୟକୁ ଅନ୍‌ଲାଇନ ଜରିଆରେ ପଇଠ କରିବାକୁ ପଡ଼ିଥାଏ। ମାତ୍ର କେତେକ ସ୍ଥାନରେ ମୋବାଇଲ ନେଟ୍‌ୱର୍କରେ ସମସ୍ୟା ଉପୁଜୁଥିବାରୁ ଚାଲାଣ ନୋଟିସ ପାଇଥିବା ଯାନବାହନ ଚାଳକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟା ଦୂରକରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏଣିକି ଅଫ୍‌ଲାଇନ ମୋଡ୍‌ରେ ମଧ୍ୟ ଇ-ଚାଲାଣ ଦେୟ ଗ୍ରହଣ ଲାଗି ଶନିବାର ରାଜ୍ୟର ସବୁ ଜିଲାର ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**




**କଟକ,୨୭।୧୨(କାର୍ତ୍ତିକ ସାହୁ)**

ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଂଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଅଫ୍‌ଲାଇନରେ ଗ୍ରହଣ କରାଯିବ। ଏ ନେଇ ସମସ୍ତ ଆର୍‌ଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ କରୁଥିବା ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ପୂର୍ବଭଳି ଅନ୍‌ଲାଇନରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ପରିବହନ ବିଭାଗ (mParivahan) ଆପ୍ଲିକେଶନ ଏବଂ https://echallan.parivahan.gov.in/ରେ ମଧ୍ୟ ଇ-ଚାଲାଣ ପୈଠ କରିହେବ। ଲୋକମାନେ ଇ-ଚାଲାଣ ଅର୍ଥ ପୈଠ ବେଳେ କୌଣସି ଅସାଧୁ ବ୍ୟକ୍ତି କିମ୍ବା ସାଇବର ହ୍ୟାକରଙ୍କଠାରୁ ସତର୍କ ରହିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। କେବଳ ପରିବହନ ☞ପୃଷ୍ଠା-୪

## ଫେବୃଆରୀରୁ ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର: ମନ୍ତ୍ରୀ ଜେନା

**ଭୁବନେଶ୍ୱର,୨୭।୧୨ (ସୁନିତ୍ ମିଶ୍ର)**

ଏଣିକି ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବାକୁ ପଡ଼ିବ। ଏହି ନିୟମକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଥିବ ସେମାନଙ୍କୁ ହିଁ ଗ୍ରୀନ୍ ଷ୍ଟିକର ଲଗାଇବାକୁ ମିଳିବ ବୋଲି ଶନିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)ର ଅବଧି ଶେଷ ହୋଇଯାଇଥିବା ଗାଡ଼ିଗୁଡ଼ିକୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କାଟିବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ବାଟରେ ଗାଡ଼ିର କାଗଜପତ୍ର ଯାଞ୍ଚ ନ କରି ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା କ୍ୟାମେରା ଜରିଆରେ ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିଲା, ସେମାନଙ୍କର ଜରିମାନା ମନକୁ ମନ ☞ପୃଷ୍ଠା-୪




## ଅଭୟାରଣ୍ୟ ସୁରକ୍ଷା କରିବେ ମହିଳା ସ୍କ୍ୱାଡ୍

**ସମ୍ବଲପୁର,୨୭।୧୨ (ପ୍ରମୋଦ ବହିଦାର)**

**ଡେବ୍ରିଗଡ଼ରେ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ୫ ମହିଳା ନିଯୁକ୍ତ**

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ କର୍ତ୍ତୃପକ୍ଷ ଡେବ୍ରିଗଡ ଅଭୟାରଣ୍ୟ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ପ୍ରଥମଥର ଲାଗି ୫ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ଅଞ୍ଜଳି ଟପ୍ପୋ(୨୧), ବବିତା ଭୁଏ(୧୯), ନିବେଦିତା ରାଉତ(୨୪), ଅଲିଭା କାଲୋ(୨୦) ଓ ଅଳକା ପ୍ରଧାନ(୨୧)। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ, ସ୍କ୍ୱାଡ୍‌ରେ ନିଯୁକ୍ତ ଉକ୍ତ ୫ ଜଣଙ୍କ ମଧ୍ୟରୁ ଅଳକା ଜଣେ ଅଙ୍ଗନୱାଡ଼ି କର୍ମୀ ହୋଇଥିବା ବେଳେ ଅନ୍ୟ ☞ପୃଷ୍ଠା-୪




## ଜଳିଗଲେ ଦୋକାନୀ

**ବାପାଙ୍କୁ ପୋଡ଼ି ମାରି ଦିଆଯାଇଥିବା ପୁଅଙ୍କ ଅଭିଯୋଗ**

**ପାଟକୁରା,୨୭।୧୨ (ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ପରିବା ଦୋକାନରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟି ସେଠାରେ ଶୋଇଥିବା ଦୋକାନୀ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ଚନ୍ଦ୍ର ମଲ୍ଲିକ (୪୮)ଜଳି ଯାଇଛନ୍ତି। ଦୋକାନରେ ଥିବା ସମସ୍ତ ପରିବା, ଡ୍ରେସ୍ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ସୁବାସଙ୍କୁ କେହି ଦୁର୍ବୃତ୍ତ କବାଟ ବାହାରୁ ବନ୍ଦକରି ନିଆଁ ଲଗାଇ ଜାଳି ଦେଇଥିବା ତାଙ୍କ ପୁଅ ଓଁ ପ୍ରକାଶ ମଲ୍ଲିକ କୋଦାନଗରୀ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୪

## ପହିଲାରୁ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୨୭।୧୨ (ଅନୁରାଧା ମହାରଣା)**

ରାଜ୍ୟରେ ପ୍ରବଳ ଶୀତ ସହ କୁହୁଡ଼ି ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ତେବେ ଜାନୁଆରୀ ପହିଲାରୁ ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ଦିନ ତାପମାତ୍ରା ୨୩.୮ ଡିଗ୍ରୀ(ଚାନ୍ଦବାଲି ଓ କଟକ)ରୁ ୧୯.୪ ଡିଗ୍ରୀ ସେଲସିୟସ୍(ପାରଳାଖେମୁଣ୍ଡି) ମଧ୍ୟରେ ରହିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଉଦ୍ଦେଶ୍ୟ ଓ ଉଦାସୀନତା



## ଝରକା ତଳକୁ ଫିଙ୍ଗିଦେଲେ ଟଙ୍କା, ଅଳଙ୍କାର ବ୍ୟାଗ୍

ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ଘର ସମେତ ୧୯ ସ୍ଥାନରେ



ଭିଜିଲାନ୍ସ ଜୁଲାଇ ୨୯ରେ ଚଢ଼ାଉ କରିଥିଲା। ପ୍ରକୃତ ଆୟ ଠାରୁ ସେ ୩୧୭ ପ୍ରତିଶତ ଅଧିକ ସମ୍ପତ୍ତି ରଖିଥିଲେ। ସମ୍ପତ୍ତି ଲିଙ୍କ୍‌ରେ ଖୋଳାତାଡ଼ ବେଳେ ସହକର୍ମୀ ଏଇ ଅଶୋକ କୁମାର ପଣ୍ଡା ଫସିଥିଲେ। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କ୍ରୟ ସହ ଟଙ୍କା କାରବାର କରିଥିଲେ। ଭିଜିଲାନ୍ସ ଭୟରେ ଅଶୋକ ଘରର ତାଲା ମାରି ଭିତରେ ରହିଥିଲେ। ଏପରିକି ଝରକା ବାଟେ ନଗଦ ଲକ୍ଷେ ଟଙ୍କା ଓ ଅଳଙ୍କାର ଭର୍ତ୍ତି ଫିଙ୍ଗିଦେଇଥିଲେ।



## ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଲମାଲ ପ୍ଲଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ କରିଥିଲେ ଫାର୍ମହାଉସ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ବିଭିନ୍ନ ସ୍ଥାନରେ ମାର୍ଚ୍ଚ ୬ରେ ଭିଜିଲାନ୍ସର ବଡ଼ଧରଣର ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଘରୁ ୧୫ ଲକ୍ଷ ନଗଦ ଟଙ୍କା ସମେତ କେଜିଏ ସୁନା ମିଳିଥିଲା। ଏଥିସହ ୧୧ ପ୍ଲଟ୍, ଫାର୍ମହାଉସ ଓ ଏକାଧିକ ଫ୍ଲାଟ୍ ଠାବ ହୋଇଥିଲା। ମାର୍ଚ୍ଚ ୭ରେ ତାଙ୍କୁ ଗିରଫ କରାଯାଇଥିଲା।



ଚିନ୍ତନ ରଘୁବଂଶୀ



ଦୟାନିଧି ବାଗ୍

### ୨୦ ଲକ୍ଷ ଲାଞ୍ଚ, ଇଡି ଡେପୁଟି ଡାଇରେକ୍ଟରଙ୍କୁ ଧରିଲା ସିବିଆଇ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଲାଞ୍ଚ ନେବାବେଳେ ମେ’ ୨୯ରେ ଧରାପଡିଥିଲେ। ଢେଙ୍କାନାଳର ଜଣେ କ୍ରଶର ବ୍ୟବସାୟୀଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ତାଙ୍କୁ ଗିରଫ କରିଥିଲା। ଖଣି କାରବାର ସମ୍ପର୍କିତ ମାମଲାର ରଫାଦଫା ପାଇଁ ଟଙ୍କା ଆଦାୟ ଲାଗି ରଘୁବଂଶୀ କରିଥିବା ଯୋଜନା ଫେଲ୍ ମାରିଥିଲା।

### ବାବୁଙ୍କ ୧୨୫ ଏକର ଜମି

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍ ଜୁନ ୩୦ରେ ଭିଜିଲାନ୍ସ ଜାଲରେ ଫସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଦୟାନିଧିଙ୍କ ବିଭିନ୍ନ ସ୍ଥାନରେ ମୋଟ ୧୨୫ ଏକର ଜମି, ନବରଙ୍ଗପୁରରେ ଦୁଇ ଫାର୍ମହାଉସ, ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଆଦି ଠାବ ହୋଇଥିଲା।



ଅଶ୍ୱିନୀ କୁମାର ପଣ୍ଡା

### ଲାଞ୍ଚ ନେଇ ଓଏଏସ୍ ଟପ୍ପର ଗିରଫ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ରେ ଟପ୍ପର ତଥା ସମ୍ବଲପୁର ଜିଲା ବାମରା ତହସିଲଦାର ଦାୟିତ୍ୱରେ ଥିବା ଅଶ୍ୱିନୀ କୁମାର ପଣ୍ଡା ସେପ୍ଟେମ୍ବର ୧୨ ତାରିଖରେ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଥିଲେ। ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଅଭିଯୋଗକାରୀଙ୍କଠାରୁ ଅଶ୍ୱିନୀଙ୍କ ପାଇଁ ଲାଞ୍ଚ ନେଉଥିବାବେଳେ ଅଫିସ ଡ୍ରାଇଭର ପି. ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଥିଲା।



ଧୀମାନ ଚକ୍ମା

### ବନ୍ଧା ହେଲେ ଆଇଏଏସ୍ ଅଧିକାରୀ

ଆଇଏଏସ୍ ଟ୍ରେନିଂ ପରେ ପ୍ରଥମ ନିଯୁକ୍ତିରେ ଭିଜିଲାନ୍ସ ଜାଲରେ ଫସିଯାଇଥିଲେ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକ୍ମା (ଆଇଏଏସ୍-୨୦୨୧ ବ୍ୟାଚ୍)। ଜୁନ ୮ରେ ଜଣେ କ୍ରଶର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏପରିକି ଭିଜିଲାନ୍ସ ଟିମ୍ ଧର୍ମଗଡ଼ସ୍ଥିତ ଉପଜିଲାପାଳ ଧୀମାନଙ୍କ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ମଧ୍ୟ ଜବତ କରିଥିଲା।




**୨୦୨୫ ବର୍ଷରେ ଦୁର୍ନୀତି ଜାଲରେ ଛନ୍ଦି ହୋଇଛନ୍ତି ଅନେକ ବଡ଼ ଅଧିକାରୀ। ଦୁର୍ନୀତିକୁ କୌଣସି ପ୍ରକାରେ ଗ୍ରହଣ କରିହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଥିବାବେଳେ ଦୁର୍ନୀତିଖୋର ମନୋବୃତ୍ତିକୁ ବହୁ ଅଧିକାରୀ ଛାଡ଼ି ପାରିନାହାନ୍ତି। ବିଭିନ୍ନ ଉପାୟରେ ଲାଞ୍ଚ ଏବଂ ଠକେଇ କରି ଅମାପ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଇଏଏସ୍ ଅଧିକାରୀ, ଓଏଏସ୍ ଟପ୍ପର, ବନ ବିଭାଗ ଅଧିକାରୀ, ଯନ୍ତ୍ରୀ ରହିଛନ୍ତି। ଭିଜିଲାନ୍ସ ଏବଂ ସିବିଆଇ ଦ୍ୱାରା ଗିରଫ ହେବା ପରେ ଜେଲ ଏବେ ସେମାନଙ୍କ ନୂଆ ଠିକଣା ପାଲଟିଛି।**

## ସାଙ୍ଗଙ୍କ ଆକାଉଣ୍ଟରେ କଳାଟଙ୍କା ରଖୁଥିଲେ ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ

ଟଙ୍କା ସହ ଭିଜିଲାନ୍ସ ହାତରେ ଧରାପଡ଼ି ରାୟଗଡ଼ା ଜନସ୍ୱାସ୍ଥ୍ୟ (ପିଏଚ୍) ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ) ସହଦେବ କିଷାନଙ୍କ ଦୁର୍ନୀତି ଗୁମର ଖୋଲିଥିଲା। ମେ’ ୨୮ରେ କିଷାନ ଜଣେ ଠିକାଦାରଙ୍କଠାରୁ ୧.୫୦ ଲକ୍ଷ ଟଙ୍କା ନେଇ ଅଫିସରୁ ସରକାରୀ ବାସଭବନ ଅଭିମୁଖେ ଏକ ସ୍କର୍ପିଓରେ ଯିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ମାତ୍ର ୯ବର୍ଷର ଚାକିରି କାଳରେ କିଷାନ ବେଆଇନ ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବିପୁଳ ସମ୍ପତ୍ତି ଅର୍ଜିଥିଲେ। ଏପରିକି ସେ ସାଙ୍ଗଙ୍କ ନାଁରେ ଶେୟାର ମାର୍କେଟ୍‌ରେ ଲକ୍ଷାଧିକ କଳା ଟଙ୍କା ନିବେଶ କରିଥିଲେ।

## ପୂର୍ବତନ ଝାରସୁଗୁଡ଼ା ଉପଜିଲାପାଳଙ୍କ ୩.୧୦ କୋଟି ସମ୍ପତ୍ତି ବାଜ୍ୟାପ୍ତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଝାରସୁଗୁଡା ଉପ ଜିଲାପାଳ ପ୍ରଦୀପ କୁମାର ବାରିକଙ୍କ ୩ କୋଟି ୧୦ ଲକ୍ଷ ୮୨ ହଜାର ୮୧୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପ୍ରାଧିକୃତ ଅଧିକାରୀ ଫେବୃଆରୀ ୧୨ରେ ନିର୍ଦ୍ଦେଶ ଦେଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୨ ନଭେମ୍ବର ୫ରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଝାରସୁଗୁଡାସ୍ଥିତ ଅଫିସ ଚାମ୍ବର, ଘର ଆଦିରେ ଏକକାଳୀନ ଚଢ଼ଉ ହୋଇଥିଲା। ଯାଞ୍ଚରୁ ତାଙ୍କର କୋଠା, ପ୍ଲଟ୍, ୪ଟି ଦାମୀ କାର୍, ସୁନା ଓ ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା।

## ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ବର୍ଷ ଜେଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଅବସରପ୍ରାପ୍ତ) ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଅକ୍ଟୋବର ୨୯ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ଓ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୦୩ ଜୁଲାଇ ୩ ଓ ୪ ତାରିଖରେ ରଘୁନାଥଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ବହୁ ସମ୍ପତ୍ତି ଠାବ କରିଥିଲା।

## ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରୁ ୨ କୋଟି





ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଫେବୃଆରୀ ୫ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢାଉବେଳେ ଶାନ୍ତନୁଙ୍କ ଘର ଓ ସହକର୍ମୀଙ୍କ ଘରୁ ୨ କୋଟି ୬ ଲକ୍ଷ ୯୨ ହଜାର ୮୫୦ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ମିଳିଥିଲା। ଠାବ ହୋଇଥିବା ୨.୦୬ କୋଟି ଟଙ୍କାରୁ ଶାନ୍ତନୁଙ୍କ ୧.୯୮ କୋଟି ଥିଲା। ତେବେ ସରକାରୀ ଅର୍ଥ ହଡ଼ପ ସହ ଲାଞ୍ଚ ଟଙ୍କା ନେଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସହଯୋଗ କରିଥିବାରୁ ଶାନ୍ତନୁ ଓ ଅନ୍ୟ ୪ ସହଯୋଗୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

## ଅବସରର ଦିନକ ପୂର୍ବରୁ ଚଢ଼ାଉ

ଜୁନ୍ ୩୦ ତାରିଖ ଥିଲା ଚାକିରି କାଳର ଶେଷ ଦିନ। ଅବସର ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡା ଭିଜିଲାନ୍ସ ଜାଲରେ ଫସିଯାଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶୀଲଙ୍କ ଘର ସମେତ ୭ଟି ସ୍ଥାନରେ ଜୁନ ୨୮ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରରେ ୬ ଉଚ୍ଚମୂଲ୍ୟ ପ୍ଲଟ୍, ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ଘରୁ ନଗଦ ୨.୦୫ ଲକ୍ଷ ଟଙ୍କା ଆଦି ସମ୍ପତ୍ତି ଠାବ ହୋଇଥିଲା।







ନିତ୍ୟାନନ୍ଦ ନାୟକ

## ଜଙ୍ଗଲୀ ବାବୁଙ୍କ ୧୧୫ ପ୍ଲଟ୍

ଜଙ୍ଗଲୀ ବାବୁଙ୍କ ଜମି କିଣା ସଉକ। ଦୁର୍ନୀତି ଟଙ୍କାରେ ସ୍ତ୍ରୀ, ପୁଅ, ଝିଅ ଓ ନିଜ ନାଁରେ କିଣିଥିଲେ ମାଲମାଲ ପ୍ଲଟ। ବହୁ ମୂଲ୍ୟବାନ୍ କାଠରେ ଚୌକିଠୁ ଟେବୁଲ, ଆଲ୍‌ମିରା, କବାଟ, ପଲଙ୍କ, ଖୁଣ୍ଟ ଆଦି ଆକର୍ଷଣୀୟ ଉପକରଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ ଘର ଭିତରେ ବେଆଇନ ଭାବେ ରଖିଥିଲେ ବନ୍ଧୁକଠୁ ଆରମ୍ଭ କରି ତୀର, ଟାଙ୍ଗିଆ, ଖଣ୍ଡା ଆଦି ବହୁ ମାରଣାସ୍ତ୍ର। କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକ ଭିଜିଲାନ୍ସ ଜାଲରେ ଜୁଲାଇ ୨୦ରେ ଫସିବା ପରେ ତାଙ୍କ କଳା କାରନାମା ପଦାକୁ ଆସିଥିଲା। ତାଙ୍କ ନିକଟରୁ ବହୁ ସମ୍ପତ୍ତି ସମେତ ୧୧୫ ପ୍ଲଟ୍ ଠାବ ହୋଇଥିଲା।

## ସିବିଆଇ ଜାଲରେ ଇପିଏଫ୍‌ଓ ପିଆର୍‌ଓ

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବ୍ରହ୍ମପୁର ଇପିଏଫ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର ପିଆର୍‌ଓ ଅନିଲ ରଥଙ୍କୁ ଜୁନ ୧୨ରେ ସିବିଆଇ ଗିରଫ କରିଥିଲା। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜଣକ ଦୁଇ କମ୍ପାନୀ ପକ୍ଷରୁ ଡିଜିଟାଲ ଦସ୍ତଖତ ଅନୁମୋଦନ ପାଇଁ ଆବେଦନ କରିଥିଲେ। ହେଲେ ଇପିଏଫ୍‌ଓ ଅଫିସ ପକ୍ଷରୁ ବିଭିନ୍ନ ତ୍ରୁଟି ଦର୍ଶାଯାଇ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଦିଆଯାଉଥିଲା। ପରେ କମ୍ପାନୀ ପିଛା ୫ ହଜାରେ ଟଙ୍କା ଦେଲେ କାମ ହୋଇଯିବ ବୋଲି ଅନିଲ୍ କହିଥିଲେ।

## ଲାଞ୍ଚ ନେବା ବେଳେ ଏମ୍‌ସିଏଲ୍ ଅଧିକାରୀଙ୍କୁ ମାଡ଼ିବସିଲା ସିବିଆଇ

୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମାଙ୍କୁ ଜୁଲ ୧୦ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଖିଳେଶଙ୍କୁ ବିଭାଗୀୟ ହାଜତକୁ ଯାଇଥିଲେ। ଘର ଅଧିଗ୍ରହଣ ପାଇଁ ଏମ୍‌ସିଏଲ୍ ତରଫରୁ ଫଣ୍ଡ ରିଲିଜ୍ ଲାଗି ଲାଞ୍ଚ ମାଗି ଫସିଥିଲେ।

## ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ଦେଢ଼ କୋଟି ଟଙ୍କା। କିଛିମାସରେ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଜୁଲାଇ ୨୫ରେ ଫସିଯାଇଥିଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ଠାବ ହୋଇଥିବା ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟ ଠାରୁ ୫୦୧ ପ୍ରତିଶତ ଅଧିକ ଥିବା ବେଳେ ଗିରଫ ହୋଇ ଜେଲ ଯାଇଥିଲେ।



## ୮୦ ଲକ୍ଷର ବନୀକରଣ ଦୁର୍ନୀତି
## ୫ ବନ ଅଧିକାରୀ ଗିରଫ

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସରମାନେ ଏହି ଦୁର୍ନୀତି କରିଥିଲେ। କମ୍ପେନ୍‌ସେଟୋରି ଆଫୋରଷ୍ଟେଶନ ସ୍କିମ୍ (କାମ୍ପା) ଜରିଆରେ ଗଛ ଲଗାଇବା ନାଁରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମେ’ ୧୩ରେ ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗଙ୍କ ସମେତ ୫ ଅଧିକାରୀଙ୍କୁ ଗିରଫ କରିଥିଲା।





# 'ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ'

## ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

**କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରି ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଦରକାର। ତେଣୁ ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ସର୍ବଦା ଗୁରୁତ୍ୱ ଦେବା ଉଚିତ। ଶନିବାର କେନ୍ଦୁଝର ଟାଉନ ଡିଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଭାରତରେ ରହିଛି ଜ୍ଞାନର ଏକ ସଂସ୍କୃତି। ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଛି। ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟୋଗଭିତ୍ତିକ ବିଜ୍ଞାନ ବା ଟେକ୍ନୋଲୋଜିର ବିକାଶରେ ମଧ୍ୟ ଉଦ୍ୟମ କରାଯାଇଛି। ଆଜିକାଲି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ବହୁ ପ୍ରକାର ସାଧନ ଅଛି। ପାଠ୍ୟପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରି ଏବଂ ବିଭିନ୍ନ ଅନ୍‌ଲାଇନ ମାଧ୍ୟମରେ ଅନେକ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି। ଏହାକୁ ଉପଯୋଗ କରି ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ଆଜିକାର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିକୁ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଜିଲାପାଳ ବିଶାଳ ସିଂହ ଓ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ, ୧୮ ଆହତ

- ମା' ସମଲେଶ୍ୱରୀ ଦର୍ଶନ ପାଇଁ ଆସୁଥିଲେ
- ୨ ଭୁବନେଶ୍ୱର ସ୍ଥାନାନ୍ତର

**ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧୁମୁରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ(୫୫)ର କଂସର ନିକଟ ଏକ ନାଳ ଉପରେ ଶନିବାର ସକାଳେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ୍ ରାସ୍ତାପାର୍ଶ୍ୱସ୍ଥ ଗାର୍ଡୱାଲରେ ପିଟି ହୋଇଯିବା ଫଳରେ ଡ୍ରାଇଭରଙ୍କ ସମେତ ୧୮ଜଣ ଗୁରୁତର ଆହତ ହୋଇଛନ୍ତି। ଧୁମୁରା ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଧୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା।

ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୨ଜଣଙ୍କୁ ଭିମ୍‌ସାରରୁ ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତରିତ କରାଯାଇଛି। ଆହତଙ୍କ ମଧ୍ୟରେ ୩ରୁ ୧୭ ବର୍ଷ ମଧ୍ୟରେ ୭ ଜଣ ଥିବା ବେଳେ ଜଣେ ୭୫ ବର୍ଷୀୟା ବୃଦ୍ଧା ମଧ୍ୟ ରହିଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ସମସ୍ତେ ପୁରୀ, ଖୋର୍ଦ୍ଧା ଓ ଯାଜପୁରର ବାସିନ୍ଦା ହୋଇଥିବା ବେଳେ ପରସ୍ପର ସମ୍ପର୍କୀୟ ବୋଲି କୁହାଯାଇଛି। ଏ ନେଇ ଧୁମୁରା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ୧୭ ଜଣ ପର୍ଯ୍ୟଟକଙ୍କୁ ନେଇ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ବସ୍(ନଂ.ଓଡି-୦୨-ସିଏଲ୍-୦୮୫୦) ସମ୍ବଲପୁର ଅଭିମୁଖେ ବାହାରିଥିଲା। ମାତ୍ର ସମ୍ବଲପୁର ପହଞ୍ଚିବା ପୂର୍ବରୁ ଶନିବାର ଭୋର ପ୍ରାୟ ୫ଟାରେ କଂସର ନିକଟରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।


ଦୁର୍ଘଟଣା ପରେ ବସ୍‌ଟି ଜାତୀୟ ରାଜପଥର ପୋଲ ପାର୍ଶ୍ୱସ୍ଥ ଗାର୍ଡ଼ୱାଲରେ ଝୁଲି ରହିଛି।

**ଜିରୋ ନାଇଟ୍ : ସାବଧାନ ପୋଲିସ ଜଗିଛି**




# ମୁହାଁମୁହିଁ ଧକ୍କାରେ ୨ ଟ୍ରକ୍ ଚୂରମାର, ୨ ଚାଳକ ମୃତ

**ବଣାଇଁ,୨୭।୧୨(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟି କୁନ୍ଦୁରୁବୁରୁ ନିକଟରେ ଶନିବାର ପ୍ରତ୍ୟୁଷରେ ଦୁର୍ଘଟଣା ଘଟିଛି। ମୁହାଁମୁହିଁ ଧକ୍କାରେ ୨ଟ୍ରକ୍ ଚୂରମାର ହେବା ସହ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ୨ ଚାଳକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଜଣେ କେନ୍ଦୁଝର ଜିଲା ବଡବିଲ ଅଞ୍ଚଳର ଓ ଅନ୍ୟ ଜଣେ ଉତ୍ତର ପ୍ରଦେଶର। ଲୌହପଥର ବୋଝେଇ ଟ୍ରକ ଚୂନାଘାଟିରେ ଓହ୍ଲାଉଥିବା ସମୟରେ ବ୍ରେକ ଫେଲ୍ ହେବାରୁ ଭାରସାମ୍ୟ ହରାଇ ଟ୍ରକ ୪ଥାକିଆ ରାସ୍ତା ଡିଭାଇଡରକୁ ଡେଇଁ ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଅପରପାର୍ଶ୍ୱରେ କୋଇଡ଼ା ପଟକୁ ଯାଉଥିବା କୋଇଲା ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଉଭୟ ଟ୍ରକ୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ମୃତଦେହ ବାହାର କରିଥିଲେ।

# ଓଏମ୍ଏସ୍ଏ ଦାବିର ବିଚାର କରିବ ଅନ୍ତର୍ବିଭାଗୀୟ କମିଟି

- ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ
- ଦାବିଗୁଡ଼ିକୁ ବିଚାରକରି ରିପୋର୍ଟ ଦେବ କମିଟି

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ (ଓଏମ୍ଏସ୍ଏ) ଦାବିଗୁଡ଼ିକ ପୂରଣକରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଚଳିତ ସପ୍ତାହରେ ଓଏମ୍ଏସ୍ଏ ପକ୍ଷରୁ ଧାରଣାରେ ବସିଥିବା ସଦସ୍ୟମାନଙ୍କ ସହ ବୈଠକ କରିଥିଲେ। ସେଠାରେ ସେମାନଙ୍କ ଦାବିଗୁଡ଼ିକ ଉପରେ ବିଚାରକରିବା ଲାଗି କମିଟି ଗଠନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହି କ୍ରମରେ ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ ଦ୍ୱାରା କରାଯାଇଥିବା ବିଭିନ୍ନ ଦାବିର ଅନୁଧ୍ୟାନ ନିମନ୍ତେ ଏକ ଅନ୍ତର୍ବିଭାଗୀୟ କମିଟି ଶନିବାର ଗଠନ କରାଯାଇଛି। ଏହି କମିଟି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି। କମିଟିରେ ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଅଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ କମିଟିରେ ସଦସ୍ୟ-ସଂଯୋଜକ ଭାବେ କାର୍ଯ୍ୟ କରିବେ। ଏହି କମିଟି ଓଏମ୍ଏସ୍ଏର ବିଭିନ୍ନ ଦାବି ଉପରେ ଆଲୋଚନାକରି ସେଗୁଡ଼ିକର ବିଭିନ୍ନ ଦିଗକୁ ବିଚାରକରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ରାଜ୍ୟ ସରକାର ଚିକିତ୍ସକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ସଦା ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ୧୦ମ ଶ୍ରେଣୀ ଇତିହାସ, ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ

**ଭଦ୍ରକ,୨୭।୧୨(ସନାତନ ରାଉତ)**

୨୦୧୩ ମସିହାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ୧୦ମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ ଦିଆଯାଇଛି। ପୃଷ୍ଠା ସଂଖ୍ୟା-୩୧ର ପାରା-୩ ଓ ପାରା-୫ରେ ଭାରତ ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନର ଭଦ୍ରକ ଜିଲାର ଶହୀଦନଗର ଓ ଇରମରେ ଶହୀଦ ହୋଇଥିବା ଶହୀଦମାନଙ୍କ ସଂଖ୍ୟା, ଗୁଳିକାଣ୍ଡର ସ୍ଥାନ, ତାରିଖ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ୍ ଲେଖା ହୋଇଛି। ଭାରତର ଛାତ୍ର ଫେଡେରେଶନ (ଏସ୍ଏଫ୍ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଏମ୍ ଭଦ୍ରକ ଜିଲା କମିଟି ସଭ୍ୟ ବିକାଶ ନାଥ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଭୁଲ୍ ତଥ୍ୟକୁ ଖୁବ୍‌ଶୀଘ୍ର ପରିବର୍ତ୍ତନ କରି ଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ ଜରିଆରେ ସେ ଶନିବାର ନିବେଦନ କରିଛନ୍ତି।

୧୯୪୨ ସେପ୍ଟେମ୍ବର ୨୨ରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନ ଭଦ୍ରକ ଜିଲାର ଲୁଣିଆ ଗାଁ ସଂଲଗ୍ନ ଚାନ୍ଦିଆପୋଷିଠାରେ ବ୍ରିଟିଶ ଗୁଳିରେ ୯ଜଣ ଆନ୍ଦୋଳନକାରୀ ଶହୀଦ ହୋଇଥିଲେ। କିନ୍ତୁ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତିବିଜ୍ଞାନ ବହିରେ ୧୯୪୨ ସେପ୍ଟେମ୍ବର ୨୧ରେ ଶ୍ରୀଜଙ୍ଗ ଗାଁରେ ୧୦ ବା ୧୧ଜଣ ବ୍ୟକ୍ତି ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି। ଗୁଳିକାଣ୍ଡର ସ୍ଥାନ, ତାରିଖ ଓ ଶହୀଦଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲାବାସୀ ଓ ଶହୀଦମାନଙ୍କ ସ୍ମୃତି ପ୍ରତି ଉପହାସ ବୋଲି ବିକାଶ କହିଛନ୍ତି। ସେହିଭଳି ୧୯୪୨ ସେପ୍ଟେମ୍ବର ୨୮ରେ ବିଦେଇପୁରରୁ ଇରମ ୧୯ ବର୍ଗ ମାଇଲ ସ୍ୱାଧୀନ ବାଞ୍ଛାନିଧି ଚକଡ଼ାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର କର ନ ଦେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଳନ ପଡ଼ିଆରେ ବୈଠକ କରୁଥିବା ବେଳେ ବାସୁଦେବପୁରର ପାଢ଼ୀ ଜମିଦାରର ଖବରକ୍ରମେ ତତ୍କାଳୀନ ପୋଲିସ ଅଫିସର କୁଞ୍ଜବିହାରୀଙ୍କ ସମେତ ବ୍ରିଟିଶ ପୋଲିସ ସେଠାରେ ପହଞ୍ଚି ଅତି ନିଷ୍ଠୁର ଭାବେ ଗୁଳି ଚାଳନା କରିଥିଲେ। ଏହି ରକ୍ତତୀର୍ଥ ଇରମରେ ମହିଳା ଶହୀଦ ପରୀ ବେୱାଙ୍କ ସମେତ ମୋଟ ୨୯ଜଣ ଶହୀଦ ହୋଇଥିଲେ। ଭାରତର ପୁରାତନ ରାଜଧାନୀ କୋଲକାତାଠାରେ ପ୍ରତିଷ୍ଠିତ ନ୍ୟାଶନାଲ ଲାଇବ୍ରେରିରେ ଏହି ଉଭୟ ଗୁଳିକାଣ୍ଡ ସମ୍ପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଇତି ରଖିଛନ୍ତି। କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ଜଣ ଶହୀଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି। ଦୀର୍ଘ ୧୨ ବର୍ଷ ଧରି ଏହି ଭୁଲ୍ ତଥ୍ୟକୁ ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି। ଇତିହାସ ଶିକ୍ଷୟିତ୍ରୀ ଶିକ୍ଷକମାନେ କାହିଁକି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଏହି ବିଷୟ ଆଣିନାହାନ୍ତି ବୋଲି ବିକାଶ ପ୍ରଶ୍ନ ଉଠାଇଛନ୍ତି। ଏହି ତ୍ରୁଟିକୁ ୨୦୨୬ ଫେବୃଆରୀରେ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସଂଶୋଧନ କରା ନ ଗଲେ ଭଦ୍ରକ ଜିଲାରୁ ଛାତ୍ର ଆନ୍ଦୋଳନ ଆରମ୍ଭ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।


ଭୁଲ୍ ତଥ୍ୟ ଲେଖାଯାଇଥିବା ବହିର ୩୧ ପୃଷ୍ଠା।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସ୍ନେହୀ ସମାଜ ପକ୍ଷରୁ ୫୭ତମ ସାଧାରଣ ଅଧିବେଶନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡକୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ଆଲୋଚନାଚକ୍ର, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହ, ସମୟ : ସକାଳ ୯ଟା।
- ନୂଆଗାଁ ପ୍ରିମିୟର ଲିଗ୍, ସ୍ଥାନ: ନୂଆଗାଁ ଖେଳପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ : ଶରଧାପୁର ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

## ବାଲେଶ୍ୱର
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ,ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ଆଧାତ୍ମିକ ଗ୍ରନ୍ଥ ଉନ୍ମୋଚନ ଉତ୍ସବ,ସ୍ଥାନ:ଶ୍ରୀ ମାଧବେନ୍ଦ୍ର ଗୌଡ଼ୀୟ ମଠ, ରେମୁଣା, ସମୟ:ପୂର୍ବାହ୍ନ ୧୦ଟା।
- ଦରଖୁଲି ପ୍ରିମିୟର ଲିଗ୍ ଉଦଘାଟନୀ ଉତ୍ସବ, ସ୍ଥାନ:ଦରଖୁଲି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୋର-କୁପାରୀ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ:ଡୁଡ଼ିଗଡ଼ିଆ, ଖଇରା, ସମୟ:ପୂର୍ବାହ୍ନ ୧୧ଟା।
- ଚାନ୍ଦିପୁର ଗୋଲ୍ଡେନ୍ ବିଚ୍ ଫେଷ୍ଟିଭାଲ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ:ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉପେନ୍ଦ୍ର ସମାରୋହ-୨୦୨୫, ସ୍ଥାନ:ଶିକ୍ଷକଭବନ, ସୋର,ସମୟ- ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ରାଜବାଟି ଛକ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- କୋଶମ୍ଭ ମେଳାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା।
- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: କରଞ୍ଜଆଡ଼ିଆ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚକ୍ଷୁ ଚିକିତ୍ସା ଓ ରକ୍ତ ପରୀକ୍ଷା ଶିବିର, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ୧୯୮୭ ମସିହା ବ୍ୟାଚ୍ ବନ୍ଧୁମିଳନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଧାମନଗର କଲେଜ ପାଖ, ସମୟ: ଅପରାହ୍ନ ୫ଟା।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଗେଲପୁରସ୍ଥିତ ସ୍କୁଲ ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଣିଜ୍ୟ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ପ୍ରଦେଶ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ପୀରହାଟ ବଜାର ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ବିଦ୍ୟାରମ୍ଭ ସଂସ୍କାର ମହୋତ୍ସବ, ସ୍ଥାନ: ସଚ୍ଚିଦାନନ୍ଦ ଗୁରୁକୁଳ, ବିଜୟରାମଚନ୍ଦ୍ରପୁର, ବାରିପଦା, ସମୟ: ସକାଳ ୮ଟା।
- ସାରସ୍ୱତ ବନ୍ଧୁମିଳନ ଓ ସାହିତ୍ୟ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ପଞ୍ଚବିଂଶ ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ, ସ୍ଥାନ: ରଙ୍ଗାମାଟିଆ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ, କଳଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ
- ଶୀତ ମହୋତ୍ସବ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ସକାଳ ୯ ଟା।

## ଅନୁଗୋଳ
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ସ୍ଥାନ : ଅନୁଗୋଳ ରାଜା ଛକ, ସମୟ : ସକାଳ ୭ଟା।
- ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଅନୁଗୋଳ ପୌରପାଳିକାଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦।
- କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ଗାନ୍ଧୀ ପାର୍କ, ସମୟ : ସକାଳ ୮ଟା।
- ଅଙ୍ଗନୱାଡ଼ିକେନ୍ଦ୍ର ଶିଶୁଙ୍କ ସହ ସାକ୍ଷାତ, ସ୍ଥାନ : ଅନୁଗୋଳ ବ୍ରାହ୍ମଣୀଦେଇପଡ଼ା, ସମୟ : ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ଚଷା ସମାଜ ମହାସମାବେଶ, ସ୍ଥାନ: ବାମୁର, ସମୟ: ସକାଳ ୧୦ଟା।
- ଅଖିଳ ଭାରତୀୟ ରାଷ୍ଟ୍ରୀୟ ମହାସଂଘ କାର୍ଯ୍ୟକ୍ରମ, ସ୍ଥାନ : ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ଫୁଟବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ପତାକା ଖେଳ ପଡ଼ିଆ, ସମୟ : ଅପରାହ୍ନ ୩ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କିଶୋରନଗର ବରପଡ଼ିଆ, ସମୟ ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର
- ପାରାଦୀପ ପ୍ରେସ ମିଡିଆର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଅଟଳ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ବିଶ୍ୱଜିତ୍ ଆଚାର୍ଯ୍ୟଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଳିକାଏଦା, ରାଜକନିକା, ସମୟ:ପୂର୍ବାହ୍ନ ୧୦ଟା ।
- ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାମେଶ୍ୱର ପୀଠ, ରସିଲାବାଦ, ଜିରାଳୋ, ଗରଦପୁର, ସମୟ:ସକାଳ ୯ଟା ।
- ବାଦିପାଲା ମହୋତ୍ସବ, ସ୍ଥାନ:ମାଆ ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ବାଲିଚନ୍ଦ୍ରପୁର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସର, ସମୟ: ସକାଳ ୯ଟା।
- ଶ୍ୟାମ ସୁନ୍ଦର ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଦଶରଥପୁର ବ୍ଲକ ଶ୍ୟାମ ସୁନ୍ଦର ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସାମୁହିକ ପ୍ରାର୍ଥନା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଖଣ୍ଡିତର ଖ୍ରୀଷ୍ଟିଆନପଡ଼ା, ସମୟ : ପୂର୍ବାହ୍ନ ୧୧ଟା।
- କୁଆଖିଆ ମହୋତ୍ସବରେ କବିତା ଆସର, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଉଦୟବଟ ସମ୍ବାଦପତ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ଦୁର୍ଲଭ କଳା ପରିଷଦ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଧର୍ମଶାଳା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- କୁଆଖିଆ ମହୋତ୍ସବରେ ଗୋଟିପୁଅ ନୃତ୍ୟ, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ମହୁଲବେରଣା, ଭୋଗଡା, ଲକ୍ଷ୍ମୀପ୍ରସାଦ, ଖପରାମଲ୍ଲ, ନୂଆଗାଁ, ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ପୀଠ, ସମୟ:ସକାଳ ୬ରୁ ସନ୍ଧ୍ୟା ୬ଟା ।
- ଘୋଡଲାଗି ପର୍ବର ୩୨ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୩୨ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର : ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା ।
- ରାମଚରିତ ମାନସର ୩ୟ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ।
- ଜିଲା ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୨ ।
- ଖଣ୍ଡପଡା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା।
- ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କର ରାମ ତାରକ ମହାଯଜ୍ଞର ଅଙ୍କୁରାରୋପଣ, ସ୍ଥାନ:ଓଡଗାଁ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚରେ ଏମଫିସି କୋଲକତା ବନାମ ଓଡ଼ିଶା ପୋଲିସ କଟକ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳପଡିଆ, ସମୟ:ଅପରାହ୍ନ ୩ଟା ।

# ଛତ୍ରପୁର ହେବ ପୌର ପରିଷଦ: ଚିଠା ବିଜ୍ଞପ୍ତି ପ୍ରକାଶ

**ଛତ୍ରପୁରକୁ କ୍ଷୁଦ୍ରତର ସହରାଞ୍ଚଳ ଭାବେ ଚିହ୍ନଟ କରାଯାଇଛି**

ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)

ଗଞ୍ଜାମ ଜିଲାର ଛତ୍ରପୁର ଏନ୍‌ଏସିକୁ ପୌର ପରିଷଦ (ମ୍ୟୁନିସିପାଲିଟି) କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ ଦ୍ୱାରା ରହିଥିବା କ୍ଷମତାର ପ୍ରୟୋଗକରି ରାଜ୍ୟପାଳ ଛତ୍ରପୁର ଏନ୍‌ଏସିର ଜନସଂଖ୍ୟା, ଜନସଂଖ୍ୟାର ସାନ୍ଦ୍ରତା, ସ୍ଥାନୀୟ ପ୍ରଶାସନ ନିମନ୍ତେ ସଂଗୃହୀତ ରାଜସ୍ୱ, ଅଣକୃଷି କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିମାନଙ୍କ ଶତକଡ଼ା ହାର ଓ ଉକ୍ତ କ୍ଷେତ୍ରର ଅର୍ଥନୈତିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳକୁ କ୍ଷୁଦ୍ରତର ସହରାଞ୍ଚଳ ଭାବେ ବିନିର୍ଦ୍ଦିଷ୍ଟ କରିଛନ୍ତି। ଏହି କ୍ଷୁଦ୍ରତର ସହରାଞ୍ଚଳର କ୍ଷେତ୍ରଗୁଡ଼ିକରେ ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବାର ସମ୍ଭାବନା ରହିଛି ସେମାନଙ୍କଠାରୁ ବିଜ୍ଞପ୍ତି ପ୍ରକାଶର ୩୦ଦିନ ମଧ୍ୟରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଜରିଆରେ ଲିଖିତ ଆକାରରେ ଆପତ୍ତି ଓ ପରାମର୍ଶ ହେବା ପାଇଁ କୁହାଯାଇଛି। ଯେଉଁ ଆପତ୍ତି ଓ ପରାମର୍ଶ ମିଳିବ ସେଗୁଡ଼ିକୁ ରାଜ୍ୟ ସରକାର ବିଚାର କରିବେ ବୋଲି କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ପହିଲାରୁ ୩ ଡିଗ୍ରୀ ...

ସେହିପରି ରାତି ତାପମାତ୍ରା ୪.୮ ଡିଗ୍ରୀ(କୋରାପୁଟ)ରୁ ୧୬.୫ ଡିଗ୍ରୀ(ଗୋପାଳପୁର) ମଧ୍ୟରେ ରହିଥିଲା। ରବିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ସୋନପୁର, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି। ଅନ୍ୟପଟେ ଘନକୁହୁଡ଼ି ନେଇ କନ୍ଧମାଳ, କୋରାପୁଟ ଓ ନୟାଗଡ଼ ଆଦି ଜିଲାର କିଛି ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ କଥା ଥିଲା ମନରେ**
**କାଳୀ କି ଘେନି କି ଘର କରିବି**
**ଗୋରୀ କି ଛାଡ଼ିଲି ବନରେ ?**

ଭଲକୁ ଆଶା କରି ଭେଲ ମିଳିଲେ ମନର ସରାଗ ମରିଯାଏ। ପରିସ୍ଥିତିରେ ପଡ଼ି ସୁନ୍ଦରୀ ଝିଅକୁ ଛାଡ଼ି ଅସୁନ୍ଦରୀ ଝିଅଟିକୁ ବିବାହ କରିଥିବା ଯୁବକଟିର ଅସହାୟ ଅବସ୍ଥା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ନାହାରେ ଗୋଡ଼େ,**
**ସେ ନାହାରେ ଗୋଡ଼େ।**

ଦୁଇ ନାଆରେ ଗୋଡ଼ ଦେଲେ ମଝି ଦରିଆରେ ବୁଡ଼ି ମରିବା ହିଁ ସାର ହୋଇଥାଏ। ଦୁଇପଟକୁ ଆଶା କରିଥିବା ବ୍ୟକ୍ତି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ରଖିଥିବା ଆଶା ଆଶାରେ ହିଁ ରହିଯାଇଥାଏ। ଦୁଇପକ୍ଷକୁ ଆଶ୍ରା କରି ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅଫ୍‌ଲାଇନରେ...

ବିଭାଗର ୱେବ୍‌ସାଇଟ, ଆପ୍ଲିକେଶନ କିମ୍ବା ଆର୍‌ଟିଓରେ ଅର୍ଥ ପୈଠ ପାଇଁ ଏସ୍‌ଟିଏ ଦ୍ୱାରା ପରାମର୍ଶ ଦିଆଯାଉଛି। ସାଧୁତା, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ପୂର୍ବରୁ ଅନ୍‌ଲାଇନରେ ଅର୍ଥ ପୈଠ ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ଅଫ୍‌ଲାଇନ ବ୍ୟବସ୍ଥାରେ ମଧ୍ୟ ଅର୍ଥ ଗ୍ରହଣ ପାଇଁ ଗତ କିଛିଦିନ ଧରି ଜନସାଧାରଣ ଦାବି କରି ଆସୁଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାନୁସାରେ, ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନରେ ମଧ୍ୟ ଅପଡେଟ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥ ରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ। ଅଫ୍‌ଲାଇନ ବ୍ୟବସ୍ଥାରେ ସାଧୁତା ଏବଂ ପାରଦର୍ଶିତାକୁ ସର୍ବୋତ୍ତମ ପ୍ରାଧାନ୍ୟ ସହ ଜନସାଧାରଣଙ୍କୁ ଉତ୍ତମ ସହାୟତା ପ୍ରଦାନ ପାଇଁ ଆର୍‌ଟିଓମାନଙ୍କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଫେବୃଆରୀରୁ ସବୁ ...

କଟିଗଲା। ଫଳରେ ଲୋକେ ଏକପ୍ରକାର ଭୟଭୀତ ହୋଇଗଲେ। ସିଧାସଳଖ ୧୦ ହଜାର ଟଙ୍କା ଜରିମାନାର ପ୍ରଭାବ ଏପରି ପଡ଼ିଲା ଯେ ମାଲିକମାନେ ଏହାପରଠାରୁ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଆଗରେ ଲାଇନ ଲଗାଇଲେ। ଏହାସହ ଲୋକଙ୍କ ନିକଟରୁ ବିଭିନ୍ନ ପ୍ରକାର ଅଭିଯୋଗ ମଧ୍ୟ ସାଧାରଣରେ ପ୍ରକାଶ ପାଇଲା। ଫଳରେ ସରକାର ଏହି କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟାକୁ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧିକଲେ। ଏବେ ସରକାରଙ୍କ ପକ୍ଷରୁ ଏହାକୁ ନେଇ ଏକ ବଡ଼ ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀରୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ହେବ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଫେବୃଆରୀରୁ ଗ୍ରୀନ୍ ଷ୍ଟିକର ଲାଗିବ। ମୋଟର ଭେହିକଲ ଆକ୍ଟ ଅନୁସାରେ ଗାଡ଼ି ମାଲିକମାନେ ସବୁପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ହେବ। ପିୟୁସିସି ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି ତାହା କିପରି କୋହଳ କରାଯାଇପାରିବ ସେଥିପାଇଁ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଉଭୟ ନୂଆ ପୁରୁଣା ଗାଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି। ତାହାର ତର୍ଜମା କଡ଼ାକଡ଼ି ଭାବେ କରାଯିବ। ଅନ୍ୟପଟେ ପରିବହନ ବିଭାଗ ପକ୍ଷରୁ ଗ୍ରୀନ୍ ଷ୍ଟିକର ଯୋଗାଇ ଦିଆଯିବ। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କୋହଳ କରାଯାଇଛି। ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି କୋହଳ କରିବାକୁ ସବୁ ଦିଗରୁ ତର୍ଜମା କରାଯାଉଛି। ଅନ୍ୟ ରାଜ୍ୟରେ ସବୁ ଫାଇନ୍ କମ୍ ରହିଛି, ସେସବୁ ଦିଗରୁ ଓଡ଼ିଶା କ୍ଷେତ୍ରରେ ପର୍ଯ୍ୟାଲୋଚନା ଚାଲିଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜଳିଗଲେ ଦୋକାନୀ....



ସୁବାସ ଚନ୍ଦ୍ର ମଲ୍ଲିକ

ପୋଲିସ ନଂ.୩୪୯/୨୫ରେ ମାମଲା ରୁଜୁ କରି ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସାଇଣ୍ଟିଫିକ୍ ଟିମ୍ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନକୁ ଯାଇ ଘଟଣାର ବିଭିନ୍ନ ଦିଗରୁ ଅନୁଧ୍ୟାନ କରୁଛନ୍ତି । ସୁବାସଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ କଳାବୁଦା ବଜାର ଦୋକାନୀ ଓ ଗୋବିନ୍ଦପୁର ଗ୍ରାମର ଜନସାଧାରଣ ଘଟଣାର ନିରପେକ୍ଷ ତଦନ୍ତ ଦାବିକରି ଟାୟାର ଜାଳି କଳାବୁଦା ବଜାର ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଓ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ସୁବାସ ଚନ୍ଦ୍ର ମଲ୍ଲିକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ଘରକୁ ଭଡ଼ାରେ ନେଇ ସେଥିରେ କପଡ଼ା ଡ୍ରେସ୍ ଓ ପନିପରିବା ଆଦି ବ୍ୟବସାୟ କରନ୍ତି। ଶୁକ୍ରବାର ରାତିରେ ସେ ସାଙ୍ଗମାନଙ୍କ ସହ ମିଶି ଭୋଜି କରିଥିଲେ। ରାତି ପ୍ରାୟ ୧୧ଟାରେ ସୁବାସ ତାଙ୍କ ବାପାଙ୍କ ପାଇଁ ମାଂସ ତରକାରି ଆଣି ଘରେ ଦେଇଥିଲେ। ପରେ ସେ ଦୋକାନକୁ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୩ଟା ସମୟରେ ମହାଦେବ ପୂଜକ ନଳିନୀ ପଣ୍ଡା ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ତୁମ ଦୋକାନରେ ନିଆଁ ଲାଗିଛି ବୋଲି ଡାକ ପକାଇଥିଲେ। ଡାକ ଶୁଣି ଅରକ୍ଷିତ, ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ବାରୁଣୀ ଦୁର୍ଗାମଣ୍ଡପ ନିକଟରେ ଥିବା ଦୋକାନ ପାଖରେ ପହଞ୍ଚିଥିଲେ। ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ମଲ୍ଲିକ ଘର କବାଟ ବାହାର ପଟୁ ବନ୍ଦ ଥିବା ଦେଖି ଖୋଲିବା ବେଳକୁ ସୁବାସଙ୍କର ମୃତ୍ୟୁ ହୋଇ ସାରିଥିଲା।

ସୁବାସଙ୍କ ସ୍ତ୍ରୀ ଜୟଶ୍ରୀ ମଲ୍ଲିକ, ପୁଅ ଓଁ ପ୍ରକାଶ, ବାପା ଅରକ୍ଷିତ, ଦାଦା ଗଣେଶ ସୁବାସଙ୍କୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ସହ ସମ୍ପୃକ୍ତ ଦୋଷୀ ଦଣ୍ଡ ପାଇବା ଦରକାର ବୋଲି କହିଛନ୍ତି। ଏପରିକି ଦୁର୍ଗାମଣ୍ଡପ ସମ୍ମୁଖରେ ଥିବା ମଇଁଷି ଉପରେ ସିଂହ ସିମେଣ୍ଟ ମୂର୍ତ୍ତି ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି ।

## ଅଭୟାରଣ୍ୟ ସୁରକ୍ଷା ...

୪ ଜଣ ଡେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଆଦିବାସୀ ପରିବାରର। ସେମାନେ ପିଲାଦିନରୁ ଅଭୟାରଣ୍ୟକୁ ଲୋକଙ୍କ ଅନୁପ୍ରବେଶ, ବନଜନ୍ତୁଙ୍କଠାରୁ ଫସଲର ସୁରକ୍ଷା, ଅଭୟାରଣ୍ୟକୁ ଓଡ଼ିଶା-ଛତିଶଗଡ଼ ସୀମାରୁ ବନ୍ୟଜନ୍ତୁଙ୍କ ଅନୁପ୍ରବେଶ ଆଦି ସହିତ ଆଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଆସିଛନ୍ତି। ତେବେ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତା, ନିର୍ଭୀକ ମନୋଭାବ ଏବଂ ଜୀବନରେ କିଛି କରିଦେଖାଇବାର ଅଭିଳାଷକୁ ଦୃଷ୍ଟିରେ ରଖି ସେମାନଙ୍କୁ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ନିଯୁକ୍ତି ଦିଆଯାଇଛି। ସେମାନେ ଗତ ଅକ୍ଟୋବର ମାସରୁ ତାଲିମ ନେଉଛନ୍ତି। ଆସନ୍ତା ୨୦୨୬ ଜାନୁଆରୀ ୧ରେ ସେମାନଙ୍କ ତାଲିମ ଶେଷ ହେବ ଏବଂ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ସୁରକ୍ଷା ସ୍କ୍ୱାଡ୍ ରୂପେ କାର୍ଯ୍ୟାରମ୍ଭ କରିବେ। ସେମାନଙ୍କୁ ଡେବ୍ରିଗଡ଼ର ଫ୍ରଣ୍ଟଲାଇନ୍ ମହିଳା କର୍ମଚାରୀ ଓ ଅଭୟାରଣ୍ୟରେ ନିୟୋଜିତ ପୂର୍ବତନ ସେନା ଅଧିକାରୀଙ୍କ ଦ୍ୱାରା ୩ ମାସ ଧରି କଠୋର ଶାରୀରିକ ତାଲିମ ଦିଆଯାଇ



ଡେବ୍ରିଗଡ଼ ଅଭୟାରଣ୍ୟ ପ୍ରବର୍ତ୍ତନ ସ୍କ୍ୱାଡରେ ନବନିଯୁକ୍ତ ମହିଳା।

ଏହି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଛି। ନବନିଯୁକ୍ତ ୫ ମହିଳା ସ୍କ୍ୱାଡଙ୍କ ମଧ୍ୟରୁ ନିବେଦିତା ରାଉତ ଓ ଅଲିଭା କାଲୋ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ସେମାନଙ୍କୁ ସ୍କୁବ୍ ଡାଇଭିଂରେ ମଧ୍ୟ ତାଲିମ ଦିଆଯାଇଛି ଓ ହୀରାକୁଦ କର୍ତ୍ତୃପକ୍ଷଙ୍କ ସୁପାରିସ୍‌ରେ ଉଭୟ ଖୁବ୍‌ଶୀଘ୍ର ଭଦ୍ରକ ଜିଲା ଚାନ୍ଦବାଲିରେ ସ୍କୁବ୍ ଡାଇଭିଂ ତାଲିମ ଶିବିରରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ବନଖଣ୍ଡ ଅଧିକାରୀ ଦାସ। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଡେବ୍ରିଗଡ଼ ଅଭୟାରଣ୍ୟରେ ନିୟୋଜିତ ପ୍ରବର୍ତ୍ତନ ସ୍କ୍ୱାଡରେ ୧୫୦ଜଣ କର୍ମଚାରୀ ବର୍ଷତମାମ କାର୍ଯ୍ୟ କରନ୍ତି। ସମାନଙ୍କ ମଧ୍ୟରେ ୨୬ ଜଣ ପୂର୍ବତନ ସେନା ଅଧିକାରୀ ମଧ୍ୟ ଅଛନ୍ତି। ଏହି ନିଯୁକ୍ତି ପାଇଲା ପରେ ନିଜ ପ୍ରତିକ୍ରିୟାରେ ଅଞ୍ଜଳି ଟପ୍ପୋ କହିଛନ୍ତି, ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ସାମିଲ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଯଦ୍ୱାରା ମୁଁ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବି। ଏହାକୁ ନେଇ ପିସିସିଏଫ୍ ପି.କେ.ଝା କହିଛନ୍ତି, ସୁରକ୍ଷାରେ ମହିଳାମାନଙ୍କ ଅଂଶଗ୍ରହଣ ଅଭୟାରଣ୍ୟ ସୁରକ୍ଷା ଦିଗରେ ସଂଲଗ୍ନ ଗ୍ରାମବାସୀଙ୍କୁ ଉତ୍ସାହିତ କରିବାରେ ସହାୟକ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ରରେ ବୃହସ୍ପତି କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରି ନେବେ। ନିଜର ସମ୍ପର୍କୀୟମାନଙ୍କ କୌଣସି ଘରୋଇ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ**



କର୍ମକ୍ଷେତ୍ରରେ ରାହୁଙ୍କ ସ୍ଥିତିଜନିତ ଅସମ୍ପୂର୍ଣ୍ଣ କାର୍ଯ୍ୟ ସକାଶେ ଅନୁତାପ କରିବେ। ନିଜର ସ୍ୱାର୍ଥ ହାସଲ ସକାଶେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ କାମ କଲେ ପ୍ରଶଂସିତ ହେବେ। ସଙ୍ଗୀତ ଆସରରେ ଯୋଗଦେଇ ସୁନାମ ଅର୍ଜନ କରିବାର ସୁଯୋଗ ପାଇପାରନ୍ତି।

**ମିଥୁନ**



ଶନି ସହ ଚନ୍ଦ୍ରଙ୍କ ସଂଯୋଗରୁ ଆଳସ୍ୟ ଓ ଅବହେଳାଜନିତ ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ବନ୍ଧୁମେଳରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଅର୍ଥ ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ**



ରାଶ୍ୟାଧିପ ଭାଗ୍ୟସ୍ଥାନରେ ରହିବା ଯୋଗୁ ଯେଉଁ କାମ ଆରମ୍ଭ କରିବେ ସଫଳତା ନିଶ୍ଚିତ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ହେତୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କିନ୍ତୁ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଅସଫଳତାଜନିତ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ**



ଚନ୍ଦ୍ରଙ୍କ କେନ୍ଦ୍ରରେ ରବି ଯୋଗୁ ସମ୍ପର୍କୀୟଙ୍କ ସହାୟତାରେ ଅସ୍ଥିରତା ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**



ତିନୋଟିଗ୍ରହ କର୍ମସ୍ଥ ବୃହସ୍ପତିଙ୍କୁ ଦେଖୁଥିବାରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କରଜଦାତାଙ୍କ ଚାପ ବୃଦ୍ଧି ମାନସିକ ଅଶାନ୍ତିର କାରଣ ହେବ। ଦୂରରେ ରହୁଥିବା ବ୍ୟକ୍ତି ପରିବାରକୁ ମନେପକାଇ ନିଃସଙ୍ଗତାବୋଧ କରିପାରନ୍ତି। ବାଣିଜ୍ୟ ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହୁଥିବାରୁ ମନସ୍ତାପ କରିପାରନ୍ତି।

**ତୁଳା**



ଭାଗ୍ୟସ୍ଥାନରେ ଷଷ୍ଠାଧିପ ଚନ୍ଦ୍ର କେନ୍ଦ୍ରରେ ରହି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ମତପାର୍ଥକ୍ୟଜନିତ ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା**



ଶନି ଓ ଚନ୍ଦ୍ର କୋଣଭାବରେ ଥିବାରୁ ପୂର୍ବ ପରିକଳ୍ପିତ ଯୋଜନା ବିଗିଡ଼ିଯିବାରୁ ମନ ଦୁଃଖ ହୋଇପାରେ। ପରିବାରରେ ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ସରକାରୀ ସ୍ତରରୁ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**



ଚନ୍ଦ୍ରଙ୍କ ଦୁଃସ୍ଥାନରେ ରାହୁଥିବାରୁ କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କଲେ ସଫଳତା ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ମନଗଢ଼ା କଥା କହି ସମସ୍ୟା ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ହଠାତ୍ ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର**



ଦ୍ୱାଦଶସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବାରମ୍ବାର ଭ୍ରମଣ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ**



ଚତୁର୍ଥାଧିପ ଶୁକ୍ରଙ୍କ ପ୍ରଭାବରୁ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବା ସହ କାମକୁ ଆସିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। କର୍ମକ୍ଷେତ୍ରରେ ଆଶା କରୁଥିବା ସୁଯୋଗ ଆପଣାଛାଏଁ ଆସିବ ଏବଂ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ।

**ମୀନ**



କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ରାହୁଦୃଷ୍ଟ ବୃହସ୍ପତିଜନିତ କ୍ଳାନ୍ତିବୋଧ ସାଙ୍ଗକୁ ଦେହ ଭଲ ରହି ନ ପାରେ। ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ସ୍ୱତନ୍ତ୍ର ନିମନ୍ତ୍ରିତ ହୋଇ ପରିଜନଙ୍କ ସହିତ ବନ୍ଧୁଙ୍କ ଗୃହକୁ ଯାତ୍ରା କରିପାରନ୍ତି।

ଆଜି ଡିସେମ୍ବର ୨୮ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଦିବା ଘ.୦୮।୪୨ମି. ଗତେ, ରେବତୀ ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୭ ଗତେ ଘ.୦୯।୧୬ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୦୨ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୩।୫୧ମି. ଗତେ ଘ.୦୫।୧୨ମି. ମଧ୍ୟେ ରାହୁକାଳ ॥

# ଥାଇଲାଣ୍ଡ, କାମ୍ବୋଡ଼ିଆ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ସ୍ୱାକ୍ଷର

ବ୍ୟାଙ୍କକ୍,୨୭।୧୨

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦକୁ ନେଇ ଗତ କିଛି ସପ୍ତାହ ହେଲା ସଂଘର୍ଷ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ଶନିବାର ୨ ଦେଶ ଏକ ଯୁଦ୍ଧବିରତି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ତଦନୁଯାୟୀ ସାମରିକ ଅଭିଯାନ ବନ୍ଦ ହେବା ସହ ସାମରିକ ଉଦ୍ଦେଶ୍ୟରେ ବାୟୁସୀମା ଉଲ୍ଲଂଘନ ଲାଗି ଆହ୍ୱାନ ଦିଆଯାଇଛି। ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପୂର୍ବରୁ ଶନିବାର ସକାଳେ ଥାଇଲାଣ୍ଡ କାମ୍ବୋଡ଼ିଆ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା ବୋଲି କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଯୁଦ୍ଧବିରତିର ୭୨ ଘଣ୍ଟା ପରେ ଜୁଲାଇରୁ ବନ୍ଦୀ ଥିବା ୧୮ କାମ୍ବୋଡ଼ିଆ ସୈନ୍ୟଙ୍କୁ ଫେରାଇଦେବା ପାଇଁ ଥାଇଲାଣ୍ଡକୁ କୁହାଯାଇଛି। କାମ୍ବୋଡ଼ିଆ ପକ୍ଷରୁ ଏହା ମୁଖ୍ୟ ଦାବି ଥିଲା।

# ୫ରୁ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ

## ଦେଶବ୍ୟାପୀ ଆନ୍ଦୋଳନ କରିବ କଂଗ୍ରେସ

ନୂଆଦିଲ୍ଲୀ,୨୭।୧୨(ପି.ଟି.)

ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି ଜି-ରାମ-ଜି ଆଇନ ଆଣିଥିବାରୁ ଏହାକୁ ବିରୋଧ କରି କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଶନିବାର ଘୋଷଣା କରିଛି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନାମରେ ଉପା ସରକାର ସମୟରୁ ଚାଲିଆସୁଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ଉଚ୍ଛେଦ କରାଯିବା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ଏହା ବିରୋଧରେ ଜାନୁଆରୀ ୫ରୁ କଂଗ୍ରେସ ଦେଶବ୍ୟାପୀ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ ଚଳାଇବ। ଏହି ଆନ୍ଦୋଳନ ପୂର୍ବରୁ କେନ୍ଦ୍ର ଆଣିଥିବା ୩ ବିବାଦୀୟ କୃଷି ଆଇନ ବିରୋଧରେ ହୋଇଥିବା ଆନ୍ଦୋଳନ ସଦୃଶ ହେବ। କୃଷକମାନଙ୍କ ଆନ୍ଦୋଳନ ଯୋଗୁ ନରେନ୍ଦ୍ର ମୋଦି ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।




କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ବର୍ତ୍ତମାନର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ। ( ଫଟୋ- ଚମନ ଗୌତମ)

୨୦ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି-ଜି ରାମ ଜି ବିଲ୍ ଆଣିଥିଲେ, ଯାହା ସଦ୍ୟସମାପ୍ତ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବିପକ୍ଷ ଦଳଗୁଡ଼ିକର ଜୋର୍‌ଦାର ବିରୋଧ ମଧ୍ୟରେ ଗୃହୀତ ହୋଇଥିଲା। ନୂଆ ଆଇନରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ବର୍ଷକୁ ୧୨୫ ଦିନ ନିଶ୍ଚିତ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) କେବଳ ଏକ ଯୋଜନା ନୁହେଁ ବରଂ ସମ୍ବିଧାନ ପ୍ରଦତ୍ତ କାର୍ଯ୍ୟ କରିବା ଅଧିକାର। ଏହାକୁ ଉଚ୍ଛେଦ କରାଯିବାକୁ ନେଇ ଜନସାଧାରଣ କ୍ଷୁବ୍ଧ ହୋଇଛନ୍ତି। ସରକାରଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଖାର୍ଗେ କହିଛନ୍ତି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ସମ୍ପର୍କିତ ବହୁ ଉଦାହରଣ ଓ ତଥ୍ୟ ଦେଇଛନ୍ତି। ଭାଜପା ଏବଂ ନିର୍ବାଚନ କମିଶନ ମଧ୍ୟରେ ସଲାସୁତୁରା ଚାଲିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ଯେପରି ଲୋକମାନଙ୍କ ନାମ ନ ହଟେ, ଦଳିତ, ଆଦିବାସୀ, ଅତ୍ୟଧିକ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ନାମ ଯେପରି ନ କଟେ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ବିହାର ନିର୍ବାଚନରେ ପରାଜୟ ପରେ ପ୍ରଥମ ଥର ପାଇଁ ସିଡବ୍ଲ୍ୟୁସି ବୈଠକ ବସିଥିଲା। ଏଥିରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନେତା ଶଶୀ ଥରୁର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଅଲ୍ଲୁ ଅର୍ଜୁନଙ୍କ ନାଁରେ ଚାର୍ଜଶିଟ୍

## ପୁଷ୍ପା-୨ ଦଳାଚକଟା ମାମଲା

ହାଇଦ୍ରାବାଦ,୨୭।୧୨(ପି.ଟି.)



ପୁଷ୍ପା-୨ ଚଳଚ୍ଚିତ୍ର ପ୍ରିମିୟରବେଳେ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ହାଇଦ୍ରାବାଦ ପୋଲିସ ଚଳଚ୍ଚିତ୍ରର ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସମେତ ୨୩ ଅଭିଯୁକ୍ତଙ୍କ ବିରୋଧରେ ଏକ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଥିଏଟର ପରିଚାଳନା କର୍ତ୍ତୃପକ୍ଷଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଥିବାବେଳେ ଅଲ୍ଲୁ ଅର୍ଜୁନ ୧୧ ନମ୍ବର ଅଭିଯୁକ୍ତ ଅଛନ୍ତି। ଗତବର୍ଷ ଡିସେମ୍ବର ୪ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ପୁଷ୍ପା-୨ର ପ୍ରିମିୟର ବେଳେ ଦଳାଚକଟାରେ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ୮ ବର୍ଷର ପୁଅ ଆହତ ହୋଇଥିଲେ। ଅଭିନେତାଙ୍କୁ ଦେଖିବବା ପାଇଁ ପ୍ରଶଂସକଙ୍କ ଅତ୍ୟଧିକ ଭିଡ଼ରୁ ଦଳାଚକଟା ଘଟିଥିଲା। ଏହି ମାମଲାରେ ଅଲ୍ଲୁ ପୂର୍ବରୁ ଗିରଫ ହେବା ସହ ତାଙ୍କ ସମେତ ସୁରକ୍ଷା ଟିମ୍ ଓ ଥିଏଟର ମ୍ୟାନେଜ୍‌ମେଣ୍ଟ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେହିବର୍ଷ ଡିସେମ୍ବର ୧୪ରେ ତେଲଙ୍ଗାନା ହାଇକୋର୍ଟ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ଓ ପରେ ନିୟମିତ ଜାମିନ ପ୍ରଦାନ କରିଥିଲେ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ 'ଅପରେଶନ ଆଘାତ': ୬୬୦ ଗିରଫ

ନୂଆଦିଲ୍ଲୀ,୨୭।୧୨

ନୂଆବର୍ଷ ପାଳନ ପୂର୍ବରୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ଶନିବାର 'ଅପରେଶନ ଆଘାତ' ନାମରେ ବଡ଼ ଧରଣର ଚଢ଼ାଉ କରାଯାଇଛି। ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଦିଲ୍ଲୀ ଜିଲାରେ ଚଢ଼ାଉ ବେଳେ ୬୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯିବା ସହ ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର, ବିପୁଳ ନଗଦ ଅର୍ଥ, ବେଆଇନ ମଦ, ଡ୍ରଗ୍ସ ଏବଂ ଅନ୍ୟାନ୍ୟ ଚୋରି ଜିନିଷ ଜବତ ହୋଇଛି। ଉତ୍ସବ ସମୟରେ ଅପରାଧକୁ ରୋକିବା ଲକ୍ଷ୍ୟରେ ଏହି ଚଢ଼ାଉ ଆରମ୍ଭ ହୋଇଛି। ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସମନ୍ୱିତ ତଲାସି କରାଯାଇ ୨୪ ଘଣ୍ଟା ମଧ୍ୟରେ ବହୁ ଅପରାଧୀଙ୍କୁ ହାଜତ ମଧ୍ୟକୁ ନିଆଯାଇଛି। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଜିଲା ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଥିଲା। କେବଳ ଦକ୍ଷିଣ-ପୂର୍ବ ଜିଲାରୁ ୨୮୫ ଜଣଙ୍କୁ ଅସ୍ତ୍ରଶସ୍ତ୍ର ଆଇନ, ଅବକାରୀ ଆଇନ, ଏନ୍‌ଡିପିଏସ୍ ଆଇନ ଏବଂ ଜୁଆ ଆଇନ ବଳରେ ଗିରଫ କରାଯାଇଛି। ଅଭିଯାନ ଅବସରରେ ୨,୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରାଯାଇଥିଲା ବୋଲି ଦିଲ୍ଲୀ ପୋଲିସର ଯୁଗ୍ମ କମିଶନର ଏସ୍.କେ. ଜୈନ କହିଛନ୍ତି।

# ବାଂଲାଦେଶୀ ଗାୟକଙ୍କ ଶୋ' ସ୍ଥଳରେ ଆକ୍ରମଣ: ୨୫ ଆହତ

ଢାକା,୨୭।୧୨

ବାଂଲାଦେଶର ଲୋକପ୍ରିୟ ରକ୍ ସିଙ୍ଗର ଜେମ୍ସଙ୍କର ଫରିଦପୁରରେ ଶୁକ୍ରବାର ରାତି ୯ଟାରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ହେବାର ଥିଲା। ସ୍ଥାନୀୟ ସ୍କୁଲ୍‌ର ବାର୍ଷିକ ଉତ୍ସବ ଅବସରରେ ଏହି ଶୋ' ହୋଇଥାନ୍ତା। ତେବେ ଶୋ' ଆରମ୍ଭ ହେବାର କିଛି ସମୟ ପୂର୍ବରୁ କେତେଜଣ ଆକ୍ରମଣକାରୀ ଜବରଦସ୍ତ ସେଠାରେ ପ୍ରବେଶ କରି ଗହଳି ମଧ୍ୟକୁ ଟେକାପଥର ମାଡ଼ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ସଂଘର୍ଷ ଘଟି ଅନ୍ୟୁନ ୨୫ ଜଣ ଆହତ ହୋଇଛନ୍ତି। ଫଳରେ ଜେମ୍ସଙ୍କ ସଙ୍ଗୀତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି।



ଗତ କିଛି ସପ୍ତାହ ହେଲା ବାଂଲାଦେଶର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଉପରେ ଆକ୍ରମଣ ଓ ଭଙ୍ଗାରୁଜା ଘଟଣା ଘଟିଚାଲିଛି। ଫରିଦପୁର ଜିଲା ସ୍କୁଲ୍‌ର ୧୮୫ତମ ଜନ୍ମବାର୍ଷିକୀ ଅବସରରେ ସେଠାରେ ଜେମ୍ସଙ୍କ କନ୍‌ସର୍ଟ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଉତ୍ତେଜନା ଯୋଗୁ ଏହାକୁ ବାତିଲ କରିଦିଆଯାଇଛି।

# ଆସାମରେ ୧୦.୫୬ ଲକ୍ଷ ଭୋଟର ବାଦ୍

## ଏସ୍‌ଆଇଆର୍

## ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

ଗୁଆହାଟୀ,୨୭।୧୨

ଆସାମରେ ବିଧାନସଭା ନିର୍ବାଚନ ଆଗାମୀ ୬ ମାସରୁ କମ୍ ସମୟ ମଧ୍ୟରେ ହେବାକୁ ଥିବାବେଳେ ଉକ୍ତ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଜାରି ରହିଛି। ଶନିବାର ପ୍ରକାଶିତ ଚିଠା ଭୋଟର ତାଲିକାରେ ୧୦.୫୬ ଲକ୍ଷ ଲୋକଙ୍କ ନାମ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଚିଠା ତାଲିକା ଅନୁଯାୟୀ ଆସାମରେ ୨,୫୧,୦୯,୭୫୪ ଭୋଟର ରହିଛନ୍ତି। ୯୩୦୨୧ ସନ୍ଦିଗ୍ଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହାବ୍ୟତୀତ ମୃତ୍ୟୁ, ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଏକାଧିକ ସ୍ଥାନରେ ନାଁ ଥିବା କାରଣରୁ ୧୦,୫୬,୨୯୧ ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଉପଯୁକ୍ତ ନାଗରିକତ୍ୱ ପ୍ରମାଣ ଅଭାବରୁ ଆସାମ ସରକାରଙ୍କ ଦ୍ୱାରା ବଞ୍ଚିତ ହୋଇଥିବା ଲୋକମାନଙ୍କୁ ସନ୍ଦିଗ୍ଧ ଭୋଟର ବର୍ଗରେ ନିଆଯାଇଛି। ବିଦେଶୀ ଆଇନ, ୧୯୪୬ ଅନୁଯାୟୀ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ସନ୍ଦିଗ୍ଧ ଭୋଟରଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କୁ ଭୋଟର ପରିଚୟପତ୍ର ଦିଆଯାଇନାହିଁ।



ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। -ଶ୍ରୀଅରବିନ୍ଦ

# ଉଦ୍ଦେଶ୍ୟ ଓ ଉଦାସୀନତା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛି ଏବଂ ଏହା ତାହାର ମୂଳ ଉଦ୍ଦେଶ୍ୟ। ଦଳ କ୍ଷମତାରେ ଅଛି ଏବଂ ତାହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ବହୁ ସଂଖ୍ୟକ ଭାରତୀୟ ଚାହୁଁଛନ୍ତି। ବାସ୍ତବରେ ଦେଖିଲେ ଏମାନଙ୍କ ସଂଖ୍ୟା କମ୍ ବୋଲି ପ୍ରତ୍ୟେକ ନିର୍ବାଚନରୁ ଜଣାପଡ଼ିଛି। ତଥାପି ଭାଜପା ତା' ଉଦ୍ଦେଶ୍ୟ ପୂରଣ ପାଇଁ ଆଗକୁ ବଢୁଛି। ଯେଉଁମାନେ ସଂଖ୍ୟାଗରିଷ୍ଠ ରହିଲେ ସେମାନେ ଏହାକୁ ପ୍ରତିରୋଧ କରିବାରେ ଅସମର୍ଥ ଏବଂ ତାହା ହେଉଛି ସେମାନଙ୍କ ଉଦାସୀନତା। ଆଶା କରାଯାଉଛି ସରକାର ସୃଷ୍ଟି କରୁଥିବା ସମସ୍ୟାଗୁଡ଼ିକୁ ବିରୋଧୀ ଦଳ, ସଂସଦ ଏବଂ ନ୍ୟାୟ ବ୍ୟବସ୍ଥା ନିୟନ୍ତ୍ରଣ କିମ୍ବା ସମାଧାନ କରିପାରିବେ। କିନ୍ତୁ ଏହା ସମ୍ଭବ ହୋଇନାହିଁ ଏବଂ ନୂତନ ବର୍ଷରେ ହେବ ନାହିଁ। ଯେଉଁମାନେ ଭାଜପାର ବିଚାରଧାରାକୁ ନୂଆକରି ଦେଖୁଛନ୍ତି ସେମାନେ ଜାଣିବା ଦରକାର ଯେ, ଭାଜପା ସଂଖ୍ୟାଲଘୁ ଭାରତୀୟ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କୁ ନିର୍ଯାତନା ଦେବାକୁ ଏବଂ କ୍ଷତି କରିବାକୁ ଚାହୁଁଛି। ଏଭଳି ଉଦ୍ଦେଶ୍ୟ ସାଥୀ ଭାରତୀୟଙ୍କୁ ବିରୋଧ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ଘୃଣା ଭାବ। ଏହି ଭାବନା ଶେଷ ହେବ ନାହିଁ, ଜାରି ରଖିବ। ନୂତନ ବର୍ଷ ୨୦୨୬ରେ ବି ଏହା ଦେଖାଦେବ। ଦଶ ବର୍ଷ ପୂର୍ବେ ଆମେ ଯେଉଁ ଧାରା ଅବ୍ୟାହତ ରଖିଥିଲୁ, ତାହା ୨୦୨୫ରେ ଆପଣାଇଲୁ। ତିନି ମାସ ପୂର୍ବେ ଅର୍ଥାତ୍ ସେପ୍ଟେମ୍ବରରେ ହିନ୍ଦୁ ଏବଂ ମୁସଲମାନ ବିବାହକୁ ନିଷିଦ୍ଧ କରିବାରେ ରାଜସ୍ଥାନ ଦେଶରେ ଅଷ୍ଟମ ରାଜ୍ୟ ହୋଇଗଲା। ୧୯୩୫ ସେପ୍ଟେମ୍ବରରେ ଜର୍ମାନୀ ଇହୁଦୀ ଏବଂ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ବିବାହକୁ ନିଷେଧ କରିଥିଲା। ଏହି ସମ୍ପର୍କଗୁଡ଼ିକୁ 'ଜାତି ଅପବିତ୍ରତା' ଭାବରେ ଦେଖାଯିବାରୁ ବିଶ୍ୱରେ ଭୟାବହ ସ୍ଥିତି ସୃଷ୍ଟି କରିଥିଲା। ଭାରତ ଚତୁରତାର ସହିତ ପ୍ରଣୟନ କରିଥିବା ଆଇନ ମାଧ୍ୟମରେ ଏହି ସମାନ କାର୍ଯ୍ୟ ହାସଲ କରିଛି। ଏହି ଆଇନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ଧର୍ମ ପରିବର୍ତ୍ତନ କରିପାରିବେ କି ନାହିଁ ତାହା ଜଣେ ଅମଲାତନ୍ତ୍ରୀ ନିଷ୍ପତ୍ତି ନେବେ। ବିଗତ କିଛିବର୍ଷ ହେଲା ଭାଜପା ଆଣିଥିବା ଆଇନଗୁଡ଼ିକର କଠୋର ଆଇନଗତ ବ୍ୟବସ୍ଥା ଏଥିରେ ପୁନରାବୃତ୍ତି ହୋଇଛି। ଏଭଳି ଉଦ୍ଦେଶ୍ୟ ବା ମନୋଭାବ ୨୦୧୮ରେ ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟରେ ପ୍ରଥମେ ଦେଖାଯାଇଥିଲା। ଏହି ଆଇନରେ କିଛି ନୂତନତ୍ୱ ଥିଲା। ଏହି ଆଇନ ଆନ୍ତଃଧର୍ମ ବିବାହକୁ ରୋକିବା ପାଇଁ ଉଦ୍ଦିଷ୍ଟ ଏବଂ ଧର୍ମାନ୍ତରୀକରଣକୁ ଏହା ଅପରାଧ ଭାବେ ଦର୍ଶାଇଛି। କିନ୍ତୁ ଏହା କେବଳ 'ପୈତୃକ ଧର୍ମ'କୁ ପରିବର୍ତ୍ତନ କରିବା ପାଇଁ ସ୍ୱୀକୃତି ଦିଏ। ଏହି ଆଇନ ଗୃହୀତ ଏବଂ କାର୍ଯ୍ୟକାରୀ ହୋଇଥିଲେ ମଧ କୋର୍ଟରୁ କୌଣସି ପ୍ରତିରୋଧ ହୋଇ ନ ଥିଲା। ଏହି ପ୍ରକାର ଆଇନ ୨୦୧୯ରେ ହିମାଚଳ ପ୍ରଦେଶ, ୨୦୨୦ରେ ଉତ୍ତର ପ୍ରଦେଶ, ୨୦୨୧ରେ ମଧ୍ୟପ୍ରଦେଶ ଏବଂ ଗୁଜରାଟ, ୨୦୨୨ରେ ହରିୟାଣା ଏବଂ କର୍ନାଟକରେ ଆସିଥିଲା। ଉଲ୍ଲେଖନୀୟ ଯେ କର୍ନାଟକରେ ସରକାର ପରିବର୍ତ୍ତନ ହେଲେ ମଧ ଆଇନ ବଳବତ୍ତର ଅଛି। ସଚେତନ ପାଠକେ ଲକ୍ଷ୍ୟ କରିପାରିବେ ଯେ କୌଣସି ସ୍ଥାନରେ ଏସବୁକୁ ବିରୋଧ କରା ନ ଯିବାରୁ କିଛି ବର୍ଷ ମଧ୍ୟରେ ସ୍ଥିତି ମଜଭୁତ ହୋଇଗଲା। ଗୋମାଂସ ପ୍ରସଙ୍ଗରେ ସମାନ ବିଷୟ ପୁନରାବୃତ୍ତି ହୋଇଛି। ଗୋମାଂସ ରଖିବା ଅପରାଧ ବୋଲି ବିବେଚନା କରୁଥିବା ଆଇନଗୁଡ଼ିକ ପ୍ରଥମେ ୨୦୧୫ରେ ମହାରାଷ୍ଟ୍ର ଏବଂ ହରିୟାଣାର ଭାଜପା ସରକାର ଆଣିଥିଲେ। ଗୋମାଂସକୁ ନେଇ ଭିଡ଼ ହିଂସା ଭଳି ଏକ ନୂଆ ପ୍ରକାର ହିଂସା ଏହି ଆଇନ ସୃଷ୍ଟି କରିଥିଲା। ସାମ୍ବାଦିକତା ଜୀବନ ଭିତରେ ମୁଁ ଏହା ପୂର୍ବରୁ ଭିଡ଼ ହତ୍ୟା ଭଳି କଥା ଶୁଣି ନ ଥିଲି। କିନ୍ତୁ ଏହା ଏବେ ସାଧାରଣ ହୋଇଗଲାଣି। ଆମ ଚାରିପାଖରେ ବହୁ ହତ୍ୟା ଘଟଣା ଘଟୁଛି ଏବଂ ଆମ ଉଦାସୀନତା ଭାଜପାକୁ ତାହାର ଉଦ୍ଦେଶ୍ୟ ପୂରଣ ପାଇଁ ସୁଯୋଗ ଦେଉଛି। ୨୦୧୭ରେ ଗୁଜରାଟ ପାସ୍ କରିଥିବା ଏକ ଆଇନରେ ଗୋ-ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରଖାଗଲା। ଏହା ଏକ ଆର୍ଥିକ ଅପରାଧ, କିନ୍ତୁ କୌଣସି ଅହିଂସକ ଆର୍ଥିକ ଅପରାଧ କ୍ଷେତ୍ରରେ ଆଜୀବନ କାରାଦଣ୍ଡ ହୁଏ ନାହିଁ। ଯେଉଁମାନେ ଅନେକ କୋଟି ଟଙ୍କା ଚୋରି କରୁଛନ୍ତି ସେମାନଙ୍କୁ ଛାଡ଼ି ଦିଆଯିବା ଘଟଣା ଆମେ ଦେଖୁଛୁ।

କିଛି ସପ୍ତାହ ପୂର୍ବେ, ଉତ୍ତର ପ୍ରଦେଶ ସରକାର ସେପ୍ଟେମ୍ବର ୨୦୧୫ରେ ଘଟିଥିବା ପ୍ରଥମ ଅଖଲାକ୍‌ଙ୍କ ଭିଡ଼ ହିଂସାର ଅଭିଯୁକ୍ତଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବାକୁ ଚାହିଁଥିଲେ। ହେଲେ ବିଚାରପତି ଏହାକୁ ପ୍ରତ୍ୟାଖ୍ୟାନ କରି ଏକ ଦଶନ୍ଧିର ପୁରୁଣା ବିଚାର ଜାରି ରହିବ ବୋଲି କହିଛନ୍ତି। ତେବେ ଉଦାସୀନତା ଭରି ରହିଥିବା ଏକ ଦେଶରେ ଆମକୁ ବ୍ୟକ୍ତିଗତ ସ୍ତରରେ ସାହସିକ କାର୍ଯ୍ୟ କରିବାକୁ ପଡ଼ିବ। କେନ୍ଦ୍ରରେ କ୍ଷମତାରୁ ୨୦୦ ନିୟୁତ ଭାରତୀୟ ମୁସଲମାନଙ୍କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଏକ ସାଧାରଣ କଥା। ଭେଦଭାବକୁ ବୈଧ ଭାବେ ବିଚାର କରୁଥିବା ଏକ ଦେଶରେ ଏହା ଘଟିବ। ଏଭଳି ଭେଦଭାବପୂର୍ଣ୍ଣ ଉଦ୍ଦେଶ୍ୟ ଖ୍ରୀଷ୍ଟିଆନଙ୍କ ବାର୍ଷିକ ପର୍ବକୁ ହିଂସାତ୍ମକ ଭାବରେ ବାଧା ଦେବ ଏବଂ ଆମେ ଏହା ଦେଖୁଥିବୁ। ୨୦୧୯ରେ କେବଳ ଗୋଟିଏ ଧର୍ମର ଛାଡ଼ପତ୍ରକୁ ଆପରାଧୀକରଣ କରି ଏକ ଆଇନ ଆସିଥିଲା ଏବଂ ଅନ୍ୟ ସମସ୍ତଙ୍କ ପାଇଁ ଏହା ଏକ ନାଗରିକ ଅପରାଧ ହୋଇ ରହିଛି। ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନରୁ କେବଳ ଗୋଟିଏ ଧର୍ମକୁ ବାଦ ଦେଇ ଏକ ଆଇନ ଆସିଥିଲା। ଗୁଜରାଟରେ ୨୦୧୯ରେ ଆଉ ଏକ କଠୋର ଆଇନ ଅଣାଯାଇଥିଲା, ଯେଉଁଥିରେ ସମ୍ପତ୍ତି କିଣିବା ଏବଂ ଭଡ଼ାରେ ନେବା ପାଇଁ ଗୋଟିଏ ଧର୍ମର ଭାରତୀୟଙ୍କୁ ବାରଣ କରାଯାଇଥିବାବେଳେ ବିଦେଶୀମାନେ ତାହା କରିପାରିବେ ବୋଲି କୁହାଯାଇଛି। ଆମକୁ କୁହାଯାଏ ଯେ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼ିବାରେ ଭାରତ ଆଗରେ ଥିଲା, କିନ୍ତୁ ଆଜି ଆମେ ଆମ ଦେଶରେ ଆରାମରେ ଭେଦଭାବକୁ ଆପଣାଇ ନେଇଛୁ। ଯଦି ଆମେ ଏଥିରେ ଅସନ୍ତୁଷ୍ଟ ଥାଆନ୍ତୁ ତେବେ ଏ ବିଷୟରେ କିଛି ପଦକ୍ଷେପ ନେଇଥାଆନ୍ତୁ। କିନ୍ତୁ ଆମେ ନିଷ୍କ୍ରିୟ ହୋଇଯାଇଛୁ। ତେବେ ଭାଜପାର ଉଦ୍ଦେଶ୍ୟ ଶିଥିଳ ପଡ଼ିବ ନାହିଁ କାରଣ ଏହା କିଛି ହାସଲ କରିବାକୁ ଚାହୁଁଛି। ନାଗରିକ ଉଦାସୀନତା ବି ସେମିତି ରହିବ। ନୂତନ ବର୍ଷରେ ପୁନର୍ବାର ଉଦ୍ଦେଶ୍ୟ ଏବଂ ଉଦାସୀନତାର ପୁନରାବୃତ୍ତି ହେବ।

Email:aakar.patel@gmail.com

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | 2 | 8 | | | 7 | |
| | 6 | | | 1 | | | | |
| | | | | | | 4 | 2 | |
| 4 | | 9 | | | | | | |
| | | | | 7 | | 2 | | |
| | | 3 | | | | 1 | 5 | |
| | 4 | 6 | 7 | | | | | |
| 3 | 8 | | 6 | | 4 | | | |
| 7 | | | | 2 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 4 | 7 | 5 | 8 | 1 | 9 |
| 8 | 7 | 9 | 1 | 2 | 6 | 3 | 4 | 5 |
| 1 | 4 | 5 | 8 | 3 | 9 | 6 | 2 | 7 |
| 9 | 2 | 8 | 3 | 1 | 4 | 5 | 7 | 6 |
| 7 | 1 | 3 | 6 | 5 | 2 | 4 | 9 | 8 |
| 6 | 5 | 4 | 7 | 9 | 8 | 2 | 3 | 1 |
| 3 | 6 | 7 | 2 | 8 | 1 | 9 | 5 | 4 |
| 5 | 8 | 2 | 9 | 4 | 7 | 1 | 6 | 3 |
| 4 | 9 | 1 | 5 | 6 | 3 | 7 | 8 | 2 |

ଗତକାଲିର ଉତ୍ତର

# ସଙ୍କଟରେ ପକ୍ଷୀକୁଳ



ନିରଞ୍ଜନ ସାହୁ

ବିବର୍ତ୍ତନର ସ୍ତରକୁ ଲକ୍ଷ୍ୟ କଲେ ଜଣାଯାଏ ମଣିଷ ଆଗମନର ଢେର ଆଗରୁ ସୃଷ୍ଟି ହୋଇଥିଲେ ଉଦ୍ଭିଦମାନେ ଆଉ କ୍ରମେ ଉଦ୍ଭବ ହୋଇଥିଲେ ବିବିଧ ପ୍ରାଣୀ। ମଣିଷ ହେଉଛି ଶେଷ ପ୍ରାଣୀ। ମଣିଷ ଆସିବା ପରେ ପ୍ରକୃତି କ୍ରମଶଃ ପତନ ଅଭିମୁଖୀ ହୋଇଛି ବୋଲି ବିଚାର କରାଯାଏ ଏବଂ ତା'ର ପ୍ରମୁଖ କାରଣ ହେଲା ମଣିଷର ଧାରଣା ଯେ ସମଗ୍ର ପ୍ରକୃତି ତା'ର ବିଭିନ୍ନ ଉଦ୍ଦେଶ୍ୟ ସାଧନ କରିବା ପାଇ ଉଦ୍ଦିଷ୍ଟ। ମାତ୍ର ବାସ୍ତବ କଥା ହେଲା ପ୍ରକୃତି ବ୍ୟତିରେକ ମଣିଷର ସ୍ଥିତି ଅସମ୍ଭବ ତାହା ମଣିଷ ଜାଣିପାରେ ନାହିଁ। ତାହା ହିଁ ବିଡ଼ମ୍ବନା।

ପ୍ରକୃତିର ବିବିଧ ସମ୍ପଦ ଭିତରେ ଏକ ପରମ ସମ୍ପଦ ହେଉଛି ତା'ର ବିଚିତ୍ର ପକ୍ଷୀକୁଳ। ପକ୍ଷୀମାନେ କ୍ରମାଗତ ଭାବରେ କମିଯାଉଥିବା ଯେ ଏକ ବିରାଟ ସମସ୍ୟା ତାହା ବୁଝିବାକୁ ହୁଏତ ମଣିଷର ବେଳ ନାହିଁ। ଏକ ସ୍ଥୂଳ ଅଥଚ ଅସମତୁଲ ବିକାଶର ନକ୍ସା ଯେ ମଣିଷ ପାଇଁ ମୃତ୍ୟୁର ଘଣ୍ଟା ବଜେଇ ଦେଇପାରେ ତାହା ଜଳଜଳ ହୋଇ ଦିଶିଲାଣି।

ପୃଥିବୀରେ ଏଯାବତ୍ ପ୍ରାୟ କୋଡ଼ିଏ ହଜାର ପ୍ରକାରର ପକ୍ଷୀ ବସବାସ କରୁଛନ୍ତି ଏବଂ ସମୟକ୍ରମେ ତନ୍ମଧ୍ୟରୁ ପ୍ରାୟ ନଅହଜାର ପ୍ରଜାତି ବିଲୋପ ହୋଇଯାଇଛନ୍ତି। ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ଏଗାର ହଜାର ପ୍ରଜାତିରେ। କେବଳ ଗତ ପାଞ୍ଚଶହ ବର୍ଷଭିତରେ ଦୁଇଶହରୁ ଅଧିକ ଶ୍ରେଣୀର ପକ୍ଷୀ ଲୋପ ପାଇଗଲେଣି। ପିଲାବେଳେ ଆମେ ଘର ପାଖରେ କେତେ କୁନିକୁନି ଘରଚଟିଆମାନ ଦେଖୁଥିଲେ। ଏବେ ସେମାନଙ୍କୁ ପାଇବା ସାତସପନ। ଆଗରୁ କେତେ ରକମର ଶାଗୁଣା ଉଡୁଥିଲେ। ଆଜିକାଲି ସେମାନେ ବି ନଜରରେ ପଡୁନାହାନ୍ତି। ଶାଗୁଣାଙ୍କୁ କୁହାଯାଏ ସେମାନେ ହେଉଛନ୍ତି ପ୍ରକୃତରେ ପରିଷ୍କାରକ। ବିଶେଷତଃ କୌଣସି ପ୍ରାଣୀର ମୃତ୍ୟୁ ହେଲେ କିଛି ସମୟ ପରେ ସେଠାରେ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟିହୁଏ। ଶାଗୁଣା ପଲ ସେହି ଶବକୁ ଖାଇଯିବା ଫଳରେ ଦୁର୍ଗନ୍ଧ ଅଳ୍ପ ସମୟ ଭିତରେ ନିବାରିତ ହୁଏ। ଅର୍ଥାତ୍ ପ୍ରକୃତିର ସଂରକ୍ଷଣ ପାଇଁ ଏଇମିତି ବହୁବିଧ ବ୍ୟବସ୍ଥା ନିଜେ ପ୍ରକୃତି ସୃଷ୍ଟି କରିଥିଲା।

ଆମେ ଭାବୁଥିବା ପକ୍ଷୀମାନେ ତ ଆମର ଶସ୍ୟ ନଷ୍ଟ କରିପକାନ୍ତି, ସେମାନେ କିପରି ମଣିଷର ବନ୍ଧୁ ହୋଇପାରନ୍ତି? ମାତ୍ର ବୋଧହୁଏ ଆମେ ଭୁଲି ଯାଉଛନ୍ତି ଯେ ଯେଉଁ ଖାଦ୍ୟଶସ୍ୟଗୁଡ଼ିକ ଆମର ଜୀବନ ଧାରଣର ପ୍ରଥମ ଅବଲମ୍ବନ ସେଗୁଡ଼ିକର ବଡ଼ଶତ୍ରୁ ହେଉଛନ୍ତି ବିଭିନ୍ନ ରକମର କୀଟ। ସେମାନେ ଏତେ ସଂଖ୍ୟାରେ ଅଛନ୍ତି ଯେ ହୁଏତ ମଣିଷ ଭାଗ୍ୟରେ ଖାଦ୍ୟଶସ୍ୟ ପହଞ୍ଚନ୍ତା ନାହିଁ। ପକ୍ଷୀମାନଙ୍କର ସେଇ କୀଟମାନେ ହେଉଛନ୍ତି ପ୍ରମୁଖ ଆହାର। ତେଣୁ ପ୍ରକୃତିର ବୈଚିତ୍ର୍ୟକୁ ଅନୁଭବ କଲେ ଆମେ ଜାଣିପାରିବା ପକ୍ଷୀମାନେ କେମିତି ମଣିଷ ସମାଜ ପାଇଁ ବରଦାନ ସଦୃଶ।

ପୃଥିବୀର ସ୍ଥିତି ପାଇଁ ବୃକ୍ଷର ଦାୟିତ୍ୱ କେତେ ଅଧିକ ତାହା ଆମେ ଜାଣୁ। ତା'ର ବଡ଼ କାରଣ ହେଲା କେବଳ ଏହା ଆମର ଖାଦ୍ୟ ରୂପରେ ବ୍ୟବହୃତ ହୁଏ ନାହିଁ। ଏହା ଆମର ଜୀବନ ଧାରଣର ପ୍ରାଥମିକ ସାଧନ ଅମ୍ଳଜାନର ସୃଷ୍ଟି କର୍ତ୍ତା। ମାତ୍ର ଏତେସଂଖ୍ୟକ ଗଛ ସାରା ପୃଥିବୀରେ କିଏ ସୃଷ୍ଟିକଲା ତା'ର ଉତ୍ତର ହେଉଛି ଏଇ ପକ୍ଷୀମାନେ। ସେମାନେ ବୀଜବିକ୍ଷେପ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଫଳ ଖାଇବା ପରେ ମଳତ୍ୟାଗ କରୁଥିବାରୁ ଗଛମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୁଅନ୍ତି। ପକ୍ଷୀମାନେ ଏକ ପରିବେଶରେ ଜୀବନ ସଂଚାର କରନ୍ତି। ସେମାନଙ୍କର ବିବିଧ ସ୍ୱରରେ ମୁଖରିତ ହୁଏ ବାୟୁମଣ୍ଡଳ ଏବଂ ଏହା ମଣିଷର ଆବେଗିକ ଓ ଭାବନାତ୍ମକ ଦିଗକୁ ଉଜ୍ଜୀବିତ କରେ।

ପୌରାଣିକ ଯୁଗରେ ପକ୍ଷୀମାନେ ଅନେକ ସମୟରେ ମଣିଷକୁ କେବଳ ନୁହେଁ ଏପରି କି ଭଗବାନଙ୍କୁ ବି ସହାୟତା ଦେଇଛନ୍ତି - ଯେପରି ବିଷ୍ଣୁଙ୍କର ବାହନ ହେଉଛନ୍ତି ଗରୁଡ଼। ଗରୁଡ଼ଙ୍କୁ ହୁଏତ ଆପଣ କଳ୍ପନା କରିପାରିବେ ଏକ ପ୍ରଭୁତ ଶକ୍ତି ଓ ବେଗସମ୍ପନ୍ନ ବିମାନ ଭଳି, ଅର୍ଥାତ୍ ଯେଉଁଠି କି ଭଗବାନ ଯିବାକୁ ଚାହିଁବେ ସେଇଠିକି ତାଙ୍କର ବାହନ ଗରୁଡ଼ ତାଙ୍କୁ ତୁରନ୍ତ ପହଞ୍ଚେଇ ଦେଇପାରିବେ। ଏ ସମ୍ପର୍କରେ ଥିବା ଏକ ପ୍ରାଚୀନ ଗଳ୍ପ ବେଶ୍ ରୋମାଞ୍ଚକର।

ଦିନେ ଯମରାଜ ଦେଖିଲେ ଛୋଟିଆ ପକ୍ଷୀଟିଏ ଗଛରେ ବସିଛି। ସେ ଚିନ୍ତାରେ ପଡ଼ିଲେ। କାରଣ ମୃତ୍ୟୁର ଦେବତା ଭାବିଲେ ଆଉ କିଛି ସମୟ ଭିତରେ ତ ଏଇ ଟିକି ପ୍ରାଣୀଟିର ମୃତ୍ୟୁ ଯୋଗ ରହିଛି, ମାତ୍ର ସେଇ ମୃତ୍ୟୁ ଯୋଗ ହେବା କଥା ସେଠାରୁ ଯୋଜନ ଯୋଜନ ଦୂରରେ। ଟିକି ଛଡ଼େଇଟି ତ ଏତେ କମ୍ ସମୟରେ ସେଠାରେ ପହଞ୍ଚି ପାରିବ ନାହିଁ। ଏତିକି ବେଳେ ଯମରାଜ ଦେଖିଲେ ଯେ ସେଇ ଗଛ ଡାଳରେ ଗରୁଡ଼ଙ୍କର ଆବିର୍ଭାବ। ତାଙ୍କୁ ଜାଣିବାକୁ ବାକିରହିଲା ନାହିଁ ଯେ ସେଇଠି ଭଗବାନ ବିଷ୍ଣୁ କେଉଁଠି ନିକଟରେ ଅଛନ୍ତି। ଏତିକିବେଳେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ କହିଲେ ଗୋଟିଏ ଦୂରଯାତ୍ରାକୁ ଯିବାର ଅଛି, ତାହା ଶୁଣୁଶୁଣୁ ଯମ ଏକାନ୍ତରେ ହସିଦେଲେ।



ଗରୁଡ଼ ହସର କାରଣ ପଚାରନ୍ତେ ଯମରାଜ କହିଲେ ଆଉ କିଛି ସମୟ ପରେ ସେ ସେଇ ହସର ରହସ୍ୟ ବୁଝେଇ ଦେଇପାରିବେ। ଏତିକିବେଳେ ଗରୁଡ଼ ଆସି ପହଞ୍ଚିଲେ ଏବଂ ଗରୁଡ଼ ଅନୁମାନ କଲେ ଯମଙ୍କର ନଜର ପକ୍ଷୀଟିକୁ ବୋଧହୁଏ ପଡ଼ିଛି। ସେ ପକ୍ଷୀଟିକୁ ତୁରନ୍ତ ବିମାନ ତଳେ ରଖିଥିଲେ ଏବଂ ଭାବିଲେ ପକ୍ଷୀଟି ରକ୍ଷା ପାଇଗଲା। ତା' ପରେ ସେ ଆକାଶ ମାର୍ଗକୁ ଉଠିଲେ ଓ ଅଦୃଶ୍ୟ ହୋଇଗଲେ। ଅଳ୍ପ ସମୟ ଭିତରେ ବିଷ୍ଣୁଙ୍କର ବାହନ ଯୋଜନ ଯୋଜନ ଅତିକ୍ରମ କରି ଗୋଟିଏ ଜାଗାରେ ପହଞ୍ଚିଲେ, ଏତିକିବେଳେ ନିଶ୍ଚିତ ହେଲେ ଯେ ଯମଙ୍କ କୋପରୁ ସେ ପକ୍ଷୀଟିକୁ ବଞ୍ଚେଇ ଦେଇଛନ୍ତି। ପକ୍ଷୀର ସୁରକ୍ଷା ପାଇଁ ସେ ଗଛର କୋରଡ଼ରେ ଛାଡ଼ିଦେଲେ, ମାତ୍ର ବିଧାତାଙ୍କ ବିଧାନ ବିଚିତ୍ର। ସେଇ ଗଛ କୋରଡ଼ରେ ଥିବା ସର୍ପଟି ପକ୍ଷୀଟିକୁ ତୁରନ୍ତ ଗିଳିଦେଲା। ଏହା ଏକ କୌତୂହଳପୂର୍ଣ୍ଣ ଗଳ୍ପ ହୋଇପାରେ, ମାତ୍ର ମୃତ୍ୟୁ କିପରି ଅବଶ୍ୟମ୍ଭାବୀ ତାହା ପ୍ରମାଣ କରିବା ଏହାର ଲକ୍ଷ୍ୟ ଏବଂ ଏଥିରେ ଗରୁଡ଼ ପରି ଅତି ବେଗବାନ ପକ୍ଷୀ ହିଁ କେବଳ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ।

କେବଳ ଗରୁଡ଼ ନୁହେଁ ଦେବୀ ସରସ୍ୱତୀଙ୍କର ବାହନ ହଂସ, କାର୍ତ୍ତିକଙ୍କ ବାହନ ମୟୂର, ଲକ୍ଷ୍ମୀଙ୍କ ବାହନ ପେଚକ ଏବଂ ଶନିଙ୍କ ବାହନ କୁଆ। ଏହା ପଛରେ ବୈଜ୍ଞାନିକ କାରଣ ନାହିଁ ସିନା ଏହି ପକ୍ଷୀମାନଙ୍କର ବିଶେଷଗୁଣ ରହିଥିବାରୁ ସେମାନଙ୍କୁ ବିଭିନ୍ନ ଦେବଦେବୀ ନିଜର ବିମାନ ଦାୟିତ୍ୱ ଦେଇଥାନ୍ତି।

କେତେ ସାହିତ୍ୟ ଓ ଦର୍ଶନକୁ ଯୁଗେ ଯୁଗେ ପ୍ରଭାବିତ କରିଛନ୍ତି ପକ୍ଷୀକୁଳ। ସେମାନେ ହୋଇଛନ୍ତି ମୁକ୍ତିର ପ୍ରତୀକ। ସାରା ଆକାଶ ତାଙ୍କର ବିଚରଣସ୍ଥଳ, ରାମାୟଣରେ ଜଟାୟୁ ପରି ଏକ ଚରିତ୍ରର ଅବତାରଣା କରିଛନ୍ତି ମହାକବି ବାଲ୍ମୀକି। ରାବଣ ଯେତେବେଳେ ମାତାସୀତାଙ୍କୁ ଅପହରଣ କରି ନେଇଯିବାକୁ ଆକାଶ ମାର୍ଗରେ ନିଜର ପୁଷ୍ପକ ବିମାନକୁ ମୁତୟନ କରିଛନ୍ତି ସେତେବେଳେ ବହୁ ପଶୁପକ୍ଷୀ ବାହୁନୁଛନ୍ତି, ମାତ୍ର ଜଟାୟୁ ଏକମାତ୍ର ପକ୍ଷୀ ଯିଏ କି ତାଙ୍କୁ ସଶକ୍ତିବିରୋଧ କରିଛି। ଅନ୍ୟାୟ ବିରୋଧରେ ଯୁଦ୍ଧ କରି ପ୍ରାଣ ହରେଇବାକୁ ଯାଉଥିବା ଜଟାୟୁ ପାଖରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ମାତାସୀତାଙ୍କ ଅପହରଣ ଘଟଣା ଜାଣିବାକୁ ପାଇଛନ୍ତି ଏବଂ ତାଙ୍କଠାରେ କୃତଜ୍ଞତା ଜଣେଇଛନ୍ତି। ଯେସବୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଯୁଗେ ଯୁଗେ ପକ୍ଷୀମାନେ କେବଳ ସ୍ଥୂଳ ଭାବରେ ମଣିଷ ସମାଜକୁ ସାହାଯ୍ୟ କରିନାହାନ୍ତି ସେମାନେ ମଣିଷର ଆବେଗକୁ କରିଛନ୍ତି ସକାରାତ୍ମକ।

ଆଜି ପ୍ରକୃତି ଉପରେ ଦାଉ ସାଧୁଛି ମଣିଷ। କ୍ରମେ ସଂକୁଚିତ ହୋଇଯାଉଛି ବନ୍ୟ ଅରଣ୍ୟଟି ଆଉ ତା' ସହିତ କମି ଆସୁଛି ପକ୍ଷୀକୁଳର ଆଶ୍ରୟସ୍ଥଳ। ମାଂସ ପାଇଁ ଚାଲିଛି ପକ୍ଷୀ ଶିକାର। ଏପରି କି ପକ୍ଷୀ ଅଭୟାରଣ୍ୟରେ ପଡ଼ିଛି ଶିକାରୀର ଲୋଲୁପ ଦୃଷ୍ଟି। ଜଳବାୟୁର ପରିବର୍ତ୍ତନ ଆଣୁଛି ବିବିଧ ଭୟଙ୍କର ପ୍ରାକୃତିକ ପ୍ରକୋପ ଓ ତା' କବଳରେ ପକ୍ଷୀକୁଳ ତ୍ରସ୍ତ ଓ ଭୟାର୍ତ୍ତ। ମଣିଷର କ୍ରୂରବୁଦ୍ଧି ଆଗରେ ପକ୍ଷୀଟିଏ ବଞ୍ଚିବାର ବାଟ ବନ୍ଦ ହୋଇଯାଉଛି। ଏଇ ଧାରା ଅବ୍ୟାହତ ରହିଲେ ହୁଏତ ଆଉ କିଛି ବର୍ଷ ଭିତରେ ଯେଉଁ ଖାଦ୍ୟ ସଙ୍କଟ ସୃଷ୍ଟିହେବ ତାହାର ସମ୍ମୁଖୀନ ହେବାକୁ ମଣିଷର ଜୁ' ନ ଥିବ, ମଣିଷ କ'ଣ କେବେ ସେକଥା ଚିନ୍ତା କରୁଛି?

-ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ସର୍ବୋତ୍ତମ ପ୍ରତିନିଧିତ୍ୱ ବ୍ୟବସ୍ଥା



ରବିନାରାୟଣ ସାମଲ

ଦକ୍ଷତା, ଯୋଗ୍ୟତା ଓ ଲୋକପ୍ରିୟତା ନିର୍ବିଶେଷରେ ହାତୀ ସୁନାକଳସ ଢାଳିଲା ପରି ଆମ ଲୋକପ୍ରତିନିଧିମାନେ ସଦନକୁ ନିର୍ବାଚିତ ହୋଇଯାଉଛନ୍ତି। ନିର୍ବାଚନର ନୀତି ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଖଣ୍ଡେ ମାତ୍ର ଭୋଟ ଅଧିକ ପାଇଲେ ସେ ନିର୍ବାଚିତ ହେଲେ ବୋଲି ଧରାଯାଏ। ରାଜନୀତିରେ କ-ବ-ଚ ଜାଣି ନ ଥିବା ପ୍ରାର୍ଥୀମାନେ ବି ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେଲାଭଳି ଉଦାହରଣ ଆମ ଇତିହାସରେ ବିରଳ ନୁହେଁ। ଏକଦା ପ୍ରଖ୍ୟାତ ରାଜନୀତିଜ୍ଞ ହେମବତୀ ନନ୍ଦନ ବହୁଗୁଣାଙ୍କୁ ହରାଇ ସିନେ ତାରକା ଅମିତାଭ ବଚ୍ଚନ ସଂସଦକୁ ନିର୍ବାଚିତ ହୋଇଥିଲେ। ମିର୍ଜାପୁର ଆସନରୁ ଦସ୍ୟୁ ନାୟିକା ଫୁଲନ ଦେବୀ, ସୋହାଗପୁର ଆସନରୁ କିନ୍ନର ପ୍ରାର୍ଥୀ ସବ୍‌ନମ୍ ମୌସୀ ଏବଂ ବିହାରରୁ ବାହୁବଳୀ ପପୁ ଯାଦବ ନିର୍ବାଚିତ ହେବା କଥା ସମସ୍ତେ ଜାଣନ୍ତି। ଏମାନଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳି ନ ଥିଲା ତ ଆଉ କ'ଣ କୁହାଯାଇ ପାରେ?

ଆମ ଦେଶର ବିଧାନସଭାଗୁଡ଼ିକରେ ବିଧାୟକଙ୍କ ମୋଟ ସଂଖ୍ୟା ୪,୦୩୩। ସେମାନଙ୍କ ମଧ୍ୟରୁ ଶତକଡ଼ା ୨୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି ଶତକଡ଼ା ୪୭ ଜଣ ମନ୍ତ୍ରୀ ଅଭିଯୁକ୍ତ ତାଲିକାରେ ଅଛନ୍ତି। ଆମ ରାଜ୍ୟର ୮୫ ଜଣ ବିଧାୟକଙ୍କ ନାମରେ ଅଛି ଆପରାଧିକ ମାମଲା। କୌଣସି ମତଦାତା କ'ଣ କେବେ ଚାହିଁବ ଜଣେ ଅଭିଯୁକ୍ତଙ୍କୁ ତା' ଭୋଟ ଖଣ୍ଡିକ ଦେଇଦେବାକୁ?

କୋଟିପତିଙ୍କ ସଂଖ୍ୟା ଦେଖିଲେ, ଲୋକ ସଭାରେ ୫୪୩ ଜଣ ସାଂସଦଙ୍କ ମଧ୍ୟରୁ ୫୦୪ ଜଣ କୋଟିପତି। ଓଡ଼ିଶା ବିଧାନସଭାରେ ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ଏହି ଲୋକପ୍ରତିନିଧିମାନେ ଲକ୍ଷ ଲକ୍ଷ ଭୋଟରେ ଜିତିଯିବା କମ୍ ବିଡ଼ମ୍ବନାର ବିଷୟ ନୁହେଁ।

ରାଜ୍ୟ ଓ କେନ୍ଦ୍ରରେ ଯେଉଁ ଦଳ ସରକାର ଗଠନ କରିଛନ୍ତି ସେମାନେ କମ୍ ଭୋଟ ପାଇ ବେଶି ଆସନ ଦଖଲ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନକୁ ତର୍ଜମା କଲେ ଏହା ଅଧିକ ସ୍ପଷ୍ଟ ହୁଏ। ଭାଜପା ଶତକଡ଼ା ୨୦ ଭାଗ ଭୋଟ ପାଇ ୮୯ଟି ଆସନ, ଜେଡିୟୁ ଶତକଡ଼ା ୧୯ ଭାଗ ଭୋଟ ପାଇ ୮୫ଟି ଆସନ ଏବଂ ଆର୍‌ଜେଡି ଶତକଡ଼ା ୨୩ ଭାଗ ଭୋଟ ପାଇ ୨୫ଟି ଆସନ ଦଖଲ କରିଛି। ଭୋଟ କମ୍ ଆସନ ବେଶି, ଆସନ କମ୍ ଭୋଟ ବେଶି। ବିହାର ବିଧାନସଭା ନିର୍ବାଚନରେ ଶତକଡ଼ା ୬୭ ଭାଗ ଭୋଟର ଭୋଟ ଦେଇଥିଲେ। ଅବଶିଷ୍ଟ ୩୩ ଭାଗ ଭୋଟର ଭୋଟଦାନରୁ ବିରତ ରହିଥିଲେ। ଏନ୍‌ଡିଏ ମେଣ୍ଟ ଶତକଡ଼ା ୪୬ ଭାଗ ଭୋଟ ପାଇ ସରକାର ଗଠନ କରିଛି। ସୁତରାଂ ଏନ୍‌ଡିଏ ବିପକ୍ଷରେ ୫୪ ଭାଗ ଭୋଟ ପଡ଼ିଛି। ଗାଣିତିକ ଭାବେ



ଅନୁଶୀଳନ କଲେ ଶହକେ ମାତ୍ର ୧୩ ଜଣଙ୍କ ଭୋଟ ପାଇଥିବା ଏନ୍‌ଡିଏ ଅବଶିଷ୍ଟ ୮୭ ଜଣଙ୍କ ଉପରେ ଶାସନ କରୁଛି। ଏହି ଧରଣର ନିର୍ବାଚନ ପଦ୍ଧତି ଯୋଗୁ ଆମ ଦେଶରେ ସରକାରୀ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ନିର୍ଦ୍ଦିଷ୍ଟ କେତେଜଣ ମୁଷ୍ଟିମେୟ ଜନତାଙ୍କ ସ୍ୱାର୍ଥସାଧନରେ ଏହା ସହାୟକ ହେଉଛି। ବାସ୍ତବ ପକ୍ଷେ ଯୋଜନା ବାଟବଣା ହୋଇଯାଉଛି। କହିବା ନିଷ୍ପ୍ରୟୋଜନ ଯେ ଦକ୍ଷ ଓ ନିଃସ୍ୱାର୍ଥପର ଲୋକପ୍ରତିନିଧିଙ୍କ ଅଭାବରୁ ଦେଶର ବିକାଶ ବାଧାପ୍ରାପ୍ତ ହେଉଛି।

ପାଞ୍ଚ ବର୍ଷର ଅବଧି ପୂରଣ ପୂର୍ବରୁ ରାଜ୍ୟ ତଥା ଦେଶର ସରକାର ଭାଙ୍ଗିଯିବା, କୋଟି କୋଟି ଟଙ୍କାରେ ଆମ ପ୍ରତିନିଧିମାନେ ମୁଣ୍ଡ ବିକିବା, ଏ ଦଳ ଛାଡ଼ି ସେ ଦଳକୁ ଡେଇଁପଡ଼ିବା, ଆସ୍ଥା-ଅନାସ୍ଥାରେ ସରକାର ଇସ୍ତଫା ଦେବା ଆଦି ଘଟଣା ଆମେ ବହୁବାର ଦେଖିଛନ୍ତି। ବାରମ୍ବାର ନିର୍ବାଚନ ସଂସ୍କାର ହେଉଛି, ମାତ୍ର ଏହାର କୌଣସି ସମାଧାନ ହୋଇପାରୁ ନାହିଁ।

ଆମ ବିଚାରରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଏସବୁ ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିପାରିବ। ଏହି ବ୍ୟବସ୍ଥାରେ ନିର୍ବାଚନରେ କୌଣସି ପ୍ରାର୍ଥୀ ନ ଲଢ଼ି ପାର୍ଟି ଲଢ଼ିବ। ଯେଉଁ ଦଳ ଶତକଡ଼ା ଯେତେ ଭୋଟ ପାଇବ ସେହି ଅନୁପାତରେ ସଂସଦ ଓ ବିଧାନସଭାକୁ ପ୍ରତିନିଧି ପଠାଇ ପାରିବ। ନିର୍ବାଚନ ପୂର୍ବରୁ ଦଳ ଦାଖଲ କରିଥିବା ଯୋଗ୍ୟ ତାଲିକାରୁ ନିର୍ବାଚନ କମିଶନ ପ୍ରତିନିଧି ଗ୍ରହଣ କରିବେ। ପରିଣାମରେ ସରକାର ଏକକ କିମ୍ବା ମିଳିତ ହୋଇପାରେ। କୌଣସି ପ୍ରତିନିଧିଙ୍କ ମୃତ୍ୟୁ ଘଟିଲେ ବା ସେ ଇସ୍ତଫା ଦେଲେ ସେହି ଆସନରେ ପୁଣି ଉପନିର୍ବାଚନ ହେଉଛି। କିନ୍ତୁ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ତାହା ହେବ ନାହିଁ। ପୂର୍ବ ପ୍ରଦତ୍ତ କ୍ରମ ତାଲିକାରୁ ନିର୍ବାଚନ କମିଶନ ପରବର୍ତ୍ତୀ ପ୍ରତିନିଧି ଗ୍ରହଣ କରିବେ। ମନ୍ତ୍ରିମଣ୍ଡଳ ପୂରା ଅବଧି ପୂର୍ଣ୍ଣ କରିବ। ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ପ୍ରଶ୍ନ ଉଠିବ ନାହିଁ। ଅନ୍ୟ ପକ୍ଷରେ ଅସାଧୁ ଓ ଅପରାଧୀମାନେ ପ୍ରତିନିଧି ହେବାରୁ ବଞ୍ଚିତ ହେବେ। ଅର୍ଥବଳ ଓ ବାହୁବଳର ପତିଆରା ଏଠାରେ ଅକାମୀ ହୋଇଯିବ।

ବିଶ୍ୱରେ ୮୫ଟି ଦେଶରେ ଏହି ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ସେଗୁଡ଼ିକ ମଧ୍ୟରୁ ଜର୍ମାନୀ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ବ୍ରାଜିଲ, କଲମ୍ବିଆ, କ୍ରୋଏସିଆ, ଡେନ୍‌ମାର୍କ, ସ୍ୱିଡେନ୍, ଇଣ୍ଡୋନେସିଆ, ୟୁରୋପିଆନ ୟୁନିଅନ୍ ଅନ୍ୟତମ।

୧୯୯୬ରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳ ଏହି ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୯୯ରେ ଲ' କମିଶନ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ମାତ୍ର କେତେକ ସ୍ୱାର୍ଥାନ୍ୱେଷୀ ପ୍ରଭାବଶାଳୀ ରାଜନେତାଙ୍କ କୁଚକ୍ରାନ୍ତ ଯୋଗୁ ଏହା ଶୀତଳ ଭଣ୍ଡାରକୁ ଚାଲିଗଲା। ଏବେ ବି ସମୟ ଅଛି ଦେଶରେ ଏହାକୁ ଲାଗୁ କରିବା ଶ୍ରେୟସ୍କର ହେବ। ଏଥିସକାଶେ ସମ୍ବିଧାନ ସଂଶୋଧନର ଆବଶ୍ୟକତା ନାହିଁ। ସଂଖ୍ୟାଧିକ ମତରେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇପାରିବ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ବିପର୍ଯ୍ୟସ୍ତ କରିବାକୁ ଯାଉଥିବା 'ଏକ ଦେଶ, ଏକ ନିର୍ବାଚନ' ପ୍ରକ୍ରିୟା ଆପେ ଆପେ ବିପର୍ଯ୍ୟୟର ସମ୍ମୁଖୀନ ହେବ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ର ଜଣେ ପୂର୍ବତନ ଅଧିକାରୀ ଉତ୍କୃଷ୍ଟ ପାଣ୍ଡେ। ଜୈବିକ ପଦ୍ଧତିରେ ସେ ହଳଦୀ ଏବଂ ଧାନଚାଷ କରି ବିହନ ସଂରକ୍ଷଣ କରୁଛନ୍ତି। ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ଏହି ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନମକ ବାସ୍ନାଧାନ ଚାଷରେ ସେ ସଫଳତା ପାଇଛନ୍ତି। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହି ଫାର୍ମର ନାମ ଦେଇଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏହା ବ୍ୟତୀତ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ହଳଦୀ ଚାଷରେ ସହଯୋଗ କରୁଛନ୍ତି। ଫାର୍ମର ସବୁ କାମ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସେ ମଧ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ଲଗାଇଛନ୍ତି। ଚନ୍ଦନ ବୃକ୍ଷ ରୋପଣକୁ ବ୍ୟାପକ କରିବା ସକାଶେ ସେ 'ହର୍ ଘର୍ ଚନ୍ଦନ' ବା 'ପ୍ରତି ଘରେ ଚନ୍ଦନ' ଅଭିଯାନ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେ ୫୦,୦୦୦ ଚନ୍ଦନ ଚାରା ଉଣ୍ଡାରି ଲୋକମାନଙ୍କୁ ଯୋଗାଇ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୨୮ ଡିସେମ୍ବର ୧୯୭୬

- ସୁପରିଚିତ ହିନ୍ଦୀ ସାହିତ୍ୟିକ ଓ ବିପ୍ଳବୀ ଯଶପାଲଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଶ୍ରୀ ବିନାୟକ ଆଚାର୍ଯ୍ୟ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ।
- ରେଙ୍ଗାଲି ଓ ଅପରକୋଲାବ ଜଳବିଦ୍ୟୁତ୍ ଯୋଜନା ସମେତ ୩୦ଟି ଶକ୍ତି ପ୍ରକଳ୍ପକୁ ଯୋଜନା କମିଶନଙ୍କ ମଞ୍ଜୁରୀ।
- ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଶିଶିର କୁମାର ମିତ୍ରଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦରମା-ଭତ୍ତା ବୃଦ୍ଧି ନୁହେଁ, ରାଜକୋଷ ଲୁଟ୍

ମହାଶୟ,
ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭାର ବୈଠକ ମୁଲତବୀ କଲେ ଏବଂ ତା' ପୂର୍ବରୁ ରାଜନେତା ଏବଂ ବିଧାୟକମାନଙ୍କର ଅହେତୁକ ଦରମା ଏବଂ ଭତ୍ତା ବୃଦ୍ଧି କରି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲେ। ଭାରତ ବର୍ଷର ସବୁ ରାଜ୍ୟଠାରୁ ଅଧିକ ଦରମା ଏବଂ ଭତ୍ତା ଘୋଷଣା କରି ସମସ୍ତଦଳର ସଭ୍ୟମାନେ ଖୁସି ହୋଇଗଲେ। ଭାଷଣ ବାଜିରେ ନିଜକୁ ଜନତାଙ୍କ ସେବକ ବୋଲି କହୁଥିବା ନେତାମାନେ ଭୁଲିଗଲେ ଯେ, ଆମ ରାଜ୍ୟରେ ଅର୍ଦ୍ଧାଧିକ ହେଲେ କୃଷକ, ଶ୍ରମିକ ଏବଂ ଦାଦନ ; ଯେଉଁମାନଙ୍କ ମାସିକ ସର୍ବନିମ୍ନ ଆୟ ୫ ହଜାର ୧୧୧ ଟଙ୍କା। ନେତାଙ୍କ ବେତନ ଓ ଭତ୍ତା ବଢ଼ିଲା ବେଳକୁ ରାଜ୍ୟରେ ବେରୋଜଗାର ଅତ୍ୟଧିକ ବୃଦ୍ଧି ପାଇଲାଣି। ଫଳରେ ଶିକ୍ଷିତ ବେକାର ଯୁବକମାନେ ମାଫିଆ ସାଜି ଅସାଧୁ ନେତା ଏବଂ ଅଫିସରଙ୍କ ସହିତ ଭାଗୀଦାରି ବେପାର କରି ସାମାଜିକ ସମସ୍ୟାକୁ ଜଟିଳ କରୁଛନ୍ତି। ଏବକାର ସ୍ଥିତିରେ ଆନ୍ଦୋଳନ କରିବାକୁ କମ୍ୟୁନିଷ୍ଟ ବି ନାହାନ୍ତି। ଏବେ ସମସ୍ତେ ଏକାକାର।

**- ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହୁଲ ଫୁଲ ଜବତ, ଜଣେ ଗିରଫ

ଫୁଲବାଣୀ, (ରାକେଶ କୁମାର ରାଉତ): ଏକ ପିକଅପ ଭ୍ୟାନରେ ଚାଲାଣ ହେଉଥିବା ୭୨୦ କେଜି ମହୁଲ ଫୁଲକୁ ଫୁଲବାଣୀ ଅବକାରୀ ବିଭାଗ ଜବତ କରିଛି। ଏହି ଘଟଣାରେ ଡ୍ରାଇଭରଙ୍କୁ ଗିରଫ କରା ଯାଇଛି। ସେ ହେଲେ ନୟାଗଡ଼ ଜିଲା ବାଣିଗୋଛାର ଦନକଧର ମାଝୀ। ସୂଚନା ଅନୁସାରେ ଖଜୁରିପଡ଼ା ଥାନା ଅନ୍ତର୍ଗତ ଗାଡିଆପଡା ଘାଟିରେ ନୟାଗଡ଼ ଅଞ୍ଚଳକୁ ପିକଅପ ଭ୍ୟାନରେ ମହୁଲ ଫୁଲ ଚାଲାଣ ହେଉଥିବା ଅବ କାରୀ ବିଭାଗକୁ ସୂତ୍ରରୁ ଖବର ମିଳିଥିଲା। ପରେ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ରଙ୍କନିଧି ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଗାଡ଼ିଆପଡା ଘାଟି ରେ ଜଗି ରହି ଗାଡ଼ି ଟିକୁ ଧରିବାରେ ସଫଳ ହୋଇଥିଲା।



**ସଂକ୍ଷେପରେ**

### ବୁଗୁଡ଼ା ଅଦାଲତ, ତହସିଲ କାର୍ଯ୍ୟାଳୟରେ ୪ ଏପିପି ନିଯୁକ୍ତି

ବୁଗୁଡ଼ା,୨୭।୧୨(କାଳିଚରଣ ଦାଶ) ବୁଗୁଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏବଂ ତହସିଲ କାର୍ଯ୍ୟାଳୟରେ ସରକାରଙ୍କ ତରଫରୁ ଏପିପି ନିଯୁକ୍ତ ହୋଇଛନ୍ତି। ଆଇନ ବିଭାଗର ଅନୁମୋଦନ କ୍ରମେ ବୁଗୁଡା କୋର୍ଟରେ ଏପିପି ଭାବେ ଓକିଲ ହର ପ୍ରସାଦ ଦାଶ ଓ ବନବାସୀ ମହାରଣାଙ୍କୁ ନିଯୁକ୍ତି ମିଳିଥିବା ବେଳେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏପିପି ଭାବେ ଓକିଲ ସୁଶାନ୍ତ ଡାକୁଆ ଓ ନଟବର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି।

### ପ୍ରକାଶ ପାଇଲା ସରକାରୀ ଓକିଲ ତାଲିକା

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବିଚାର ବିଭାଗୀୟ ଅଦାଲତରେ ବିଭିନ୍ନ ଅଦାଲତ ଲାଗି ସରକାରୀ ଓକିଲଙ୍କ ତାଲିକା ପ୍ରକାଶ ହୋଇଛି। ପ୍ରକାଶିତ ତାଲିକାରେ ନାରାୟଣ ମୁନୀ, ଶିବରାମ ପ୍ରଧାନ, ଦୁର୍ଗାଚରଣ ପଟ୍ଟନାୟକ, ଚନ୍ଦ୍ରଶେଖର ପାତ୍ର, ଶିଶିର କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ନାରାୟଣ ବେହେରା, ସନ୍ତୋଷ ମିଶ୍ର, ନାରାୟଣ ହୋତା, ଶରତ ଚନ୍ଦ୍ର ପାଢୀ, ରାଜେଶ ପାତ୍ର, ଖୋକନ୍ ରାଓ, ପ୍ରଭାତ କୁମାର ପାଢୀ, ପ୍ରଶାନ୍ତ କୁମାର ଚର୍ଚ୍ଚି ଓ ଅମର ବିଶ୍ୱାଳ ରହିଥିବା ଜଣାପଡିଛି।

### ବୁଦାରେ ପଡ଼ିଛି ଗୃହ ପାଳିତ ପଶୁ ପକ୍ଷୀଙ୍କ ଔଷଧ, ଇଞ୍ଜେକ୍ସନ

ବେଲଗୁଣ୍ଠା,୨୭।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଗୃହପାଳିତ ପଶୁପକ୍ଷୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆବଶ୍ୟକ ରୋଗ ପ୍ରତିରୋଧକ ଟୀକା, ଇଞ୍ଜେକ୍ସନ ଏବଂ ଔଷଧ ଯୋଗାଣ ହୁଏ। କିନ୍ତୁ ବହୁ ସମୟରେ ଚାଷୀଙ୍କୁ ସେମାନଙ୍କ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଆବଶ୍ୟକ ଔଷଧ ମିଳିନଥାଏ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ, ଇଞ୍ଜେକ୍ସନ ଆସୁ ନ ଥିବା ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ତରଫରୁ କୁହାଯାଇଥାଏ। ତେବେ ଶନିବାର ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ଜାଲଖାଇ ରାସ୍ତାରେ ଜାଲଖାଇ ଗ୍ରାମ ଆରମ୍ଭରୁ ଏକ ବୁଦା ଭିତରେ ପଶୁପକ୍ଷୀଙ୍କ ଟୀକାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଓ ଇଞ୍ଜେକ୍ସନ ଥିବା ଥିବା ୧୦ରୁ ଅଧିକ ପେଟି ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ଅବ୍ୟବହୃତ ହୋଇ ପଡିରହିଥିବା ଏବଂ ଏହାର ଏକ୍ସପାଏରୀ ଅବଧି ଆସନ୍ତା ବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ ରହିଥିବା ଜାଣିବାକୁ ପାଇଥିଲେ। ବହୁ ସମୟରେ ଚାଷୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ନିଜ ଗୃହପାଳିତ ପଶୁ ପକ୍ଷୀଙ୍କ ପାଇଁ ଆବଶ୍ୟକୀୟ ଔଷଧ ନପାଇ ବାହାର ବଜାରରୁ ଚଢା ଦରରେ କିଣୁଥିବା ବେଳେ ସେମାନଙ୍କ ପାଇଁ ଆସିଥିବା ଔଷଧକୁ ରାସ୍ତାରେ ଫୋପଡା ଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଦାବି ହେଉଛି।

# ନାରୀ ଶିକ୍ଷା, ରୋଜଗାର ଉପରେ ଗୁରୁତ୍ୱାରୋପ

ଭଞ୍ଜନଗର,୨୭।୧୨(ବାବୁଲା ପ୍ରଧାନ)



ମହାସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତିଳିସିଙ୍ଗିଠାରେ ଚାଲିଥିବା ନିଖିଳ ଉତ୍କଳ କୁର୍ମି କ୍ଷତ୍ରୀୟ ପ୍ରଦେଶ ମହାସଭା ଶନିବାର ତୃତୀୟ ଦିବସରେ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ମହିଳାମାନଙ୍କୁ ଶିକ୍ଷା, ରାଜନୀତି ପ୍ରମୁଖ କ୍ଷେତ୍ରରେ ଆଗକୁ ଆଣିବା ପାଇଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ। ରାଷ୍ଟ୍ରୀୟ ମହିଳା ଅଧକ୍ଷା ଲତା ରଷି ଚନ୍ଦ୍ରକର ଆଜିର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମାବେଶରେ ରାଷ୍ଟ୍ରୀୟ ମହିଳା କୋଷଧକ୍ଷା ମମତା ଏସ.ପଟେଲ, ପ୍ରଦେଶ ମହିଳା ସଭାନେତ୍ରୀ ମହେଶ୍ୱତା ନାୟକ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସ୍ତ୍ରୀ ତଥା ସାମାଜିକ କର୍ମୀ ମଧୁସ୍ମିତା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

କୁର୍ମି କ୍ଷତ୍ରୀୟ ଜାତିର ମହିଳାମାନଙ୍କ ସାମଗ୍ରିକ ବିକାଶ କିଭଳି ହୋଇପାରିବ ସେ ନେଇ ବିଶେଷ ଆଲୋଚନା ହୋଇଥିଲା। ବିଶେଷ କରି ଜାତିର ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ରାଷ୍ଟ୍ରୀୟ ସହାୟତା ଫଣ୍ଡରୁ କମ ସୁଧରେ ଋଣ ଯୋଗାଇଦେବା ସହ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଅଧିକ ସୁଯୋଗ ଦେବା, ଆର୍ଥିକ ସ୍ତରରେ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ତଥା କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର କର୍ମକର୍ତ୍ତା ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ମହାସଭାରେ ରାଜ୍ୟର ବିଭିନ୍ନ ଶାଖାର କାର୍ଯ୍ୟକର୍ତ୍ତାଙ୍କୁ ଉପଢୌକନ ଓ ଜାତିର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଷ୍ଟ୍ରୀୟ ସଂଯୋଜକ ଏଲ.ପି ପଟେଲ, ରାଷ୍ଟ୍ରୀୟ ଅଧକ୍ଷ ଡ. ବିଜୟ ସିଂ ନିରଞ୍ଜନ, ରାଷ୍ଟ୍ରୀୟ ଯୁବ ଅଧକ୍ଷ ଧୀରଜ ପାଟିଦାର, ରାଷ୍ଟ୍ରୀୟ ଯୁବ ମହାସଚିବ ଅରୁଣ ପଟେଲ, ରାଷ୍ଟ୍ରୀୟ ପ୍ରଚାର ପ୍ରସାର ମନ୍ତ୍ରୀ ପଠାଣି ଭଞ୍ଜ, ରାଷ୍ଟ୍ରୀୟ ସଦସ୍ୟ ଗଙ୍ଗାଧର ନାୟକ, ପ୍ରଦେଶ ସଭାପତି ସୂର୍ଯ୍ୟନାରାୟଣ ପ୍ରଧାନ, ଆଇନ ପରାମର୍ଶଦାତା ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ଉପସ୍ଥିତ ଥିଲେ। ଉପସଭାପତି କଂଗ୍ରେସ ପ୍ରଧାନ, ସମ୍ପାଦକ ବିଶ୍ୱନାଥ ରାଉତ,ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ବିପିନଚନ୍ଦ୍ର ନାୟକ, ସାଙ୍ଗଠନିକ ସମ୍ପାଦକ ଭବାନୀ ଶଙ୍କର ପ୍ରଧାନ, ଅଭ୍ୟର୍ଥନା ସମିତି ସଭାପତି ଶ୍ରୀନିବାସ ପ୍ରଧାନ, ଅଭ୍ୟର୍ଥନା ସମିତି ସମ୍ପାଦକ ସୁବାଷ ଚନ୍ଦ୍ର ପ୍ରଧାନ, ପ୍ରଦେଶ ଯୁବ ସଭାପତି ଆଲୋକ ପ୍ରଧାନ ବିଭିନ୍ନ ଅଧିବେଶନରେ ଅତିଥି ଭାବରେ ଯୋଗଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ମହାସଭା ରବିବାର ଉଦ୍ଯାପିତ ହେବ।

### ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସରକାରୀ ନିରନ ମହିଳା ମହାବିଦ୍ୟାଳୟର ୪୦ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର କଲେଜ ଅଧକ୍ଷ ଡ. ସୋରଜ କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଏହି ପ୍ରତିଯୋଗିତା ୩୦ ରେ ଉଦଯାପିତ ହେବ। ଉଦ୍‌ଘାଟନି ଦିବସରେ ଛାତ୍ରୀଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିବା ବେଳେ ଖୋଖୋ, ଲମ୍ଵା ଡିଆଁ, ଉଚ୍ଚ ଡିଆଁ, ଦୌଡ, କବାଡି, ଦଉଡି ଡିଆଁ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଧ୍ୟାପିକା ଡ. ସୁପ୍ରିୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅଧ୍ୟାପକ ପ୍ରମୋଦ ତିଆଡି, ଧବଳେଶ୍ୱର ସେଠୀ, ସନାତନ ପ୍ରଧାନ, ଦୁର୍ଗାପ୍ରସାଦ ପାଣିଗ୍ରାହୀଙ୍କ ସହଯୋଗରେ କ୍ରୀଡା ଶିକ୍ଷକ ଇନ୍ଦ୍ରଜିତ ନାହାକ ଓ ସ୍ୱଦେଶ ଦଳାଇ ପରିଚାଳନା କରିଥିଲେ।

### ରେଳ ବ୍ରିଜ୍ ଉପରେ ଚଢ଼ିଗଲେ ମାନସିକ ବିକୃତ ଯୁବକ

ଗଞ୍ଜାମ,୨୭।୧୨(ବିଦ୍ୟାଧର ସାହୁ) ଗଞ୍ଜାମ ରଷିକୁଲ୍ୟା ରେଳ ବ୍ରିଜ ଉପରକୁ ହଠାତ ଜଣେ ଯୁବକ ଚଢି ଯାଇଥିଲେ। ସେହି ରାସ୍ତାଦେଇ ଆସୁଥିବା କୈଲ୍ୟାଣପୁର ଗ୍ରାମର କେ.ଏଲେୟା ରେଡି ବ୍ରିଜ ଉପରେ ଚଢ଼ି ଯାଇଥିବା ଯୁବକଙ୍କୁ ଦେଖି ତଳକୁ ଓହ୍ଲାଇ ଆସିବାକୁ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ଜଣଙ୍କ ତଳକୁ ନ ଆସିବାରୁ ବାଧହୋଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ଫୋନ ମାଧ୍ୟମରେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଖବର ପାଇ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ପରାମର୍ଶ କ୍ରମେ ଏସଆଇ ସୁଦୀପ୍ତ ସାହୁ, ଏଏସଆଇ ପ୍ରଦୀପ କୁମାର ବେହେରା, ଏଏସଆଇ ଟି ଲୁଲା ଜେନା, କେ.ଶଙ୍କର ରାଓ ସେଠାରେ ପହଞ୍ଚି ଯୁବକଙ୍କୁ ତଳକୁ ଆସିବା ପାଇଁ କହିଥିଲେ। ଦୀର୍ଘ ଏକ ଘଣ୍ଟା ପରେ ଯୁବକଙ୍କୁ ସ୍ଥାନୀୟ ଯୁବ ଗୋଷ୍ଠି ଓ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଯୁବକ ଜଣଙ୍କ ଓହ୍ଲାଇବା ପରେ ସେ ଜଣେ ବିକୃତ ମାନସିକ ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ତାଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡ଼ିଛି।

#### ପିଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## କର୍ଣ୍ଣୋଲିକୁ ହରାଇ ଶେରଗଡ଼ ବିଜୟୀ

ହିଞ୍ଜିଳିକାଟୁ, ୨୭।୧୨(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳିକାଟୁ ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଶନିବାର ବୃନ୍ଦାବନ ମିନି ଷ୍ଟାଡିୟମ ପରିସରରେ ପିଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି ସଞ୍ଜୟ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ପ୍ରଦୀପ ପଣ୍ଡା, ପ୍ରଦୀପ ମହାରଣା, ଏନ. ଦିଲ୍ଲିପ କୁମାର ପାତ୍ର, ସୁନିଲ ପଣ୍ଡା, ସୀମାଞ୍ଚଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଷ୍ଟାର ଏକାଦଶ କ୍ରିକେଟ କ୍ଲବ୍ ଶେରଗଡ଼ ଓ ନିଗମାନନ୍ଦ କ୍ରିକେଟ କ୍ଲବ କର୍ଣ୍ଣୋଲି ମଧ୍ୟରେ ହୋଇଥିଲା। ଟସ୍ ଜିତି ଶେରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୭୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବିପକ୍ଷ କର୍ଣ୍ଣୋଲି ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଫଳରେ ଶେରଗଡ଼ ୧୦୬ ରନରେ ବିଜୟୀ ହୋଇଥିଲା। ଶେରଗଡ ଦଳ ପକ୍ଷରୁ ସୁନିଲ ପାଣିଗ୍ରାହୀ ୪୭ ବଲରୁ ୧୧୬ ରନ ସଂଗ୍ରହ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆମ୍ପାୟର ଭାବେ କିଶୋର ଚନ୍ଦ୍ର ସାହୁ ଓ ବାବୁ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ଆଶିଷ ମହାରଣା ପ୍ରଶାନ୍ତ ପ୍ରଧାନ, ସୁରଜ ସୁବୁଦ୍ଧି, ସୁକାନ୍ତ ପାତ୍ର, ପ୍ରଶାନ୍ତ ପାଢୀ, ଟୁକୁନା ନାୟକ, ସୁଜିତ ସ୍ୱାଇଁଙ୍କ ସମେତ ଆୟୋଜକ ଇଗଲ କ୍ରିକେଟ କ୍ଲବର ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଏହି ଟୁର୍ନାମେଣ୍ଟରେ ଗଞ୍ଜାମ ଜିଲାର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

### ଆତ୍ମହୁତି ଉଦ୍ୟମ କରି ଯୁବକ ଗୁରୁତର

ଆସିକା ୨୭।୧୨ (ସୁରେନ୍ଦ୍ର ନାଥ ସାହୁ) ଗଞ୍ଜାମ ଜିଲା କୋଦିନେଡା ଥାନାର ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମରେ ଶନିବାର ଅପରାହ୍ଣରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପଡୋଶୀମାନେ ଉଦ୍ଧାର କରି ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ସେ ହେଲେ ସେହି ଗ୍ରାମର ସୁନିଲ ନାହାକ (୩୦)। ସୁନିଲ ବିବାହିତ ଓ ତାଙ୍କର ୩ଟି ସନ୍ତାନ ଅଛନ୍ତି। ଏ ସମ୍ପର୍କରେ ପୋଲିସକୁ ପଚାରିବାରେ ପୋଲିସ ନିକଟରେ ଅଦ୍ୟାବଧି କୌଣସି ଅଭିଯୋଗ ପହଞ୍ଚିନଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ

ବୁଗୁଡା,୨୭।୧୨(କାଳିଚରଣ ଦାଶ) ବିଶ୍ୱଶାନ୍ତି ତଥା ଜନକଲ୍ୟାଣ ଉଦ୍ଦେଶ୍ୟରେ ବୁଗୁଡା ବ୍ଲକର କରଚୁଲି ଗ୍ରାମରେ ଶ୍ରୀରାମ ଚରିତ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞର ଶୁଭାରମ୍ଭ ହୋଇଛି। ୨୫ ତାରିଖରେ ଶୁଭାଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଗହଙ୍ଗୁ ମଠାଧୀଶ ଶ୍ରୀ ରାଘବାନନ୍ଦ ଦାସଜୀ ମହାରାଜଙ୍କ ଦ୍ୱାରା ପ୍ରାତଃକାଳୀନ ପୂଜନ ଓ ପାରାୟଣ କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ସନ୍ଧ୍ୟା ସମୟରେ ହନୁମାନ ଚାଳିଶା ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ପ୍ରବଚକ ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ ଓ ପଣ୍ଡିତ ଗୋପାଳ ରାଜଗୁରୁ ଯୋଗ ଦେଇ ସତସଙ୍ଗ ମହିମା, ସତୀ ବିବାହ, ରାମ ଜନ୍ମର କାରଣ, ଅବତାରବାଦ ଆଦି ପ୍ରସଙ୍ଗରେ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ପ୍ରଦାନ କରିଛନ୍ତି। ଆସନ୍ତା ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଉକ୍ତ ନବଦିବସୀୟ କାର୍ଯ୍ୟକ୍ରମରେ ଅନ୍ୟତମ ପ୍ରବଚକ ଭାବେ ପୂଜ୍ୟ ସନ୍ଥ ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀଙ୍କ ଯୋଗଦାନ ନିଶ୍ଚିତ ହୋଇଥିବା ବେଳେ ସାନ୍ଧ୍ୟକାଳୀନ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟୁଛି।

## ରମ୍ଭା କ୍ରିକେଟ କ୍ଲବ୍ ବିଜୟୀ




ରମ୍ଭା,୨୭।୧୨(ବନବାସୀ ସେଠୀ)

ରମ୍ଭା ହାଇସ୍କୁଲ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ୫ମ ଦିନରେ ରମ୍ଭା କ୍ରିକେଟ କ୍ଲବ ସହ ଭୁବନେଶ୍ୱର ଜୟଦେବ ସ୍ପୋର୍ଟ ଏସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। ଉପାଧକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ତପନ ସାମନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିନରେ ପ୍ରଥମ ଇନିଂସରେ ରମ୍ଭା କ୍ରିକେଟ କ୍ଲବ ଟସ୍ ଜିତି ବୋଲିଂ ର ନିଷ୍ପତି ନେଇଥିଲେ। ୧୮ ଓଭର ୩ ଗୋଟି ବଲରେ ସମସ୍ତ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲେ। ଜୟଦେବ ସ୍ପୋର୍ଟ୍ସ ଏସୋସିଏସନ ତରଫରୁ ଅଭିଷେକ ମହାନ୍ତ ସର୍ବାଧିକ ୨୪ ଗୋଟି ବଲରେ ୪୨ ରନ ସଂଗୃହିତ କରିଥିଲେ। ସେଥିରେ ୫ ଗୋଟି ଚୌକା, ୨ ଗୋଟି ୬ କା ହାସଲ କରିଥିଲେ। ତାର ଜବାବରେ ରମ୍ଭା କ୍ରିକେଟ କ୍ଲବ ୧୭ ଓଭରରେ ୫ ଗୋଟି ଉଇକେଟ ହରାଇ ୧୩୨ ରନ ସଂଗୃହିତ କରିଥିଲେ। ରମ୍ଭା ତରଫରୁ ଅରବିନ୍ଦ ସିଂ ୨୭ ବଲରେ ୪୧ ରନ ସଂଗ୍ରହ କରିଥିଲେ ଏବଂ ପ୍ରଫୁଲ୍ଲ ତରାଇ ୪ ଓଭର ରେ ୨୩ ରନ ଦେଇ ୪ ଗୋଟି ଉଇକେଟ ନେଇ ମେନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଲଗାତାର ୫ ଦିନ ଧରି ଏମ୍ପାୟାର କରିଥିବା ହେତୁ ଅବଦୁଲ ରହିମ ଖାନ ବିଦାୟ କାଳୀନ ସମ୍ବର୍ଦ୍ଧନା ହିମାଂଶୁ ବୈଠାରୁ ଦେଇଥିଲେ। ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ।

### ୨ ଅଭିଯୁକ୍ତ ଗିରଫ

ଖଜୁରିପଡ଼ା, ୨୭।୧୨( ବିଦୁର ବେହେରା)

ଖଜୁରିପଡ଼ା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲି ସୁଗି ଗ୍ରାମର ଅନନ୍ତ ମଲ୍ଲିକ ବେଆଇନ ଗଞ୍ଜେଇ ଚାଷ କରିଥିବାରୁ ତା ନାଁରେ ପୋଲିସ ମାମଲା ରୁଜୁ କରି ଗିରଫ କଲା ପରେ କୋର୍ଟ ଚାଲାଣ କରିଛି। ସେହି ପରି ଦାତ ପାଙ୍ଗୁ ଗ୍ରାମର ଜନ୍ମେଜୟ ଦିଗାଲ ଓରଫ ବାବୁଙ୍କ ନାମରେ ୨୦୨୪ ମସିହାରେ ହତ୍ୟା ମାମଲା ରୁଜୁ ହୋଇଥିଲା । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଫେରାର ଜନ୍ମେଜୟଙ୍କୁ ପୋଲିସ ଗିରଫ କରିଛି। ଉଭୟଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

**ଓଡ଼ିଶା ସରକାର** No. T-121

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0215/2526

## ସ୍ନାତକ ଦିବସ ପାଳିତ

ଗୋପାଳପୁର,୨୭।୧୨(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଗୋଲନ୍ଥରା ସ୍ଥିତ ଗାନ୍ଧୀ ଏକାଡେମି ଅଫ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରରେ ସ୍ନାତକ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିପିୟୁଟି ପ୍ରଫେସର ଡି ଚନ୍ଦ୍ର ଶେଖର ରାଓ ଯୋଗ ଦେଇଥିଲେ। ୨୦୨୪-୨୫ ଶିକ୍ଷା ବର୍ଷର ଏମବିଏ, ବି ଟେକ, ଏମସିଏ ବିଭାଗର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବା ସହ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଅଧକ୍ଷ ପ୍ରଫେସର ଗୌରୀ ଶଙ୍କର ମହାପାତ୍ର, ଉପାଧକ୍ଷ ଉଲ୍ଲାସ ଚନ୍ଦ୍ର ଶତପଥି ଛାତ୍ରୀଛାତ୍ରମାନଙ୍କ ସଫଳତା ବିଷୟରେ କହିଥିଲେ। ଅତିଥି ମାନେ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ମୁଖ୍ୟ ଅଧାପକ ମାନେ ସହଯୋଗ କରିଥିବା ବେଳେ ଗୌରବ ରଥ ଧନ୍ୟବାଦ ଦେଇଥିଲେ।

### ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବୁଗୁଡ଼ା,୨୭।୧୨(କାଳିଚରଣ ଦାଶ)

ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ଏକାଦଶତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଛି। ଉକ୍ତ ଦ୍ୱିଦିବସୀୟ ବାର୍ଷିକ କ୍ରୀଡାର ଉଦଯାପନୀ ଉତ୍ସବରେ ସ୍କୁଲ ଅଧକ୍ଷ ବାଲଗୋପାଲ ଶତପଥୀ ଅଧକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ ସାହୁ, ମୁଖ୍ୟ ବକ୍ତା ଭାବେ ସ୍କୁଲ ଟ୍ରଷ୍ଟି ଏ.ଜାନକୀ ରାଣୀ ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବି.ଗୋପାଳ ପାତ୍ର ଓ ଶିକ୍ଷାନୁଷ୍ଠାନର ଶୈକ୍ଷିକ ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ୍ ଥ୍ରୋ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଗୁଡିକୁ ଶିକ୍ଷୟିତ୍ରୀ ପାୟଲ ବିଷୋୟୀ, ଜ୍ୟୋତି ସାହୁ, ପୂଜା ସ୍ୱାଇଁ, ଲିଫା ଦାଶ, କୁମୁଦିନୀ ସାବତ, ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଓ ଭଞ୍ଜ ସେଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ହର ପ୍ରସାଦ ନନ୍ଦ ଓ ଶ୍ରୀକାନ୍ତ ଖାଡ଼ଙ୍ଗା ସକ୍ରିୟ ସହଯୋଗ କରିଥିଲେ।

**ଘୋଷଣା**

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ

GOVERNMENT OF ODISHA e-mail: sebalangir@gmail.com

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**2nd Corrigendum to Notice "e-Procurement Notice No. ACE, BOIC-06/2025-26**

**BID Identification No. ACE, BOIC-06/2025-26**

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal **"https://www.tendersodisha.gov.in"**.
**OIPR-32347/11/0012/2526** **Sd./- Additional Chief Engineer, Balangir Irrigation Circle, Balangir**

**ପୂର୍ବ ତଟ ରେଳପଥ**

**1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ**

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (**LHS**), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (**ROB**) / ରୋଡ୍ ଅଣ୍ଡର ବ୍ରିଜ୍ (**RUB**) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: **LHS :- JT-01, JT-07, JT-36, JT-69, ST-14, 24, 45,** ଆୟୋଦଲା - ଲାଞ୍ଜିଗଡ଼ ରୋଡ଼ର କି.ମି. **257/5-7** ନିକଟରେ ଟ୍ରେସପାସିଂ ସ୍ଥାନ।

**ଟେଣ୍ଡର ମୂଲ୍ୟ (₹): 1,76,69,162.50,** ବିଡ୍ ସିକ୍ୟୁରିଟି (₹) **: 2,38,400.00।**

**2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ**

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ **20K** ଠାରୁ ଉର୍ଦ୍ଧ୍ୱ **TVU** ସହିତ **03** ଟି ଲେଭଲ କ୍ରସିଂ ଗେଟ୍ (**RV-163, RV-164** ଏବଂ **ST-63**)ର ଇଣ୍ଟରଲକିଂ।

**ଟେଣ୍ଡର ମୂଲ୍ୟ (₹): 3,62,43,893.40,** ବିଡ୍ ସିକ୍ୟୁରିଟି (₹) **: 3,31,200.00।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 12.01.2026** ରିଖ **1100** ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. **15.01.2026** ରିଖ **1100** ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **https://www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-940/Q/25-26

GOVERNMENT OF ODISHA No.B-895

**OFFICE OF THE SUPERINTENDING ENGINEER JEYPORE (R&B) DIVISION, JEYPORE**

ID: ee.randbjyp@gmail.com
e-Procurement Notice
Bid Identification No. S.E. (R&B)-10/2025-26/JYP(K)
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**.

| | | | |
|---|---|---|---|
| 1 | Name of the work | : | Road and building works as mentioned in DTCN |
| 2 | No. of works | : | 09 Nos. |
| 3 | Estimated cost | : | Rs.4.99 lakhs to 39.28 lakhs |
| 4 | Period of completion | : | 2 (Two) to 3 (Three) months |
| 5 | Date & time of bidding | : | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | : | 17.00 hours of 09.01.2026 |
| 7 | Bids received online shall be opened on | : | 11.00 hours of 12.01.2026 |
| 8 | Name and address of the officer inviting bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 **Sd./- Superintending Engineer, Jeypore (R&B) Division**

Government of Jharkhand
**Urban Development And Housing Department**
**Dhanbad Municipal Corporation, Dhanbad**

**e-Procurement Re-Tender Notice No. DMC/40/2025-26**

Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)

**NOTE:-**
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
**Executive Engineer,**
**Dhanbad Municipal Corporation, Dhanbad**

PR 369516 Urban Development (25-26)_D

WORKS DEPARTMENT No.B-893

**OFFICE OF THE SUPERINTENDING ENGINEER RAIRANGPUR (R&B) DIVISION**

e-mail: eerbrairangpur@yahoo.co.in
Government of Odisha 'e' Procurement Notice
Bid Identification No. SE41 of 2025-26

| | | | |
|---|---|---|---|
| 1 | Nature of work | : | Building work |
| 2 | Number of works | : | 03 (Three) Nos. |
| 3 | Amount put to tender | : | Rs.67,87,460.00 to Rs.44,05,117.00 |
| 4 | Class of contractor | : | B Class |
| 5 | Date & time of availability of bid document in the portal | : | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | : | Dt.06.01.2026 upto 04.00 P.M. |
| 7 | Date of opening of bid | : | Dt.07.01.2026 at 11.00 A.M. |
| 8 | Name & address of the office inviting bid | : | **Superintending Engineer, Rairangpur (R&B) Division** |
| 9 | The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only. | | |

**Sd./- Superintending Engineer, Rairangpur (R&B) Division**
OIPR-34041/11/0023/2526

## ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଲେ ମୁରଲୀଧର

କବିସୂର୍ଯ୍ୟନଗର(କୃପାସିନ୍ଧୁ ସ୍ୱାଇଁ):ବିଭିନ୍ନ କୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିବାକୁ ନିକଟରେ ସରକାର ଏକ ତାଲିକା ପ୍ରକାଶ କରିଛନ୍ତି। ସେହିକ୍ରମରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପାଇଁ ସରକାରୀ ଓକିଲ ଭାବେ ମୁରଲୀଧର ପାଣିଗ୍ରାହୀଙ୍କୁ ନିଯୁକ୍ତି କରାଯାଇଛି। ପାଣିଗ୍ରାହୀଙ୍କ ଓକିଲ ରୂପେ ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ସେ ରିମାଣ୍ଡର ଓକିଲ, ପାରାଲିଗାଲ ଭଲ୍ୟୁଣ୍ଟର ଭାବେ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିଛନ୍ତି।

**ସଂକ୍ଷେପରେ**

## ଇ-ଲାଇବ୍ରେରୀ ଉଦ୍‌ଘାଟିତ

ଛତ୍ରପୁର,୨୭।୧୨( ଦିଲୀପ ସାମଲ)- ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଇ-ଲାଇବ୍ରେରୀ ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲା ଦୌରା ଜଜ ଅଶାନ୍ତ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଦୌରା ଜଜ ପ୍ରଦୀପ ସାମଲ, ଜିଲା ରେଜିଷ୍ଟ୍ରର ସୌଦାମିନୀ ସିଂ, ସବ ଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ପ୍ରୀତିଶ ରଥ, ଜେଏମ୍‌ଏଫ୍‌ସି ସ୍ୱାଗତିକା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ପୂର୍ବତନ ସଭାପତି ଗୋକୁଳଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ଓକିଲ ସଂଘ ସମ୍ପାଦକ ଏସ. ଶ୍ୟାମ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆସିଷ୍ଟାଣ୍ଟ ସେକ୍ରେଟାରୀ ପି.କେଶବ ରେଡ୍ଡୀ, ଆଇନଜୀବୀ ପଦ୍ମ ଚରଣ ସାହୁ,ମନୋଜ ପାଢ଼ୀ, ଦେବେନ୍ଦ୍ର ମିଶ୍ର, କୈଳାସ ପଲାଇ, ଡି. ଆଦିନାରାୟଣ ରେଡ୍ଡୀ, ଏଲ. ଗୋପାଲ ରାଓ, ପି. ଧର୍ମା ରେଡ୍ଡୀ, ନରସିଂହ ପାଢ଼ୀ, ଦିଲୀପ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଅଧା ଭଙ୍ଗା ଘରେ କଟୁଛି ଓକିଲଙ୍କ ଜୀବନ

ଚକାପାଦ,୨୭।୧୨(ପ୍ରତାପ କିଶୋର ବେହେରା) ଚକାପାଦ ବ୍ଲକ୍ ଅନ୍ତର୍ଗତ ବପଲମେଣ୍ଡି(ଲା) ଡେଲିପଙ୍ଗା ଗ୍ରାମର ଓକିଲ ଡିଗାଲ (୬୫)ଙ୍କ ୨ ପୁଅ ନିଜ ନିଜ ସଂସାରକୁ ନେଇ ଚଳୁଛନ୍ତି। ବଡ ପୁଅ ଘର ଖଣ୍ଡେ ପାଇଛି। ସାନପୁଅ ବୋହୂ ବାପା ପାଖରେ ରହୁଛନ୍ତି। ଆଜକୁ ବହୁ ବର୍ଷ ବିତିଗଲାଣି। ବହୁବାର ଆବେଦନ କଲେ ମଧ ଘର ଲିଷ୍ଟରୁ କଟିଯାଉଥିବାରୁ ଓକିଲ ପଞ୍ଚାୟତକୁ ଯାଇ ଅଭିଯୋଗ କରୁଛନ୍ତି। ହେଲେ ଫଳ ଶୂନ। ୨୦୧୯ରେ ହୋଇଥିବା ବାତ୍ୟାରେ କଚା ଘରଟି ଭାଙ୍ଗି ଯାଇଥିଲା। ତତକାଳିନ ଲାଇନ୍‌ପଡ଼ା ରାଜସ୍ୱ ନିରୀକ୍ଷକ ନିଜେ ତଦାରଖ କରି ସରକାରଙ୍କ ଅନୁକମ୍ପା ଅର୍ଥ ରାଶି ପାଇଁ ସବୁ କାଗଜ ପତ୍ର ନେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ପାଇ ପାରିଲେ ନାହିଁ। ଚଳିତ ବର୍ଷ ଲଗାଣ ବର୍ଷାରେ ଖଣ୍ଡିଏ ପାଲ ପାଇଁ ଆରଆଇ ଅଫିସରୁ ତହସିଲ ଅଫିସକୁ ଦୌଡ଼ି ଦୌଡି ଖଣ୍ଡେ ଜରି ପାଲ ମିଳିଲା ନାହିଁ। ଏନେଇ ଘର ଖଣ୍ଡେ ପାଇଁ ଓକିଲ ସରକାରଙ୍କୁ ନିବେଦନ କରିଛନ୍ତି।

## କୈବର୍ତ୍ତ ସମାଜର ବୈଠକ

ଶେରଗଡ଼,୨୭।୧୨ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ କୈବର୍ତ୍ତ ସମାଜର ଏକ ବୈଠକ ସ୍ଥାନୀୟ କୈବର୍ତ୍ତ କୋଠାଘରେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ପାଣ୍ଡବ ବେହେରା ସଭାପତିତ୍ୱ କରିଥିଲେ। କବିସୂର୍ଯ୍ୟନଗର କୈବର୍ତ୍ତ ସମାଜର ସଭ୍ୟ ହାଡୁବନ୍ଧୁ ବେହେରା, ଗୌରହରି ବେହେରା ଯୋଗଦେଇ କୈବର୍ତ୍ତ ସମାଜର ନୀତି ଆଦର୍ଶକୁ ମାନି ଚଳିବା, ଦୁର୍ବଳ ଶ୍ରେଣୀର କୈବର୍ତ୍ତ ପରିବାରକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, କୈବର୍ତ୍ତ ସମାଜର ମାଛ ଧରୁଥିବା ପରିବାର ସଦସ୍ୟଙ୍କୁ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ କୈବର୍ତ୍ତ ସମାଜର ଆୟ ବ୍ୟୟ, କୋଠଘର ଉନ୍ନତିକରଣ ପାଇଁ ସଂଘ ପକ୍ଷରୁ ପ୍ରଶାସନକୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜେନ୍ଦ୍ର ବେହେରା,ଜୀବନ ବେହେରା, କୈଳାସ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତିରେ ରହିଗଲା ଦ୍ରୁତଗାମୀ ବସ୍ ଚଳାଚଳ

ପାରଳାଖେମୁଣ୍ଡି,୨୭।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମଠାରୁ ବିଭିନ୍ନ ସହରକୁ ସିଧାସଳଖ ଦ୍ରୁତଗାମୀ ବସ୍ ଚଳାଚଳା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେଉନଥିବା ଗୁରାଣ୍ଡି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ଦେଇ ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ନବରଙ୍ଗପୁର, ଜୟପୁର, କୋରାପୁଟ, ରାୟଗଡ ଆଦି ସହରାଞ୍ଚଳକୁ ଦ୍ରୁତଗାମୀ ବସ୍ ଚଳାଚଳ କରୁନାହିଁ। ବସ୍ ଚଳାଚଳ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଗତ ୫।୮।୨୪ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀ ଜଣାଇଥିଲେ। ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏହି ସମୟରେ ଉପସ୍ଥିତ ଥିଲେ। ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇପାରିନାହିଁ।

ପାରଳାଖେମୁଣ୍ଡିରୁ ଭୁବନେଶ୍ୱର ଚଳାଚଳ କରୁଥିବା ଗଜପତି ବସ୍‌କୁ ଗୁରାଣ୍ଡି ଦେଇ ଚଳାଚଳ କରିବା, ଜୟପୁର ପାରଳାଖେମୁଣ୍ଡି ବସ୍‌କୁ ଗୁରାଣ୍ଡି ଦେଇ ଗାରାବନ୍ଧ ପର୍ଯ୍ୟନ୍ତ ସଂପ୍ରସାରଣ କରିଲେ ଲୋକେ ଉପକୃତ ହୋଇପାରିବେ। ସେହିପରି ବ୍ରହ୍ମପୁରରୁ ନବରଙ୍ଗପୁର ଯାଉଥିବା ବସ୍‌କୁ ମଧ ଏହି ଗ୍ରାମାଞ୍ଚଳ ଦେଇ ଯାତାୟତ କଲେ ଭଲ ହେବ ବୋଲି ଗ୍ରାମବାସୀ ସେସମୟରେ ପ୍ରସ୍ତାବ ଦେଇଥିଲେ। ପରିବହନ ମନ୍ତ୍ରୀ ଜେନା ତୁରନ୍ତ ବସ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ମଧ ଏଯାଏ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଛି। ଅନ୍ୟପକ୍ଷରେ ପରିବହନ ମନ୍ତ୍ରୀ ଗଜପତି ଜିଲାକୁ ବାରମ୍ବାର ଗସ୍ତରେ ଆସୁଛନ୍ତି ହେଲେ ଲୋକଙ୍କ ସମସ୍ୟା ବୁଝୁନାହାନ୍ତି କି ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ କିଛି କହୁନାହାନ୍ତି। ପାରଳାଖେମୁଣ୍ଡିସ୍ଥିତ ଓଡିଶା ରାଜ୍ୟ ପରିବହନ ନିଗମର ଜିଲା ପରିଚାଳକ ଏହି ରୁଟ୍‌ରେ ବସ୍ ଚଳାଚଳ ପାଇଁ ନିରୀକ୍ଷଣ କରି ଦୁଇ ମାସ ହେଲା ଫେରି ଯାଇଥିଲେ ସୁଦ୍ଧା ଏଯାଏ କୌଣସି ବସ୍ ଉକ୍ତ ଅଞ୍ଚଳକୁ ଗଡିନି। ଅନ୍ୟପକ୍ଷରେ ଗାରାବନ୍ଧ, ଗୋଷାଣି ଓ ଗୁରାଣ୍ଡି ଦେଇ ପାରଳାଖେମୁଣ୍ଡି ଓ ରାୟଗଡା ଜିଲା ସଦରମହକୁମାକୁ ଏକ ଘରୋଇ ବସ୍ ଚଳାଚଳ କରୁଥିଲା। ତେବେ ଏହି ବସ୍‌ଟି ରାୟଗଡାରୁ ପାରଳାଖେମୁଣ୍ଡି ଚଳାଚଳ କରି ରାତ୍ର ରହଣି ପାରଳାଖେମୁଣ୍ଡିରେ କରୁଛି। ରାୟଗଡାରୁ ସନ୍ଧ୍ୟା ୬ଟାରେ ପାରଳାଖେମୁଣ୍ଡିରେ ପହଞ୍ଚ ଗୁରାଣ୍ଡି ଗ୍ରାମ ଦେଇ ଗାରାବନ୍ଧାରେ ପୂର୍ବରୁ ରାତ୍ର ରହଣି କରୁଥିଲା। ହେଲେ କିଛି ବର୍ଷ ହେଲା ଏହି ବସଟି ପାରଳାଖେମୁଣ୍ଡିରେ ରହଣି କରୁଛି। ଫଳରେ ସନ୍ଧ୍ୟା ସମୟରେ ଗୁରାଣ୍ଡି ଓ ଗାରାବନ୍ଧକୁ ଲୋକେ ଯାତାୟାତ କରିପାରୁନାହାନ୍ତି। ଉକ୍ତ ବସ୍‌ଟି ପୁଣି ଗାରାବନ୍ଧ ପର୍ଯ୍ୟନ୍ତ ଚଳାଚଳ କରିବାକୁ ଆରଟିଓଙ୍କଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ଯଦି ଅଳ୍ପ ଦିନ ମଧ୍ୟରେ ଗୁରାଣ୍ଡି ଗ୍ରାମ ଦେଇ ବସ ଚଳାଚଳ ଆରମ୍ଭ ନ ହୁଏ ତେବେ ମାଛମରା ଛକସ୍ଥିତ ଜାତୀୟରାଜପଥ ଏବଂ ଗୋଷାଣି ଗ୍ରାମଛକର ରାଜ୍ୟ ରାଜପଥକୁ ଅବରୋଧ କରି ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପୃଥକ୍ ପୃଥକ୍ ସ୍ଥାନରେ ସଡ଼କ ଦୁର୍ଘଟଣା

ଦାରିଙ୍ଗବାଡି,୨୭।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି। ୫୯. ନଂ. ଜାତୀୟ ରାଜପଥ ସିମନବାଡି ନିକଟ ଟୋଲ ଗେଟ୍ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣାର ଶୀକାର ହୋଇଛି। ଏଥିରେ କାହାର କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରୁ ସିମେଣ୍ଟ ବୋଝେଇ୧୪ ଚକିଆ ଟ୍ରକ ଉକ୍ତ ବ୍ଲକ ବ୍ରାହ୍ମଣୀଗାଁ ଯାଉଥିଲା ତେବେ ଚାଳକ ସୁଶୀଳ ନବାର ସିମନବାଡି ନିକଟ ଟୋଲ ଗେଟରେ ଟ୍ରକ୍ ଟିକୁ ରଖି ରୋଷେଇ କରି ଖାଇବା ପାଇଁ ରଖିଥିବା ବେଳେ ଇଞ୍ଜିନକୁ ବନ୍ଦ କରି ଥଣ୍ଡା ପାଇଁ ଛାଡ଼ିଥିଲେ। ପରେ ଶୌଚ ପାଇଁ ଯାଇଥିବା ବେଳେ ଟ୍ରକଟି ଆପେ ଆପେ ପଛକୁ ଗଡ଼ି ପ୍ରାୟ ୨ ଶହ ମିଟର ପଛୟ ଚାଷ ଜମି ଭିତକୁ ପଶିଯାଇଥିଲା। ଅନ୍ୟପଟେ ଡବେରୀ ନିକଟରେ ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣା ଘଟି ୨ ଜଣ ଯୁବକ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଗୁରୁତର ୨ ଜଣ ହେଲେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏନ୍‌ସ ପ୍ରଧାନ ଏବଂ ନରେନ୍ଦ୍ର ଦିଗାଲ। ସେମାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ସେମାନଙ୍କୁ ଅନ୍ୟତ୍ର ଚିକିତ୍ସା ପାଇ ଡାକ୍ତର ପରାମର୍ଶ ଦେଇଥିଲେ। ଗୁରୁତରଙ୍କ ମଧ୍ୟରେ ଏନ୍‌ସଙ୍କ ମୁଣ୍ଡରେ ଅଧିକା କ୍ଷତ ହୋଇଥିବା ବେଳେ ନରେନ୍ଦ୍ରଙ୍କ ଗୋଡ଼ ଓ ମୁଣ୍ଡରେ ଆଘାତ ହୋଇଥିଲା। ଏଥିରେ ଅନ୍ୟଜଣେ ସୋମ୍ୟରଞ୍ଜନ ପାଇକରାୟ ଓରଫ ଟିକୁ ସାମାନ୍ୟ ଖଣ୍ଡିଆ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତ।

## ଦ୍ୱିତୀୟ ଦିନରେ ଆଉଟ୍ ଡୋରରେ ଘଣ୍ଟାଏ ରୋଗୀସେବା ବନ୍ଦ

ଛତ୍ରପୁର,୨୭।୧୨ (ଦିଲୀପ ସାମଲ)



ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ସୁରକ୍ଷା, ମୂଳ ଦରମା ବୃଦ୍ଧି ଭଳି ଅନ୍ୟାନ୍ୟ ଦାବି ପୂରଣ ଦିଗରେ ସରକାର ଅଣଦେଖା କରି ଆସୁଛନ୍ତି। ଏହାର ପ୍ରତିବାଦରେ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏଶନ(ଓମ୍‌ସା) ଆନ୍ଦୋଳନକୁ ଓହ୍ଲାଇଛି। ଶୁକ୍ରବାରଠାରୁ ୧ ଘଣ୍ଟା ଆଉଟ୍ ଡୋର (ବର୍ହିବିଭାଗ) ରୋଗୀସେବା ବନ୍ଦ କରାଯାଇଛି। ଏହାକୁ ସମର୍ଥନ ଜଣାଇ ଗଞ୍ଜାମ ଜିଲା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ମଧ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନର ଦ୍ୱିତୀୟ ଦିନରେ ଉପଖଣ୍ଡ ଚିକିତ୍ସାଳୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବର୍ହିବିଭାଗ ରୋଗୀସେବା ବନ୍ଦ ରହିଥିଲା। ଫଳ ରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରୋଗୀମାନେ ଲମ୍ବା ଧାଡିରେ ରହିଥିବା ବେଳେ ଡାକ୍ତରମାନେ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହି ଚିକିତ୍ସାଳୟ ଉପରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସହିତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଲୋକ ମାନେ ନିର୍ଭର କରୁଛନ୍ତି। ସରକାର ଡାକ୍ତରଙ୍କ ଦାବୀଗୁଡିକ ଶୀଘ୍ର ପୂରଣ କରିବା ସହିତ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଦାବି ପୂରଣ ନହେଲା ପର୍ଯ୍ୟନ୍ତ ଏପରି ପ୍ରତ୍ୟେକ ଦିନ ୧ ଘଣ୍ଟା ସେବା ବନ୍ଦ ରହିବ ବୋଲି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସୁଦର୍ଶନ ସାହୁ କହିଛନ୍ତି।

## ଏଏସ୍‌ଆଇ ପଦୋନ୍ନତି ପାଇଲେ ବିରଞ୍ଚି

ଗଞ୍ଜାମ,୨୭।୧୨(ବିଦ୍ୟାଧର ସାହୁ) ଛତ୍ରପୁର ସ୍ଥିତ ଜିଲା ଆରକ୍ଷୀ କାର୍ଯ୍ୟାଳୟରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିବା ବିରଞ୍ଚି ନାରାୟଣ ପଲେଇଙ୍କ ପଦୋନ୍ନତି ହୋଇଛି। କନେଷ୍ଟବଳରୁ ଏଏସ୍‌ଆଇକୁ ପଦୋନ୍ନତି ହୋଇଥିବା ରାଜ୍ୟ ମୁଖ୍ୟାଳୟରୁ ଚିଠି ନଂ. ୩୬୯୦ରେ ଉଲ୍ଲେଖ ରହିଛି। ବିରଞ୍ଚି ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ଅଧିନସ୍ଥ ଶତ୍ରୁଶୋଲ ଗ୍ରାମର କୃଷ୍ଣଚନ୍ଦ୍ର ପଲେଇଙ୍କ କନିଷ୍ଠ ପୁତ୍ର। ସେ ଜଣେ ଚାଷୀ ଘର ପୁଅ ହୋଇଥିବାରୁ କନଷ୍ଟେବଳ ଦରମାରୁ ପରିବାର ଚଳାଇବାଟା କଷ୍ଟକର ହେଉଥିଲା। କଠିନ ପରିଶ୍ରମ କରି ଏଏସ୍‌ଆଇ ପରୀକ୍ଷାରେ ସଫଳ ହାସଲ କରିଛନ୍ତି। ତେବେ ତାଙ୍କର ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ନେଇ ବଜରଙ୍ଗ ଦଳର ପ୍ରତିବାଦ



ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ବଜରଙ୍ଗ ଦଳ ସଦସ୍ୟ

ଜି.ଉଦୟଗିରି,୨୭।୧୨(ଚିନ୍ମୟ କୁମାର ସେଠୀ)

ବାଂଲାଦେଶର ଢାକା ଠାରେ ଇସଲାମ କଟରବାଦୀ ମାନେ ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣାକୁ ନେଇ ଜି.ଉଦୟଗିରି ସହରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରତିବାଦ ଶୋଭାଯାତ୍ରା ଦେଖିବାକୁ ମିଳିଛି। କନ୍ଧମାଳ ଜିଲା ବଜରଙ୍ଗ ଦଳ ଜିଲା ସଭାପତି ପ୍ରମୋଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜି.ଉଦୟଗିରି ବଜରଙ୍ଗ ଦଳ ସଂଯୋଜକ ଆଶିଷ କାଣ୍ଡି, ସହ ସଂଯୋଜକ ଜିତେନ୍ଦ୍ର ନାୟକ, ସାପ୍ତାହିକ ମିଳନ ପ୍ରମୁଖ ରବିନ୍ଦ୍ର ଦାସଙ୍କ ସମେତ ଦଳର କର୍ମକର୍ତ୍ତା ମାନେ ବାଂଲାଦେଶରୁ ବେଆଇନ ଭାବେ ଆସିଥିବା ମୁସଲମାନ ଓ ରୋହିଙ୍ଗିଆ ମାନଙ୍କୁ ଦେଶ ତଥା ଆମ ଅଞ୍ଚଳରୁ ବାହାରିଯିବା ପାଇଁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶେଷରେ ସ୍ଥାନୀୟ ଗାନ୍ଧୀ ଛକ ଠାରେ ଜିଲ୍ଲା ସଭାପତି ମୃତ ହିନ୍ଦୁ ଯୁବକ ଦୀପୁ ଦାସଙ୍କ ପ୍ରତି ହୋଇଥିବା ଅମାନୁଷିକ ହତ୍ୟା ବିଷୟରେ କହିବା ସହ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମକର୍ତ୍ତା ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ବାଂଲାଦେଶୀ ହିନ୍ଦୁ ମାନଙ୍କ ଉପରେ ଇସଲାମ କଟରବାଦୀ ମାନଙ୍କ ଅତ୍ୟାଚାର ନେଇ ପ୍ରତିବାଦ କରାଯାଇଥିବା ଦେଖିବାକୁ ମିଳିଛି।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ, ଜେଲ ଗଲେ ସ୍ୱାମୀ

**ସ୍ୱାମୀଙ୍କ ପରକିୟା ପ୍ରୀତି**

ଦିଗପହଣ୍ଡି, ୨୭।୧୨(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳ କଲୋନୀ ପ୍ରଥମ ଲେନର ଚନ୍ଦନ ପାତ୍ରଙ୍କ ପରକିୟା ପ୍ରୀତି ମହଙ୍ଗା ପଡିଛି। ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ପରେ ତାଙ୍କୁ ଜେଲ ଯିବାକୁ ପଡିଛି। ସ୍ତ୍ରୀ ଥାଉ ଥାଉ ଚନ୍ଦନ ଅନ୍ୟ ଜଣେ ମହିଳାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେଇ ଆସୁଥିଲେ। ଏଥିପାଇଁ ସେ ସ୍ତ୍ରୀ ପ୍ରମିଳାଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜ କିଶୋର ପାତ୍ର ଘଟଣାର ତଦନ୍ତ ପରେ ଶନିବାର ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୪୯୯/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପ୍ରମିଳାଙ୍କୁ ୨୦୧୬ରେ ଚନ୍ଦନ ପାଟପୁର ନିକଟସ୍ଥ ବୁଦ୍ଧେଶ୍ୱର ଶୈବପୀଠରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ପ୍ରମିଳାଙ୍କ ବାପଘର ପକ୍ଷରୁ ୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ପ୍ରଦାନ କରାଯାଇଥିଲା। ମାତ୍ର ଚନ୍ଦନ ବିଭିନ୍ନ ସମୟରେ ଔଷଧ ଦେଇ ପ୍ରମିଳାଙ୍କ ୨ ଥର ଗର୍ଭ ନଷ୍ଟ କରିବା ସହ ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ। ଏପରିକି ପ୍ରମିଳା ବାପଘରୁ ଆଣିଥିବା ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ସେହି ମହିଳାଙ୍କୁ ନେଇ ସେ ଦେଇଥିଲେ। ସମ୍ପୃକ୍ତ ମହିଳାଙ୍କ ଗୋଟିଏ ଶିଶୁ ଜନ୍ମ ହେବା ପରେ ଚନ୍ଦନ ପ୍ରମିଳାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଥିଲେ। ବାପଘରୁ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରି ଚନ୍ଦନ ତାଙ୍କୁ ଲୁହା ଛଡ଼ରେ ନିସ୍ଥୁକ ମାଡ଼ ମାରିବା ସହ ଗତ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିଥିଲେ ବୋଲି ପ୍ରମିଳା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଚନ୍ଦନ ସୁବିଧା ଦରରେ ବାସପଯୋଗୀ ପ୍ଲଟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଚୁକ୍ତିନାମା ସ୍ୱାକ୍ଷର କରି ଦିଗପହଣ୍ଡି ଅଞ୍ଚଳର ବହୁ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଛି।

## ଦାରିଙ୍ଗବାଡ଼ି ଭାଜପା ମଣ୍ଡଳରେ ନୂତନ କର୍ମକର୍ତ୍ତା

ଦାରିଙ୍ଗବାଡି, ୨୭।୧୨ (ଅରୁଣ ସାହୁ ): ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ଶିକ୍ଷିତ ଯୁବଗୋଷ୍ଠୀ ରାଜନୀତିକୁ ପସନ୍ଦ କରି ବିଭିନ୍ନ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଭାଜପା ପକ୍ଷରୁ ମଣ୍ଡଳ ସଭାପତି ଭାବେ ମିଟୁ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଭାଜପା ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛି। ମିଟୁ ସାହୁ ମଣ୍ଡଳ ସଭାପତି ଦାୟିତ୍ୱ ନେବା ପରେ ତାଙ୍କ ଦଳରେ ସାଧାରଣ ସମ୍ପାଦକ ଭାବେ ରୁଦ୍ର ମାଧବ ସାହୁଙ୍କୁ ନୂତନ ଦାୟିତ୍ୱ ମିଳିଛି। ରୁଦ୍ରମାଧବଙ୍କ ସମେତ ଏହି ଦାୟିତ୍ୱ ରଞ୍ଜନ କୁମାର ସାହୁଙ୍କୁ ଜିଲା ସଭାପତି ଓ ମଣ୍ଡଳ ସଭାପତିଙ୍କ ପକ୍ଷରୁ ଦିଆଯାଇଛି। ସେହିପରି ୬ ଜଣଙ୍କୁ ମଣ୍ଡଳ ଉପସଭାପତି ଓ ୬ ଜଣଙ୍କୁ ସମ୍ପାଦକ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଭାଜପାର ଯୁବମୋର୍ଚ୍ଚା ସଭାପତି ଭାବେ ରୁଦ୍ର ନାରାୟଣ ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଚୁନି ମୁଖି, କିଷାନ ମୋର୍ଚ୍ଚାର ସୁବଳ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚାର ଲେଙ୍କା ନାୟକ, ଜନଜାତି ମୋର୍ଚ୍ଚାର ଶାନ୍ତନୁ ପ୍ରଧାନ, ଓବିସି ମୋର୍ଚ୍ଚାର ସୋଭାଗ୍ୟ ସୁବୁଦ୍ଧି, ସଂଖ୍ୟାଲଘୁ ମୋର୍ଚ୍ଚାର ଜିତେନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯିବା ସହ ମଣ୍ଡଳ କାର୍ଯ୍ୟକାରୀ ସଦସ୍ୟଙ୍କୁ ମଧ ଚୟନ କରାଯାଇଛି।

## କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଜାତୀୟସ୍ତରର ପାଠଚକ୍ର

ମୋହନା,୨୭।୧୨(ମନ୍ମଥ ମିଶ୍ର)- ଗଜପତି ଜିଲା ମୋହନାସ୍ଥିତ ହିଲଟପ ସ୍ନାତକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଇଂଲିଶ ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଉପରେ ଏକ ଜାତୀୟସ୍ତରର ପାଠଚକ୍ର ଓ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଠଚକ୍ରରେ ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଡ. ନିଗମାନନ୍ଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ପାଠଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ କୋର ଅସୀମ ରଞ୍ଜନ ପାଢ଼ୀ ସମ୍ମାନିତ ଅତିଥି ଓ ଜିଆଇଟି ଗୁଣୁପୁର ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଡ. ରଞ୍ଜିତ ପତି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ଏସ. ରମେଶ ସ୍ୱାଗତ ସୂଚନା ଦେଇଥିଲେ।

## କବିସୂର୍ଯ୍ୟ ରକ୍ତଦାନ ସେବାସଂଘର ବାର୍ଷିକୋତ୍ସବ

କବିସୂର୍ଯ୍ୟନଗର,୨୭।୧୨ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଆଇବି ଛକସ୍ଥିତ ମିନିଷ୍ଟାଡିୟମ ପରିସରରେ କବିସୂର୍ଯ୍ୟ ରକ୍ତଦାନ ସେବା ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଛି। ଏଥିରେ ଉଦ୍‌ଘାଟକ ଭାବେ ଖଣିଜ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ଯୋଗଦେଇ ଥିଲେ। ଅନୁଷ୍ଠାନର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ପ୍ରତିଷ୍ଠାତା ତଥା ମୁଖ୍ୟ ସଂଯୋଜକ ସୁମନ୍ତ କୁମାର ଚର୍ଚ୍ଚି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ରକ୍ତଦାନ ଭଳି ମହତ ଅନୁଷ୍ଠାନ କରି ସାଧାରଣ ଲୋକଙ୍କ ସେବା କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରୁଥିବା ଯୋଗୁ ଏଭଳି ଅନୁଷ୍ଠାନକୁ ମନ୍ତ୍ରୀ ବିଭୁତି ଭୂଷଣ ସାଧୁବାଦ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଗଞ୍ଜାମ ଜିଲା ହ୍ୟୁମାନ ରାଇଟ୍ସ ସଭାପତି ଲୋକନାଥ ତ୍ରିପାଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପିତାମ୍ବର ସେଠୀ, ସମାଜିକ କର୍ମୀ ରାମ ପ୍ରସାଦ ମହାରଣା, ଭାଜପା ମଣ୍ଡଳ ସଭାପତି ଅଶୋକ ଜେନା, ବରିଷ୍ଠ ନେତା ଶିଶିର ମିଶ୍ର, ବିଜୟ ସ୍ୱାଇଁ, ଯଜ୍ଞ ନାରାୟଣ ଦାଶ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ ଦିବାକର ଶତପଥୀ ଧନ୍ୟବାଦ ଦେଇଥିଲେ।

## ୨ ମନ୍ଦିର ଚୋରି ଘଟଣାରେ ୭ ଗିରଫ

ବେଲଗୁଣ୍ଠା,୨୭।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କିଛି ଦିନ ହେଲା ବେଲଗୁଣ୍ଠା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ଚୋରମାନେ ମନ୍ଦିରଗୁଡ଼ିକୁ ଟାର୍ଗେଟ କରି ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଥିଲେ। ଶୁକ୍ରବାର ୨ ମନ୍ଦିରରୁ ଚୋରି କରିଥିବା ୭ଟି ଚୋର ଦଳର ୭ଜଣଙ୍କୁ ବେଲଗୁଣ୍ଠା ପୋଲିସ ଗିରଫ କରିଛି। ସେମାନେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ ଗ୍ରାମର ଆକାଶ ସ୍ୱାଇଁ (୨୪), ଗାଙ୍ଗପୁର ଥାନା ଅନ୍ତର୍ଗତ ଟାଙ୍ଗୁଳା ଗ୍ରାମର ଦେବାଶିଷ ଖଟେଇ(୧୯), ଶୁଭମ୍ ସ୍ୱାଇଁ (୨୦) ଓ ଚୋରି ଜିନିଷ ଗ୍ରହଣ କରିଥିବା ଖୁରୁଣ୍ଡିଆ ଗ୍ରାମର ଶିବରାମ ନାୟକ (୪୭),ଇନ୍ଦ୍ରଗଡ ଗ୍ରାମର ଅଜୟ ପୋଲାଙ୍ଗ(୩୧), ଜଗତସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ମଇନ୍ଦପୁର ଗ୍ରାମର କପିଳାସ ଭୋଇ (୨୨) ଓ ରଞ୍ଜନ ଭୋଇ (୨୭)। ସେମାନଙ୍କ ନିକଟରୁ ଚୋରି କରି ତରଳା ଯାଇଥିବା ରୁପା ୧୪ ଖଣ୍ଡ ପାଖାପାଖି ସାଢେ ୯ କେଜି, ୨ଟି ବାଇକ୍, ୬ଟି ସ୍ମାର୍ଟ ଫୋନ ଓ ଗୋଟିଏ ସାଧାରଣ ମୋବାଇଲ, ଗୋଟିଏ ପାଣି ମଟର ପମ୍ପ ଓ ଅଡିଓ ଡେକ୍ ଜବତ କରିଛି। ଖବରରୁ ପ୍ରକାଶ, ଗତ ୧୩ରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଘୁ.ନୂଆଗାଁରେ ଥିବା ଶନି ମନ୍ଦିର ଓ ମା' ବରପାହାନ୍ତି ମନ୍ଦିର କମିଟି ସଦସ୍ୟମାନେ ଦୁଇ ମନ୍ଦିରରେ ୧୨ ତାରିଖ ରାତିରେ ଚୋରି ହୋଇଥିବା ନେଇ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲେ। ଚୋରମାନେ ମା' ବରପାହାନ୍ତିଙ୍କ ରୁପା ମୁକୁଟ, ରୁପା ହାର, ରୁପା ନାକର, କାନର ସହିତ ଶନି ମନ୍ଦିରର ରୁପା ଗ୍ଲାସ୍, ରୁପା ଗିନା, ଗୋଟିଏ ଡେକ୍ ଏବଂ ପାଣି ପମ୍ପ ଚୋରି କରି ନେଇଥିବା ଜଣାଇଥିଲେ। ଏ ନେଇ ପୋଲିସ ନଂ.୬୦୦/୨୫ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ରେବତୀ ଶବରଙ୍କ ନିର୍ଦ୍ଦେଶରେ ଇନିସପେକ୍ଟର ଅଭୟ ପ୍ରଧାନ ତଦନ୍ତ ଚଳାଇଥିଲେ। ସେହିପରି ଗତ ନଭେମ୍ବର ୧୫ ତାରିଖ ରାତିରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ ଗ୍ରାମର ନୃସିଂହ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ଯାଇଥିବା ଅଭିଯୋଗ ହୋଇଥିଲା। ବେଲଗୁଣ୍ଠା ପୋଲିସ ୫୩୫/୨୫ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ବିଶ୍ୱ ରଞ୍ଜନ ନାୟକ ଏହାର ତଦନ୍ତ କରୁଥିଲେ।

## ଯୁବ ମହୋତ୍ସବରେ ଗଜପତି କଳାକାରଙ୍କୁ ସଫଳତା

ପାରଳାଖେମୁଣ୍ଡି,୨୭।୧୨(ଗିରିଧାରୀ ପରିଚ୍ଛା)

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ସମାବେଶରେ ଲୋକ ସଙ୍ଗୀତ ବିଭାଗରେ ଗଜପତି ଜିଲା ପୁରସ୍କୃତ ହୋଇଛି। ୩୦ଟି ଜିଲାର ଯୁବ କଳାକାରଙ୍କୁ ନେଇ ହେଇଥିବା ଏହି ପ୍ରତିଯୋଗିତାରେ ପାରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ କଳାକାରମାନେ ତୃତୀୟ ପୁରସ୍କାର ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନାଗା, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝି, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଜିଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୋଇରାଶିରେ ନାହିଁ ଯାତ୍ରୀ ବିଶ୍ରାମାଗାର

**ଖରା ବର୍ଷାରେ ଅସୁବିଧାର ଭୋଗୁଛନ୍ତି ଲୋକେ**

ଗଞ୍ଜାମ,୨୭।୧୨(ଅନାଥ ତରାଇ)

ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଇରାଶି ପଞ୍ଚାୟତରେ ଯାତ୍ରୀ ବିଶ୍ରାମାଗାର ଅଭାବରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତର ଛୋଟାବସା ଛକ୍ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ତାରିଣୀ ପଲ୍ଲୀ, ବଡ଼ଚକଡ଼ା, ଭୁଆଭୁଇ, ବରପଲି, ପୋଇରାଶି, କାଳୁଆ ବାଡ଼ି, ନୂଆପଲ୍ଲୀ, କଣ୍ଟିଆପଲ୍ଲୀ ଏବଂ ରାମଚନ୍ଦ୍ରପୁର ସହିତ ପାଖ ପଞ୍ଚାୟତର ବଳରାମପୁର, ଆଲାଡ଼ି ଗାଁ, ମାଣିକା ଆଦିରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଏହି ଛକ ଉପରେ ଯାତାୟାତ ପାଇଁ ନିର୍ଭର କରନ୍ତି। ପ୍ରତ୍ୟହ ୨୦ରୁ ୩୦ ହଜାର ଲୋକଙ୍କ ଯାତ୍ରା ଏଠାରୁ ହେଉଥିବା ବେଳେ କୌଣସି ବିଶ୍ରାମାଗାର ନ ଥିବାରୁ ଛାତ୍ରୀଛାତ୍ର, ମହିଳା ଏବଂ ବୟସ୍କମାନେ କଷ୍ଟ ଭୋଗୁଛନ୍ତି। ଖରା ଦିନେ ପ୍ରଚଣ୍ଡ ତାତିରେ ଦୀର୍ଘ ସମୟ ବସ୍ ଅପେକ୍ଷାରେ ଛିଡ଼ା ହେବା ଏବଂ ବର୍ଷା ଦିନେ ଓଦା ହୋଇ ବସ୍‌କୁ ଯାତ୍ରୀ ଅପେକ୍ଷା କରନ୍ତି। ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ବ୍ରହ୍ମପୁର ଏମପି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଗତ ନଭେମ୍ବର ୧୫ରେ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଲେଖି ବସ୍ ଷ୍ଟପ୍ ସେଲଟର ନିର୍ମାଣ ପାଇଁ ଏମପିଙ୍କ ପାଣ୍ଠି କିମ୍ବା ଅନ୍ୟ କୌଣସି ଉତ୍ସରୁ ଆବଶ୍ୟକ ପାଣ୍ଠି ମଞ୍ଜୁର କରି ନିର୍ମାଣ କରିବାକୁ ଜଣାଇଛନ୍ତି। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମଧ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହି ସମସ୍ୟାକୁ ନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ବାସିନ୍ଦା ନିରାକାର ମହାରଣା କହନ୍ତି, ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ଏଯାଏ କୌଣସି ଅଗ୍ରଗତି ହୋଇନାହିଁ। ଏନେଇ ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଏହା ଆମ ଦୃଷ୍ଟିକୁ ଆସିଛି। ଯଥାଶୀଘ୍ର ପଞ୍ଚାୟତବାସୀଙ୍କ ସୁବିଧା ପାଇଁ ଏକ ଯାତ୍ରୀ ବିଶ୍ରାମଗାର କରାଯିବ। ଯଦି ପ୍ରଶାସନ ଏହି ସମସ୍ୟାର ସମାଧାନ ନ କରେ ତେବେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଆମେ ବାଧ ହେବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ବସ୍ ଆସିବା ପରେ ଯାଉଛନ୍ତି।

# ହୋଟେଲରେ ଯୁବକଙ୍କୁ ହତ୍ୟା

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)


ହୋଟେଲ ସମ୍ମୁଖରେ ଲୋକଙ୍କ ଭିଡ଼।

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଏକ ହୋଟେଲରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୫୦୫/୨୫) ରୁଜୁକରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଦାନ୍ତିଆମୁହାଁ ଫାଣ୍ଡି ଜାମବଣୀ ଗାଁର ଆକାଶ ମହାନ୍ତ।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ମୃତ ଆକାଶ ଜାମବଣୀ ଗ୍ରାମର ସାଙ୍ଗ ରାମଚନ୍ଦ୍ର ସିଂଙ୍କ ପାଇଁ ହୋମ୍‌ଗାର୍ଡ ପରୀକ୍ଷା ଆଡ୍‌ମିଟ୍ କାର୍ଡ ନେବାକୁ କହି ଘରୁ ଉଭୟେ ବାଲେଶ୍ୱର ଆସିଥିଲେ। ହୋଟେଲ ସୂରଜରେ ଆକାଶ ନିଜର, ନିଜ ଭାଇ ଓ ସ୍ତ୍ରୀଙ୍କ ଆଧାର କାର୍ଡ ଦେଇ ରାମଚନ୍ଦ୍ର ଓ ଜଣେ ଅଜଣା ମହିଳାଙ୍କ ସହ ରୁମ୍ ନଂ.୫୦୨ରେ ରହିଥିଲେ। ଶୁକ୍ରବାର ଅପରାହ୍ନ ସମୟରେ ରୁମ୍‌ର କବାଟ ଅଧା ଖୋଲାଥିଲା। ହୋଟେଲ କର୍ମଚାରୀ ଦେଖିବା ବେଳକୁ ଜଣେ ପୁରୁଷଙ୍କ ମୃତଦେହ ବେଡ୍ ଉପରେ ପଡ଼ିଥିଲା। ସାଙ୍ଗ ଓ ମହିଳା ଜଣକ ହୋଟେଲରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ରୁମ୍ କବାଟ ଲକ୍‌କରି ହୋଟେଲର ଏଣ୍ଟ୍ରି ରେକର୍ଡ ଖାତା ଜବତ କରିଥିଲା। ତେବେ ମହିଳା ଜଣକ କିଏ, ତାଙ୍କର ପରିଚୟ କ'ଣ, ମହିଳାଙ୍କୁ ନେଇ ଦୁଇ ସାଙ୍ଗ ହୋଟେଲକୁ କାହିଁକି ଆସିଥିଲେ ଓ କ'ଣ ପାଇଁ ରହିଥିଲେ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଶନିବାର ମୃତ ଆକାଶଙ୍କ ମା', ସ୍ତ୍ରୀ ଓ ସମ୍ପର୍କୀୟ ଆସିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ଆଇଆଇସି ବିରଞ୍ଚି ସାହୁ ହୋଟେଲରେ ପହଞ୍ଚି ରୁମ୍‌ରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ମାଙ୍ଗାନିଜ ବୋଝେଇ ୩ ଡମ୍ପର ଜବତ

ଯୋଡ଼ା,୨୭।୧୨(ମାନସ ମହାନ୍ତି)


ଜବତ ଗାଡ଼ି ନିକଟରେ ବନ କର୍ମଚାରୀମାନେ।

କେନ୍ଦୁଝର ଜିଲା ଯୋଡ଼ା ସେକ୍ସନର ବୈତରଣୀ କ ସଂରକ୍ଷିତ ଜଙ୍ଗଲ ନିକଟ ତିରିଂ ପାହାଡ଼ ନିକଟରୁ ବନ ବିଭାଗ ଚଢ଼ାଉ କରି ଚୋରାଚାଲାଣ ସମୟରେ ୩ ମାଙ୍ଗାନିଜ ବୋଝେଇ ଡମ୍ପର ଜବତ କରିଛି। ଘଟଣାରେ ଗୋଟିଏ ବାଇକ୍ ମଧ୍ୟ ଜବତ ହୋଇଛି। ଜବତ ଖଣିଜର ଆନୁମାନିକ ମୂଲ୍ୟ ୫ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଜଙ୍ଗଲରେ ଚୋରାରେ ଉନ୍ନତମାନର ମାଙ୍ଗାନିଜ ଡମ୍ପରରେ ଚୋରାଚାଲାଣ ନିମନ୍ତେ ବୋଝେଇ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଯୋଡ଼ା ବନପାଳ ତ୍ରିନାଥ ଜେନା, ଯୋଡ଼ା ବନରକ୍ଷୀ ଦେବାଶିଷ ମହାପାତ୍ର, ଜୁରୁଡ଼ି ବନରକ୍ଷୀ ସୂରଜ କୁମାର ଦାସ, ଦୁବୁନା ବନରକ୍ଷୀ ସୁବ୍ରତ ପାତ୍ର ଏବଂ ସରୋଜ ନାଏକଙ୍କ ସହିତ ବାମେବାରି ଓ ଯୋଡ଼ା ବନ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୩ଟି ମାଙ୍ଗାନିଜ ବୋଝେଇ ଡମ୍ପର (ନଂ. ଓଆର୍ ୦୯ ଏଲ ୭୫୧୬, ଓଆର୍ ୦୯ କେ ୭୬୨୩, ଓଆର୍ ୦୯ ଜେ ୭୭୩୧) ଓ ଘଟଣାସ୍ଥଳରୁ ଗୋଟିଏ ବାଇକ୍ (ନଂ. ଓଆର୍ ୦୯ ପି ୮୯୫୭)କୁ ଜବତ କରାଯାଇଛି। ୩ଟି ଡମ୍ପରରେ ପ୍ରାୟ ୨୫ ମେଟ୍ରିକ୍ ଟନ୍ ଉନ୍ନତମାନର ଗୁଣ୍ଡ ମାଙ୍ଗାନିଜ ବୋଝେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଚମ୍ପୁଆ ରେଞ୍ଜ୍ ଅଧିକାରୀ ଅକ୍ଷୟ ଛତ୍ରିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ନେଇ ଚମ୍ପୁଆ ରେଞ୍ଜ୍‌ରେ ୟୁଡି କେସ୍ ନଂ. ୧୭ ରୁଜୁ କରାଯାଇଛି।

ପ୍ରକାଶଯୋଗ୍ୟ, ଚଳିତ ବର୍ଷ ଜୁଲାଇ ୧ ତାରିଖ ଦିନ ଦଲ ପାହାଡ଼ଠାରେ ଚୋରା ମାଙ୍ଗାନିଜ ଖନନ ସମୟରେ ମାଟି ଅତଡ଼ା ଧସି ୩ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଭୁବନେଶ୍ୱରର ଖଣି ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି କେନ୍ଦୁଝରର ବଡ଼ ଅଧିକାରୀମାନେ ସେଠାକୁ ଗସ୍ତ କରି ଚୋରା କାରବାର ରୋକିବା ପାଇଁ ପଦକ୍ଷେପ ନେଇଥିଲେ। ମାତ୍ର ଏବେ ବି ଚୋରି ରୋକିବାରେ ଖଣି ବିଭାଗ ସମ୍ପୂର୍ଣ୍ଣ ବିଫଳ ବୋଲି ମତ ପ୍ରକାଶ ପାଇଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରେ ଏକ ସ୍ୱତନ୍ତ୍ର ଟିମ୍ ଖଣିଜ ଚୋରିକୁ ରୋକିବା ପାଇଁ ନିୟୋଜିତ କରାଯାଇଛି। ଏହା ମଧ୍ୟ ବହୁ ଆଡ଼ମ୍ବରେ ଲଘୁକ୍ରିୟା ସଦୃଶ ହୋଇଛି।

# ଗଣେଶଙ୍କ ମୃତଦେହ ନେଲେ ପରିବାର


ପରିବାର ଲୋକେ ମୃତଦେହ ନେଉଛନ୍ତି।

ଫୁଲବାଣୀ, ୨୭।୧୨(ରାକେଶ କୁମାର ରାଉତ)

## ମୃତ ୫ ମାଓବାଦୀଙ୍କ ଦାବିଦାର ଆସିନାହାନ୍ତି

କନ୍ଧମାଳ ଜିଲାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ଗଣେଶ ଉଇକେଙ୍କ ମୃତଦେହକୁ ପୋଲିସ ଶନିବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାକି ୫ ଜଣଙ୍କ ମୃତଦେହ ନେବାକୁ ପରିବାର ଲୋକେ ପୋଲିସ ସହ ଯୋଗାଯୋଗ କରିନାହାନ୍ତି। ଫଳରେ ସେମାନଙ୍କ ମୃତଦେହ ମେଡିକାଲ ଶବ ସଂରକ୍ଷିତ ଗୃହରେ ରହିଛି। ଆଉ ୩ ଦିନ ମଧ୍ୟରେ ଯଦି କେହି ମୃତଦେହ ନେବାକୁ ଦାବି ନ କରିବେ କିମ୍ବା ନ ଆସିବେ ତେବେ ନିୟମ ଅନୁସାରେ ସେମାନଙ୍କ ମୃତଦେହ ସଂସ୍କାର କରାଯିବ।

ମୃତ ଗଣେଶଙ୍କ ସାନଭାଇ ପାକା ସତ୍ୟ, ଭଣଜା ଲୋଡାଙ୍ଗି ପ୍ରଭାତ ୨ ଜଣ ଗ୍ରାମବାସୀଙ୍କ ସହ ଏକ ଆମ୍ବୁଲାନ୍ସରେ ଆସି ଫୁଲବାଣୀରେ ପହଞ୍ଚିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ମୃତଦେହ ହସ୍ତାନ୍ତର ପାଇଁ ଆବଶ୍ୟକ କାଗଜପତ୍ର କାର୍ଯ୍ୟ ଶେଷ ହେବା ପରେ ପରିବାର ଲୋକଙ୍କୁ ଗଣେଶଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ଏହି ସମୟରେ ଦୁଃଖରେ ମ୍ରିୟମାଣ ହୋଇଯାଇଥିଲେ। ଭଣଜା ଲୋଡାଙ୍ଗି ତେଲଙ୍ଗାନା ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଘଟଣା ବିଷୟରେ ତାଙ୍କୁ ପଚାରିବାରୁ ସେ କହିଲେ, ଆମେ ଅତ୍ୟନ୍ତ ଦୁଃଖୀ ଆମକୁ ଆଉ କିଛି ପଚାରନ୍ତୁନି ବୋଲି କହିଥିଲେ।

# ଜ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁ ମୃତ

ବାଲିଗୁଡା,୨୭।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନାର ସିର୍ତିଗୁଡା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହରୁ ଜ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁଙ୍କ ମୃତ୍ୟୁ ଘଟିଛି। ସିର୍ତିଗୁଡା ଗ୍ରାମର ଜ୍ୱାଇଁ ସୁରତ ପ୍ରଧାନ ସବୁବେଳେ ନିଶାସକ୍ତ ହୋଇ ପରିବାରରେ ଝଗଡ଼ା କରୁଥିଲେ। ଶନିବାର ସକାଳେ ମଧ୍ୟ ନିଜ ସ୍ତ୍ରୀ ତିଲିମା ପ୍ରଧାନଙ୍କ ସହିତ ଝଗଡ଼ା କରିଥିଲେ। ତାଙ୍କୁ ମାରପିଟ କରିବା ସହ ମାରିବାକୁ ଟାଙ୍ଗିଆରେ ଉଠାଇଥିଲେ। ଏହି ସମୟରେ ସୁରତଙ୍କ ଶାଶୁ ପେଟି ମଳିକ(୮୦) ପ୍ରତିବାଦ କରିବାରୁ ସେହି ଟାଙ୍ଗିଆରେ ସୁରତ ଶାଶୁଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ନେଇ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ପେଟିଙ୍କୁ ଫୁଲବାଣୀସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପେଟିଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଅଭିଯୋଗ ପରେ ଏହାକୁ ଭିତ୍ତିକରି କ.ନୂଆଗାଁ ପୋଲିସ ନଂ. ୧୯୬/୨୫ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସୁରତ ଫେରାର ଥିବାରୁ ତାଙ୍କୁ ଖୋଜାଚାଲିଛି ବୋଲି କ.ନୂଆଗାଁ ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଖାରପୋଖରିଆ
(ସୁଧୀର କୁମାର ମହାନ୍ତ),୨୭।୧୨

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଅଭିଯୁକ୍ତ ଶିକ୍ଷକ ଜଣକ ହେଲେ ମନୋରଞ୍ଜନ ମାଝୀ(୪୦)। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୩୨୨/୨୫) ରୁଜୁକରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶିକ୍ଷକ ଜଣକ ତାଙ୍କ ଘରେ ଏକ ଦୋକାନ ଖୋଲିଛନ୍ତି। ସ୍କୁଲ ଛୁଟି ସମୟରେ ଦୋକାନରେ ବସି ବିକ୍ରି କରୁଥିବାବେଳେ ୧୦ ବର୍ଷୀୟ ନାବାଳିକା ଛାତ୍ରୀ ଜଣକ ଜିନିଷ କିଣିବାକୁ ଆସିଥିଲେ। ଏକୁଟିଆ ସୁଯୋଗ ନେଇ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। କାହାକୁ କିଛି ନ ଜଣାଇବାକୁ ଧମକଚମକ ଦେଇଥିଲେ। ତେବେ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଗିରଫକରିବା ସହ ଛାତ୍ରୀଙ୍କ ବୟାନ ରେକର୍ଡ କରାଇଛି।

# ମାଲକାନଗିରି ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଗିରଫ

ମାଲକାନଗିରି/ଜୟପୁର,୨୭।୧୨
(ଦୁର୍ଯ୍ୟୋଧନ ପାତ୍ର/ପବନ ପାଣିଗ୍ରାହୀ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ମାଲକାନଗିରି ଜିଲା ସଦର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କୁ ଜୟପୁର ଭିଜିଲାନ୍ସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। କନିଷ୍ଠ ଯନ୍ତ୍ରୀ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଜୟପୁର ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ମାଲକାନଗିରି ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସରକାରଙ୍କ କାର୍ଯ୍ୟାଳୟ ଓ ପୈତୃକ ଘର ସମେତ ୪ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ନୀହାରଙ୍କ ୮ଟି ଦାମୀ ଫ୍ଲାଟ୍, ନଗଦ ୨ଲକ୍ଷ ୧୧ହଜାର ଟଙ୍କା ଓ ଏକ ଚାରିଚକିଆ ଯାନ ଠାବ ହୋଇଛି। ମାଲକାନଗିରି ସହର ଜୟନଗରରେ ୨ କୋଟି ଟଙ୍କାର ୩ ମହଲା କୋଠା, କାଳିମେଳାସ୍ଥିତ ପୈତୃକ ଘର, ନବରଙ୍ଗପୁରସ୍ଥିତ ଶ୍ୱଶୁର ଘର ଓ ମାଲକାନଗିରି ବିଡିଓ ଅଫିସ୍‌ସ୍ଥିତ ଚାମ୍ବରରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ନୀହାର ଆୟଠାରୁ ୪୪୪ ପ୍ରତିଶତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ଭିଜିଲାନ୍ସ ବିଭାଗ ନଂ.୪୦/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି। କୋର୍ଟ ନୀହାରଙ୍କ ଜାମିନ ଖାରଜ କରିଥିବା ବେଳେ ତାଙ୍କୁ ଆସନ୍ତା ୯ ତାରିଖ ଯାଏ ଜେଲ ହାଜତକୁ ପଠାଇଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କୁ ଜୟପୁରସ୍ଥିତ ସ୍ୱତନ୍ତ୍ର କାରାଗାରରେ ରଖାଯାଇଥିବା ଜଣାପଡ଼ିଛି।

## Business

# ମାଲାବାରର 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ'

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ'ରେ ଗହଣା କଲେକ୍ସନ୍ ପ୍ରଦର୍ଶନ କରାଯାଉଛି। (ଫଟୋ-ବିକାଶ ନାୟକ)

ପୂର୍ବରୁ କେବଳ ବିବାହ ପାଇଁ ଲୋକମାନେ ହୀରାଗହଣା କିଣୁଥିବାବେଳେ ବର୍ତ୍ତମାନ ଜନ୍ମଦିନ, ବିବାହ ବାର୍ଷିକୀ ସହ ଅନ୍ୟାନ୍ୟ ସଫଳତାକୁ ସ୍ମରଣୀୟ କରିବା ପାଇଁ ଉପହାର ସ୍ୱରୂପ ହୀରାଗହଣା କିଣୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ' ଘୋଷଣା କରାଯାଇଛି। ଏହି ଅବସରରେ କେବଳ ହୀର ନୁହେଁ ପ୍ଲାଟିନମ୍ ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଶନିବାର ଶହୀଦନଗର ଷ୍ଟୋରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ରଥ ଏହି ସୂଚନା ଦେଇଛନ୍ତି। ସାଧାରଣତଃ କେବଳ ମହିଳାମାନେ ଗହଣାପ୍ରିୟ ବୋଲି ଅନେକେ ଚିନ୍ତା କରିଥା'ନ୍ତି । ବାସ୍ତବରେ କିନ୍ତୁ ପୁରୁଷମାନେ ମଧ୍ୟ ଗହଣା ପ୍ରତି ରୁଚି ରଖନ୍ତି । ତେଣୁ ପୁରୁଷଙ୍କ ପାଇଁ ମଧ୍ୟ ଏକ୍ସକ୍ଲୁସିଭ୍ ଡିଜାଇନର ଗହଣା ଷ୍ଟୋରରେ ଉପଲବ୍ଧ କରାଯାଇଛି। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ ଚାଲିବ ବୋଲି ସେ କହିଛନ୍ତି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଚେୟାରମ୍ୟାନ ଏମ୍‌ପି ମହମ୍ମଦ କହିଛନ୍ତି, ଗ୍ରାହକ ପ୍ରାକୃତିକ ହୀରାକୁ ଗୁରୁତ୍ୱ ଦେଉଥିବାବେଳେ ଆମେ ସେମାନଙ୍କ ନିକଟରେ ସ୍ୱୀକୃତିପ୍ରାପ୍ତ ଶୁଦ୍ଧ ହୀରା ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ। ସ୍ୱତନ୍ତ୍ର ଅଫର ପ୍ରଦାନ ସହ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଥିବା ସେ କହିଛନ୍ତି।

# ଆଇଜି ଡ୍ରୋନ୍‌ସ ହେଲା ଆଇଜି ଡିଫେନ୍ସ

ଭୁବନେଶ୍ୱର,୨୭।୧୨

ଅନ୍‌ମ୍ୟାନ୍‌ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ ଆଇଜି ଡିଫେନ୍ସରେ ରୂପାନ୍ତରିତ ହୋଇଛି। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଇଜି ଡିଫେନ୍ସ ଦାୟିତ୍ୱର ଏକ ଗଭୀର ଭାବନାର ପ୍ରତିନିଧିତ୍ୱ କରୁଛି। ଭାରତ ଏଭଳି ଏକ ଯୁଗରେ ପ୍ରବେଶ କରୁଛି ଯେଉଁଠାରେ ଯୁଦ୍ଧ ବିଭିନ୍ନ କ୍ଷେତ୍ରରେ ଇଣ୍ଟେଲିଜେନ୍ସ, ଅଟୋନୋମି ଓ ଇଣ୍ଟିଗ୍ରେଶନ ଦ୍ୱାରା ରୂପ ନେବ । ଏଭିଏସ୍‌ଏମ୍, ଭିଏସ୍‌ଏମ୍, ଏସ୍‌ଏମ୍ (ଅବସରପ୍ରାପ୍ତ) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନୀଲ କୁମାର ସାମନ୍ତରା, ପୂର୍ବତନ ଚିଫ୍ ଅଫ୍ ଇଣ୍ଟିଗ୍ରେଟେଡ୍ ଡିଫେନ୍ସ ଷ୍ଟାଫ, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନୀଲ ଚୈତ (ଅବସରପ୍ରାପ୍ତ) ଏବଂ ଏଭିଏସ୍‌ଏମ୍, ଭିଏସ୍‌ଏମ୍ (ଅବସରପ୍ରାପ୍ତ), ଏୟାର କମୋଡର ରାଜେନ୍ଦ୍ର ଏନ୍. ଗାଏକ୍‌ୱାଡ ଆଇଜି ଡିଫେନ୍ସରେ ଯୋଗଦେଇଛନ୍ତି।

# ରିଲାଏନ୍ସ ଫାଉଣ୍ଡେଶନର ଛାତ୍ରବୃତ୍ତି ଘୋଷଣା




ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)

ରିଲାଏନ୍ସର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୩ତମ ଜନ୍ମବାର୍ଷିକୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ୨୦୨୫-୨୬ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ରିଲାଏନ୍ସ ଫାଉଣ୍ଡେଶନ ଏହି ବର୍ଷର ଛାତ୍ରବୃତ୍ତି ପାଇଁ ୫,୦୦୦ ସ୍ନାତକ ଏବଂ ୧୦୦ ସ୍ନାତକୋତ୍ତର ଛାତ୍ରଙ୍କୁ ଚୟନ କରିଛି। ୨୦୨୨ରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ୧୦ ବର୍ଷ ମଧ୍ୟରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ତେବେ ୨୦୨୫-୨୬ରେ ୧,୨୫,୦୦୦ ରୁ ଅଧିକ ଆବେଦନ ଆସିଥିଲା। ସେଥିମଧ୍ୟରୁ ୧୫,୫୪୪ ଅନୁଷ୍ଠାନର ୫,୧୦୦ ଜଣଙ୍କୁ ମନୋନୀତ କରାଯାଇଛି। ସ୍ନାତକ ଛାତ୍ରୀଛାତ୍ର ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇବାକୁ ଥିବାବେଳେ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପାଇବେ। ସୂଚନାନୁସାରେ, ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୩% ଗୋଷ୍ଠୀ ୨.୫ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାରରୁ ଆସିଥାନ୍ତି। ୯୭% ସ୍ନାତକ ଛାତ୍ର ସେମାନଙ୍କର ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ୫୦୦୦ ସ୍ନାତକଙ୍କ ମଧ୍ୟରେ ୪୮% ଛାତ୍ରୀ ଏବଂ ୫୨% ଛାତ୍ର ଅଛନ୍ତି। ଏହିବର୍ଷ ୧୪୬ ଜଣ ଭିନ୍ନକ୍ଷମ ମଧ୍ୟ ଏହି ଛାତ୍ରବୃତ୍ତି ପାଇବେ।

# ସିଦ୍ଧିଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରା ଶୋ'ରୁମ୍ ଉଦ୍‌ଘାଟିତ


କମ୍ପାନୀର ବରିଷ୍ଠ ଅଧିକାରୀ ଶୋ'ରୁମ୍‌ର ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ, ୨୭।୧୨ (ମାନସ ବିଶ୍ୱାଳ)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମରର୍ସିଆଲର ଅଧୀକୃତ ବିକ୍ରେତା ଅନୁଗୋଳ ପଞ୍ଚମହଲାସ୍ଥିତ ସିଦ୍ଧି ଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରାର ନୂଆ ଶୋ'ରୁମ୍ ଉଦ୍‌ଘାଟିତ ହୋଇଛି। ମହିନ୍ଦା ଆଣ୍ଡ ମହିନ୍ଦ୍ରା ତରଫରୁ ରିଜିଓନାଲ ସେଲ୍ସ ମ୍ୟାନେଜର ସୁମିତ ଅରୋରା ଏବଂ ଆର୍‌ସିଏମ୍ ଗୌରବ ଶର୍ମା ଉକ୍ତ ଶୋ'ରୁମ୍‌ର ଉଦ୍‌ଘାଟନ କରିଥିଲେ। ଜିଲାର ପ୍ରାୟ ସମସ୍ତ ବ୍ୟାଙ୍କିଂ ଏବଂ ଫାଇନାନ୍ସ କମ୍ପାନୀ ସହ ଅନେକ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସିଦ୍ଧିଲକ୍ଷ୍ମୀ ମୋଟର୍ସ ତରଫରୁ ଗ୍ରହକଙ୍କ ପାଇଁ ସୁଲଭ ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ସୁବିଧା ରଖାଯିବା ସହ ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡ଼ି ସହିତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ସ୍ୱତ୍ୱାଧିକାରୀ ରାଜକୁମାର ଅଗ୍ରୱାଲ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଏହି ଉତ୍ସବରେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।

# କ୍ୟାପିଟାଲ ଟୟୋଟା ପକ୍ଷରୁ ଗାଡି ଚାଳନା କୌଶଳ ଶିକ୍ଷା

ଫୁଲନଖରା,୨୭।୧୨(ସତ୍ୟରଞ୍ଜନ ଦାଶମହାପାତ୍ର)



ଭୁବନେଶ୍ୱର କ୍ୟାପିଟାଲ ଟୟୋଟା ଶୋ'ରୁମ୍ ପକ୍ଷରୁ ଗ୍ରାହକମାନଙ୍କୁ କମ୍ପାନୀର ହାଇଲକ୍ସ ଓ ଫର୍ଚୁନର ଗାଡ଼ିର ଦନ୍ତୁରିତ ଖାଲ ଓ ଖମାରେ ଚାଳନା କରିବା ପାଇଁ ଏକ କୌଶଳ ଶିକ୍ଷା ଶିବିର ଶନିବାର ଆରମ୍ଭ ହୋଇଛି। ପାହାଳ ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍‌ଫେଡ୍ ପଡ଼ିଆରେ ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ସରିବ। ଏହି ଗାଡି ଚାଳନା କୌଶଳ କାର୍ଯ୍ୟକ୍ରମରେ ଉଭୟ ଗାଡ଼ିରେ ଲାଗିଥିବା ଅତ୍ୟାଧୁନିକ ଯାନ୍ତ୍ରିକ ସରଞ୍ଜାମର ଉପଯୁକ୍ତ ବିନିଯୋଗକରି ଖାଲଖମା ଓ ଦାନ୍ତୁରିତ ରାସ୍ତାରେ ଚାଳନା କରିବା ପାଇଁ ଗ୍ରାହକମାନଙ୍କୁ ଶିକ୍ଷା ଦିଆଯିବା ସହ ଗାଡ଼ିର ବିଭିନ୍ନ ପ୍ରକାର ବୈଶିଷ୍ଟ୍ୟ ବୁଝାଯାଇଛି। ଫଳରେ ଚାଳକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ଘାଟି ରାସ୍ତା ଓ ପାର୍ବତ୍ୟାଞ୍ଚଳରେ ଚାଳନା କରିବା ପାଇଁ କୌଣସି ଅସୁବିଧା ହେବନାହିଁ। କ୍ୟାପିଟାଲ ଟୟୋଟା ମ୍ୟାନେଜିଂ ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ, ଗର୍ଗସନ ଗ୍ରୁପ୍‌ର ଚେୟାରମ୍ୟାନ ସତୀଶ ଗର୍ଗ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ କ୍ୟାପିଟାଲ ଟୟୋଟା ଜେନେରାଲ ମ୍ୟାନେଜର ଚମ୍ପକ କୁମାର ଦାସ ପରିଚାଳନା କରିଥିବା ବେଳେ କ୍ୟାପିଟାଲ ଟୟୋଟାର କର୍ମଚାରୀମାନେ ସହଯୋଗ କରିଥିଲେ।

# ନୂଆବର୍ଷ ପାଇଁ କଳାମନ୍ଦିରରେ ସ୍ୱତନ୍ତ୍ର କଲେକ୍ସନ

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)


ରାଜିନ୍ଦର ସିଂ

କଳାମନ୍ଦିର ଶୋ'ରୁମ୍‌ରେ ଗ୍ରାହକମାନଙ୍କ ପସନ୍ଦ ମୁତାବକ ବିବାହ ଏବଂ ଶୀତ ଉପଲକ୍ଷେ ନୂଆ ନୂଆ ଡିଜାଇନର ଶାଢ଼ି ଏବଂ ଶୀତ ବସ୍ତ୍ର ଉପଲବ୍ଧ ରହିଛି। ନୂଆବର୍ଷକୁ ଦୃଷ୍ଟିରେ ରଖି ଷ୍ଟୋରରେ ସ୍ୱତନ୍ତ୍ର କଲେକ୍ସନ ଅଣାଯାଇଛି। ବିବାହ ଉପଲକ୍ଷେ ଏଠାରେ ମହିଳାମାନଙ୍କ ପାଇଁ ବିଭିନ୍ନ ଭେରାଇଟି ଓ ସୁନ୍ଦର ବନାରସୀ, ସମ୍ବଲପୁରୀ, ଖଣ୍ଡୁଆ, ମଟ୍‌କା ଶାଢ଼ି ସହ ଲେହେଙ୍ଗା, ଗାଉନ୍ ଓ ପଞ୍ଜାବୀ ବ୍ରାଇଡାଲ ସୁଟ୍ ଆଦି ରହିଛି। ପୁରୁଷମାନଙ୍କ ପାଇଁ ଲାଟେଷ୍ଟ ଡିଜାଇନର ଶେରୱାନୀ, କୁର୍ତ୍ତା, ପାଇଜାମା, ବ୍ଲେଜର ଓ ଧୋତି କୁର୍ତ୍ତା ଆଦି ରହିଛି। ଏଥିସହ ଶୀତ ଉପଲକ୍ଷେ ପୁରୁଷମାନଙ୍କ ପାଇଁ ଆକର୍ଷଣୀୟ ଡିଜାଇନର ପୁଲ୍‌ଓଭର, ଜ୍ୟାକେଟ୍, ସୁଟ୍ସ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର କାର୍ଡିଗନ୍, ପୁଲ୍‌ଓଭର, ଉଲେନ ବ୍ଲାଉଜ୍, ବିଭିନ୍ନ ପ୍ରକାର ସାଲ କଲେକ୍ସନ ଯେପରି ପସ୍‌ମିନା କାନିସାଲ, କଶ୍ମୀର ଶାଲ, ଜମେବର ସ୍ଲୋସେର ଆଦି ରହିଛି। ଏହାସହ ବିବାହ ପାଇଁ କିଣାକିଣି କରୁଥିବା ଗ୍ରାହକମାନଙ୍କ ଲାଗି କଷ୍ଟମର ରୟାଲ୍‌ଟି ପ୍ରୋଗ୍ରାମ ସହ ବିଭିନ୍ନ ଅଫର ମଧ୍ୟ ରହିଛି। କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂ କହିଛନ୍ତି, କଳାମନ୍ଦିର ୫୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାର୍ମେଣ୍ଟ ସେଗ୍‌ମେଣ୍ଟରେ ପ୍ରବେଶକରି ନିଜର ବ୍ୟବସାୟ ଜାରି ରଖିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ, ଉତ୍ତମ ବ୍ୟବହାର ଓ ଦୀର୍ଘକାଳୀନ ସେବା ମାଧ୍ୟମରେ କଳାମନ୍ଦିର ଗ୍ରାହକଙ୍କ ନିକଟତର ହୋଇପାରିଛି ବୋଲି ରାଜିନ୍ଦର ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବେ ଓଡ଼ିଶାର ୧୨୭ କ୍ୟାଡେଟ



କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୭।୧୨(ସୁଚିସ୍ମିତା ସାହୁ)**

ଆସନ୍ତା ଜାନୁଆରୀ ୨୬ରେ ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟପଥରେ ଜାତୀୟସ୍ତରୀୟ ସାଧାରଣତନ୍ତ୍ର ବା ଗଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାରଠାରୁ ନୂଆଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସ ଶିବିର ଆରମ୍ଭ ହୋଇଛି। ଜାନୁଆରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ୧୨୭ଜଣ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଛନ୍ତି। ଏମାନେ ପରେଡ ସହ ଏନ୍‌ସିସି ପିଏମ୍ ରାଲିରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଶନିବାର ସକାଳେ ଏହି କ୍ୟାଡେଟ୍‌ଙ୍କ ସହ ୧୦ ସପୋର୍ଟିଂ ଷ୍ଟାଫ୍ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହ ବୃଦ୍ଧି କରିଛନ୍ତି। ଏହି ସମୟରେ ମନ୍ତ୍ରୀ କହିଲେ, ଏନ୍‌ସିସି କ୍ୟାଡେଟମାନେ କଠିନ ପରିଶ୍ରମ ଓ ସମର୍ପଣ ଭାବନା ସହ ଦେଶର ଏକତା ଏବଂ ସାର୍ବଭୌମତା ରକ୍ଷା ନିମନ୍ତେ ସର୍ବଦା

- **ଶୁଭେଚ୍ଛା ଜଣାଇଲେ ସଂସ୍କୃତି ମନ୍ତ୍ରୀ**
- **ରାଜ୍ୟରେ ମହିଳା ଏନ୍‌ସିସି କ୍ୟାଡେଟ ସଂଖ୍ୟା ବୃଦ୍ଧି ହେବ**

କାର୍ଯ୍ୟ କରିଥାନ୍ତି। ସମସ୍ତଙ୍କ ମଧ୍ୟରେ ଦେଶ ପାଇଁ ରହିଥିବା ଭଲ ପାଇବା ଏବଂ ନିଜ କର୍ମ ପ୍ରତି ରହିଥିବା ନିଷ୍ଠାପରତାର ଭାବନା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଓଡ଼ିଆ କ୍ୟାଡେଟମାନେ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ ଏବଂ ଏନ୍‌ସିସି ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଏହା ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମୁଁ ଆଶା କରୁଛି। ଓଡ଼ିଶାରେ ଏନ୍‌ସିସି କ୍ୟାଡେଟ ସଂଖ୍ୟାକୁ ବୃଦ୍ଧି କରିବା ସହିତ ମହିଳା ଏନ୍‌ସିସି କ୍ୟାଡେଟଙ୍କ ସଂଖ୍ୟାକୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏନ୍‌ସିସି ବାଟାଲିୟନ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ ସୂରଜ କହିଛନ୍ତି।

ଓଡ଼ିଶା ଏନ୍‌ସିସିର ପ୍ରାୟ ୬୪ ହଜାର କ୍ୟାଡେଟଙ୍କ ମଧ୍ୟରୁ ୧୨୭ଜଣ କ୍ୟାଡେଟ୍‌ଙ୍କୁ ଚୟନ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରେ ୪୭ଜଣ ବାଳିକା ଏବଂ ୮୦ଜଣ ବାଳକ ରହିଛନ୍ତି। କଲେଜ ଏନ୍‌ସିସି ଶାଖାରୁ ୧୧୨ଜଣ ଓ ସ୍କୁଲ ଏନ୍‌ସିସି ଶାଖାରୁ ୧୫ଜଣ ଏନ୍‌ସିସି କ୍ୟାଡେଟ ରହିଛନ୍ତି। ନୂଆଦିଲ୍ଲୀ ଯାତ୍ରା ପୂର୍ବରୁ ଏହି କ୍ୟାଡେଟ୍‌ଙ୍କୁ ୧ ମାସ ଧରି ନବରଙ୍ଗପୁରଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡ଼ର ବିକ୍ରମ ସିଂହ ଓଡ଼ିଶାର ଏନ୍‌ସିସି କ୍ୟାଡେଟଙ୍କ କାର୍ଯ୍ୟ ସମ୍ବନ୍ଧରେ କହିବା ସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପାଇଁ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଗ୍ରୁପ୍ କ୍ୟାପଟେନ ଦେବାଶିଷ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଅଭିଯୋଗ, ୩ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

**ଭାପୁର,୨୭।୧୨(ପ୍ରଭାତ ବରାଡ)**

ନୟାଗଡ଼ ଜିଲା ଫତେଗଡ ଥାନା ଅଧୀନ ଫତେଗଡ଼ ଗ୍ରାମରୁ ୩ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୋଲିସ ଶନିବାର ଅଟକ ରଖି ତଦନ୍ତ କରୁଛି। ସନ୍ଧ୍ୟାରେ ଫତେଗଡଠାରୁ କଳାପଥର ୪୮ ନଂ ରାଜ୍ୟ ରାଜପଥ ଫତେଗଡ ଗାଁ ମୁଣ୍ଡରେ ୩ ଜଣ ଯୁବକ ଏକ ନୂଆ ଖୋଲିଥିବା ପେଟ୍ରୋଲ ପମ୍ପରେ କାମ କରିବାକୁ ଆସି ଏକ ଭଡ଼ା ଘରେ ରହୁଥିଲେ। ସନ୍ଧ୍ୟାରେ କେତେକ ଯୁବକ ସେହି ବାଟଦେଇ ଯାଉଥିବା ବେଳେ ୩ ଜଣ ସନ୍ଦିଗ୍ଧ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ନାରା ଦେବାସହ ଭାରତ ମୁର୍ଦ୍ଦାବାଦ ନାରା ଦେଇଥିଲେ। ଏହାକୁ ସ୍ଥାନୀୟ ଯୁବକମାନେ ବିରୋଧ କରିବାରୁ ସନ୍ଦିଗ୍ଧ ବାଂଲାଦେଶୀମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଭଡ଼ାଘରେ ପଶି ଭିତର ପଟୁ କବାଟ ବନ୍ଦକରି ଦେଇଥିଲେ। ଫତେଗଡ ଗ୍ରାମର ଯୁବକମାନେ ଏକାଠି ହୋଇ ସେମାନଙ୍କୁ ନିଘୁକ ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ଫତେଗଡ ପୋଲିସ ୩ ଜଣ ଯୁବକଙ୍କୁ ଥାନାକୁ ନେଇଥିଲା। ଏନେଇ ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ପଚାରିବାରୁ ୩ ଜଣ ବାହାର ରାଜ୍ୟର ଯୁବକଙ୍କୁ ଅଟକ ରଖାଯାଇ ଘଟଣାର ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ।

# ୯ ଅଲିଭ ରିଡ୍‌ଲେ କଇଁଛଙ୍କ ପିଠିରେ ଖଞ୍ଜାଗଲା ସାଟେଲାଇଟ୍ ଟ୍ରାନ୍ସମିଟର

**ରାଜନଗର,୨୭।୧୨(ଭାସ୍କର ରାଉତରାୟ)**

ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ଏବେ ଚଳଚଞ୍ଚଳ। ନଭେମ୍ବର ପହିଲାରୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମକରି ଲକ୍ଷ ଲକ୍ଷ କଇଁଛ ଗହୀରମଥାର ନୀଳ ଜଳରାଶିରେ ମିଳନ ପର୍ବରେ ନିମଗ୍ନ। ଡିସେମ୍ବର ୨୫ରେ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଜୀବ ବିଜ୍ଞାନୀ ସୁରେଶ କୁମାରଙ୍କ ନେତୃତ୍ୱରେ ଗହୀରମଥା ବାବୁବାଲି ଦ୍ୱୀପରେ ୬ କଇଁଛଙ୍କ ପିଠିରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସାଟେଲାଇଟ୍ ଟ୍ରାନ୍ସମିଟର ଖଞ୍ଜିଛନ୍ତି। ସେହିପରି ଋଷିକୁଲ୍ୟା ଉପକୂଳରେ ୩ କଇଁଛଙ୍କ ପିଠିରେ ମଧ୍ୟ ଟ୍ରାନ୍ସମିଟର ଖଞ୍ଜାଯାଇଛି। ସୂଚନାଯୋଗ୍ୟ, ୩ ବର୍ଷ ପୂର୍ବେ ଗହୀରମଥାକୁ ଅଣ୍ଡାଦେବାକୁ ଆସିଥିବା ମା’ କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଥିଲା। ଏଥିରୁ ଗୋଟିଏ କଇଁଛ ମହାରାଷ୍ଟ୍ରର ରତ୍ନଗିରି ଉପକୂଳରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛି। ଏହାର ଆଗନ୍ତୁକ ଅତିଥି କଇଁଛଙ୍କ ଗତିବିଧି ଜାଣିବା ପାଇଁ ଏହି ପ୍ରକ୍ରିୟା ଜାରି ରଖାଯାଇଛି ବୋଲି ସେ କହିଛନ୍ତି।

# ସାଇବର ଠକ ଲୁଟିନେଲେ ୪.୭୭ ଲକ୍ଷ

**ଅନୁଗୋଳ,୨୭।୧୨(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ତୁରଙ୍ଗ ଅଞ୍ଚଳରେ ରହୁଥିବା କଟକ କାନପୁର ଥାନା ଅଞ୍ଚଳର ଶ୍ରୀଧର ସାହୁ ୪.୭୭ ଲକ୍ଷ ଟଙ୍କାର ସାଇବର ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ହ୍ୱାଟ୍ସଆପ୍‌କୁ ଆସିଥିବା ଏକ ଏପିକେ ଫାଇଲ ଖୋଲିବାର କିଛିଦିନ ପରେ ଏହି ଠକେଇ ହୋଇଛି। ସେ ୨ଟି କ୍ରେଡିଟ କାର୍ଡରୁ ଲୋନ ନେବା ସହ ଉକ୍ତ ଟଙ୍କା ଅଲଗା ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ଗୋଟିଏ କ୍ରେଡିଟ କାର୍ଡରୁ ୫୦ ହଜାର ଓ ଅନ୍ୟ କାର୍ଡରୁ ୪ ଲକ୍ଷ ୨୭ ହଜାର ଟଙ୍କା ଲୋନ ହୋଇଥିବା ତାଙ୍କ ମୋବାଇଲକୁ ମେସେଜ ଆସିଛି। ତେଣୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନକୁ କଲ୍ କରି ଅଭିଯୋଗ ଦାଖଲ କରିଛନ୍ତି। ପୋଲିସ ପକ୍ଷରୁ ମାମଲାର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ପ୍ରତିଷ୍ଠା ଦିବସର ଦିନକ ପରେ ୧୧ ଜିଲାର କମିଟି ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ବିଜେଡି ପ୍ରତିଷ୍ଠା ଦିବସ ପାଳନର ଦିନକ ପରେ ୧୧ ସାଙ୍ଗଠନିକ ଜିଲା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ଶନିବାର ତାଲିକା ପ୍ରକାଶ କରିଛନ୍ତି। ଏହି ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଅନୁଗୋଳ, ମାଲକାନଗିରି, ସୋନପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ରହିଛି। ବୌଦ୍ଧ ଜିଲା ଲାଗି ୮ ଜଣ ଉପସଭାପତି, ୯ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୭ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। କନ୍ଧମାଳରେ ୮ ଜଣ ଉପସଭାପତି, ୨୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୦ ଜଣ ସମ୍ପାଦକ, ଦେବଗଡ଼ ଜିଲା ପାଇଁ ୪ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୮ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଗଜପତି ଜିଲାରେ ୧୩ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୪ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। କେନ୍ଦୁଝର ଜିଲା ଲାଗି ୧୪ ଜଣ ଉପସଭାପତି, ୨୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୫ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଅନୁଗୋଳ ଜିଲାରେ ୧୦ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୬ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ମାଲକାନଗିରିରେ ୨ ଜଣ ଉପସଭାପତି, ୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୧୯ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାରେ ୧୨ ଜଣ ଉପସଭାପତି, ୧୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୨ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। ଝାରସୁଗୁଡ଼ା ଜିଲାରେ ୭ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୪ ଜଣ ସମ୍ପାଦକ ଦାୟିତ୍ୱ ପାଇଛନ୍ତି। କଳାହାଣ୍ଡି ପାଇଁ ୯ ଜଣ ଉପସଭାପତି, ୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୩୧ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସୋନପୁର ଲାଗି ୧୧ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୫ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି।

# ପୁରୀ, ଭୁବନେଶ୍ୱରରେ ରେଳ ଚଳାଚଳ ଦୁଇଗୁଣା ବଢ଼ିବ

**ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)**

ଆସନ୍ତା ୫ ବର୍ଷରେ ଅର୍ଥାତ୍ ୨୦୩୦ ସୁଦ୍ଧା ଭୁବନେଶ୍ୱର, ପୁରୀ ଏବଂ ବିଶାଖାପାଟଣାରେ ରେଳ ଚଳାଚଳ କ୍ଷମତା ଦ୍ୱିଗୁଣା କରାଯିବ। ଏଥିପାଇଁ ପ୍ରମୁଖ ଭିତ୍ତିଭୂମିଗୁଡିକର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୁରୀରେ ବର୍ତ୍ତମାନର ୬ଟି ଲାଇନକୁ ପୂରଣ କରିବା ପାଇଁ ୨ଟି ଅତିରିକ୍ତ ପୂର୍ଣ୍ଣ-ଲମ୍ବ ସମନ୍ୱିତ ପିଟ୍ ଲାଇନ ନିର୍ମାଣାଧୀନ ଅଛି। ସମ୍ପୂର୍ଣ୍ଣ କୋଚିଂ ରକ୍ଷଣାବେକ୍ଷଣ ସୁବିଧାକୁ ମଞ୍ଜୁରୀପ୍ରାପ୍ତ ପୁରୀ-କୋଣାର୍କ ନୂତନ ଲାଇନ୍‌ରେ ଏକ ନୂତନ ଦ୍ୱିତୀୟ କୋଚିଂ ଟର୍ମିନାଲ ଡିପୋକୁ ସ୍ଥାନାନ୍ତରିତ କରାଯିବାର ପ୍ରସ୍ତାବ ରହିଛି। ଏଥିସହ ଏହି ଲାଇନରେ ଏକ ବୃହତ ଆକାରର କୋଚିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଭୁବନେଶ୍ୱରରେ ନୂତନ ଭୁବନେଶ୍ୱର ଷ୍ଟେଶନକୁ ଏକ ସାଟେଲାଇଟ କୋଚିଂ ଟର୍ମିନାଲ ଭାବରେ ବିକଶିତ କରାଯାଉଛି, ଯେଉଁଥିରେ ମଞ୍ଚେଶ୍ୱରରେ ୨ଟି ପିଟ୍ ଲାଇନର ରକ୍ଷଣାବେକ୍ଷଣ ସୁବିଧା ଓ ସମର୍ପିତ ସଂଯୋଗୀକରଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ସ୍ଥାନାଭାବ ଯୋଗୁ ନିକଟସ୍ଥ ଅଞ୍ଚଳରେ ନୂତନ ଡିପୋ ପ୍ରସ୍ତାବିତ ରହିଛି। ବିଶାଖାପାଟଣାରେ ୫ଟି ଅତିରିକ୍ତ ଲାଇନ, ୬ଟି ଅତିରିକ୍ତ ଯାତ୍ରୀ ପ୍ଲାଟଫର୍ମ, ୧୦ଟି ଷ୍ଟେବ୍ଲିଂ ଲାଇନ ଏବଂ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ପ୍ରଦାନ କରୁଥିବା ୟାର୍ଡ ପରିବର୍ତ୍ତନ ପାଇଁ ଏକ ଡିପିଆର୍ ରେଳ ବୋର୍ଡରେ ଦାଖଲ କରାଯାଇଛି। ପ୍ରସ୍ତାବିତ କୋଟାଭାଲସା-ଆନକାପାଲି ବାଇପାସ୍ ଲାଇନରେ ଜଗନ୍ନାଥପୁରମ ଷ୍ଟେଶନକୁ ଏକ ମେଗା କୋଚିଂ ରକ୍ଷଣାବେକ୍ଷଣ ଡିପୋ ଏବଂ ସାଟେଲାଇଟ ଷ୍ଟେଶନ ଭାବରେ କାର୍ଯ୍ୟ କରିବା ପାଇଁ ଏକ ବଡ଼ ସ୍ତରର କମ୍ପ୍ଲେକ୍ସ ଭାବରେ ଯୋଜନା କରାଯାଇଛି। ବର୍ଦ୍ଧିତ ଟ୍ରେନ ଚଳାଚଳ ପାଇଁ ପୁରୀ ଅଞ୍ଚଳରେ ସ୍ୱୟଂଚାଳିତ ବ୍ଲକ୍ ସିଗ୍‌ନାଲିଂ ଓ ଫ୍ଲାଏଓଭର, ଭୁବନେଶ୍ୱର ଅଞ୍ଚଳରେ ପିଟ୍‌ଲାଇନ ବିଦ୍ୟୁତୀକରଣ, ସୁରକ୍ଷା ବାଡ଼, ଚତୁର୍ଥ ଲାଇନ ସହ ବାଇପାସ୍ ସର୍ଭେ ଏବଂ ବିଶାଖାପାଟଣା ଅଞ୍ଚଳରେ ଅନେକ ତୃତୀୟ, ଚତୁର୍ଥ, ପଞ୍ଚମ,ଷଷ୍ଠ ଲାଇନ, ଫ୍ଲାଏଓଭର ଏବଂ ବାଇପାସ ପ୍ରକଳ୍ପ ସମେତ ବହୁବିଧ ବିଭାଗ କ୍ଷମତା ବୃଦ୍ଧି ପ୍ରକଳ୍ପ ପ୍ରଗତି କରୁଛି। ଭାରତୀୟ ରେଳପଥ ଦ୍ୱାରା ଚିହ୍ନିତ ୪୮ଟି ପ୍ରମୁଖ ସହର ମଧ୍ୟରୁ ଭୁବନେଶ୍ୱର, ପୁରୀ ଏବଂ ବିଶାଖାପାଟଣାକୁ ନେଇ ଏକ ବ୍ୟାପକ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ

**୧୭ ମତ୍ସ୍ୟଜୀବୀ କୋର୍ଟ ଚାଲାଣ**

**ରାଜନଗର,୨୭।୧୨(ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଏକକୁଳା ନିକଟରୁ କିଛି ଦୂରରେ ମାଛ ଧରୁଥିବା ମା’ ଶିବାନୀ-୨ ନାମକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ଗୋଟିଏ ଜିପିଏସ୍, ଦୁଇଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍‌ଫାଇଣ୍ଡର,ତିନୋଟି ଗିଲ୍‌ନେଟ(ଜାଲ) ଓ ୧୩ କୁଇଣ୍ଟାଲ ୫୦କେଜି ମାଛ ଜବତ କରିବା ସହ ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଭୀମସେନ ମାଇତି, ପ୍ରତାପ ସିଂ, ଶିବୁ ମାନ୍ନା, ଚନ୍ଦନ ଦାସ, ଶମ୍ଭୁ ଭୂୟାଁ, ରାମ ଖିଲାର, ତପନ ବିଶ୍ୱାସ, ତୁଷାର ସରକାର, ବଳରାମ ମାଇତି, ବରୁଣ ସର୍ଦ୍ଦାର, ଅଶୋକ ମଣ୍ଡଳ, ସୁଶାନ୍ତ ମଲ୍ଲିକ, ଅମ୍ବାଇ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଛୋଟରାଏ ସୋରେନ, ସୁଶାନ୍ତ ଦାସ ଓ ବାପି ଗିରି। ଗିରଫମାନେ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଓ ଉତ୍ତର ଚବିଶପ୍ରଗଣା ଅଞ୍ଚଳର। ସେମାନଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# କାଠଗଡ଼ାକୁ ଯିବେ ରହମାନ୍ ଡକୈତ

**ଅକ୍ଷୟ ଖାନ୍ନାଙ୍କୁ ଲିଗାଲ ନୋଟିସ୍ ପଠାଉଛନ୍ତି ‘ଦୃଶ୍ୟମ୍ ୩’ ପ୍ରଯୋଜକ**

**ମୁମ୍ବାଇ,୨୭।୧୨**

‘ଧୁରନ୍ଧର’ ଫିଲ୍ମର ସୁପରହିଟ୍ ସଫଳତା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଡିମାଣ୍ଡ ରାତାରାତି ବଢ଼ିଯାଇଛି। ସେ ନିଜ ସାଲାରି ୩ ଗୁଣା ବଢ଼ାଇଦେଇଛନ୍ତି। ଏପରି କି ପ୍ରଯୋଜକଙ୍କ ଫୋନ୍ କଲ୍ ମଧ୍ୟ ରିସିଭ୍ କରୁନାହାନ୍ତି। ତେଣୁ ପୂର୍ବରୁ ଅକ୍ଷୟଙ୍କ ସହ ନୂଆ ସିନେମା ପାଇଁ ଚୁକ୍ତି କରିଥିବା ମେକର୍ସ ଏବେ ହତାଶ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ‘ଦୃଶ୍ୟମ୍ ୩’ର ପ୍ରଯୋଜନା କରୁଥିବା ପାନୋରାମା ଷ୍ଟୁଡିଓ ପ୍ରଡ୍ୟୁସର କୁମାର ମଙ୍ଗତ ପାଠକ୍ ଅକ୍ଷୟଙ୍କୁ ଆଇନର କାଠଗଡ଼ାକୁ ଟାଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ ‘ଛାବା’ ଆଉ ଏବେ ‘ଧୁରନ୍ଧର’। ଲଗାତର ୨ଟି ହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟୁଥିବା ବଲିଉଡ୍ ଅଭିନେତା ଅକ୍ଷୟ ଖାନ୍ନାଙ୍କୁ ଆଉ ଦୃଶ୍ୟମ୍ ସିକ୍ୱେଲର ତୃତୀୟ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ ନାହିଁ। ବିଶେଷକରି ‘ଧୁରନ୍ଧର’ର ବକ୍ସ ଅଫିସ କଲେକ୍ସନ ୧୦୦ କୋଟି ଟଙ୍କା ପାର୍ କରିବା ପରେ ଅକ୍ଷୟ ଆଉ ଲୋ ବଜେଟ୍‌ରେ କାମ ନ କରିବାକୁ ପଣ କରିଛନ୍ତି। ତେଣୁ ‘ଦୃଶ୍ୟମ୍ ୩’ ପାଇଁ ନିଜ ପ୍ରାଇସ୍ ପ୍ରାୟ ୩ ଗୁଣା ଅର୍ଥାତ୍ ୨୧ କୋଟି ଟଙ୍କାକୁ ବଢ଼ାଇ ଦେଇଛନ୍ତି। ଏନେଇ ସହପ୍ରଯୋଜକ କୁମାର ମଙ୍ଗତ କହିଛନ୍ତି, ‘ଦୃଶ୍ୟମ୍ ୩’ର ପୋଲିସ ଆଇଜି ତରୁଣ ଅହଲାୱତ୍ ଚରିତ୍ରରେ ଅକ୍ଷୟ ଆଉ ନିଜ ଚନ୍ଦାପଣ ଦେଖାଇବାକୁ ଚାହୁଁନାହାନ୍ତି। ହେୟାର ଷ୍ଟାଇଲ୍‌କୁ ନେଇ ଏପରି ମତଭେଦ ରହିଛି। ଅଜୟ ଦେବଗନ୍‌ଙ୍କ ଅଭିନୀତ ନୂଆ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା ପରଠୁ ଅକ୍ଷୟ ଆଉ ତାଙ୍କ ଫୋନ୍ କଲ୍ ଉଠାଉନାହାନ୍ତି। ଅକ୍ଷୟ ଚୁକ୍ତି ଖିଲାପ କରିଥିବାରୁ ତାଙ୍କୁ ଲିଗାଲ ନୋଟିସ ପଠାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କୁମାର ମଙ୍ଗତ ମିଡିଆକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଡିସେମ୍ବର ୫ରେ ମୁକ୍ତିଲାଭ କରିଥିବା ଆଦିତ୍ୟ ଧରଙ୍କ ‘ଧୁରନ୍ଧର’ରେ ରଣବୀର ସିଂ, ସଞ୍ଜୟ ଦତ୍ତ, ଆର୍. ମାଧବନ୍ ଓ ଅର୍ଜୁନ ରାମପାଲଙ୍କ ଭଳି ଷ୍ଟାରଙ୍କ ଚମକ ଅକ୍ଷୟ ଖାନ୍ନାଙ୍କ ଅଭିନୟ ଆଗରେ ଫିକା ପଡ଼ିଯାଇଛି। ପାକିସ୍ତାନର କରାଚୀସ୍ଥିତ ଲ୍ୟାରିରେ ଆପରାଧିକ ନେଟ୍‌ୱର୍କକୁ ନେଇ ଏହି ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଏଥିରେ ରହମାନ ଡକୈତ ଭୂମିକାରେ ନିଖୁଣ ଅଭିନୟ ପରେ ଅକ୍ଷୟଙ୍କ ଡିମାଣ୍ଡ ବଢ଼ିଯାଇଛି। ଧୁରନ୍ଧର ନିର୍ମାତା ୨୦୨୬ ମାର୍ଚ୍ଚରେ ଏହାର ସିକ୍ୱେଲ ଆଣିବା ନେଇ ଘୋଷଣା କରିସାରିଥିବାବେଳେ ‘ଡକାୟତ’ ଅକ୍ଷୟ ଖାନ୍ନାଙ୍କ ମନୋପଲିକୁ ଆଦରି ନେଇଛନ୍ତି ଦର୍ଶକେ। କିନ୍ତୁ ପ୍ରଡ୍ୟୁସର୍ସ ଏହାକୁ ଗ୍ରହଣ କରିପାରିନାହାନ୍ତି।



## Classified Everyday
0674-2580101, 9692975378




**BRIDE WANTED**

ଅନ୍ଧ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା +3, ବୟସ-39। 50 ଲକ୍ଷ ଟଙ୍କାର ଘର ସହିତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଯୋଗାଯୋଗ ଠିକଣା: At/P.O.- Bhanurkhol, Dist.- Jharsuguda. Mob. No.- 9937513371. ଧ-୨୯୬୪

Handsome Brahmin Boy, 1994, 6', B-Tech, MBA, Serving Accenture, Bangalore. 'SUNASANSAR'. 9937512659. D-2965

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911




**SALE**

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟ 200ଫୁଟ ରାସ୍ତାପାଖରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2958

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

By virtue of an affidavit sworn before Executive Magistrate, Dhenkanal, dated- 04.10.2025, I, TULASI DEHURY, W/o.- Late SUMANTA DEHURY, At- BISWANATHAPUR, P.O.- KAPILASH, VIA- GONDIA, DIST.- DHENKANAL, PIN-759016, ODISHA declare that I have changed my name from SUKANTI DEHURY to TULASI DEHURY. Henceforth, I shall be known as TULASI DEHURY for all purposes.
TULASI DEHURY
D-2966

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ରବୀନ୍ଦ୍ର ମୋହନ ସାହୁ
ବଡହାଟ, କେନ୍ଦ୍ରାପଡା
ଆବିର୍ଭାବ: ୦୪।୦୭।୧୯୪୮
ତିରୋଧାନ: ୧୭।୧୨।୨୦୨୫

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:- ପୁତ୍ର- ରଞ୍ଜିତ ସାହୁ, ମାନସ ରଞ୍ଜନ ସାହୁ, ସଞ୍ଜୟ ସାହୁ, ପ୍ରଦୀପ ସାହୁ, ଦିଲ୍ଲୀପ ସାହୁ, ଝିଅ- ସଞ୍ଜୁକ୍ତା ସାହୁ, ଜ୍ୱାଇଁ, ବୋହୂ, ନାତୁଣୀବୋହୂ, ନାତି, ନାତୁଣୀ, ଅଣନାତି, ବନ୍ଧୁ ଓ ପରିବାରବର୍ଗ।
D-2971

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ପୁଷ୍ପାଞ୍ଜଳି ପାତ୍ର
ଆବିର୍ଭାବ: ୧୫।୦୩।୧୯୭୨
ତିରୋଧାନ: ୧୭।୧୨।୨୦୨୫
କୁଶିଆପାଳ, ଡେରାବିଶ, କେନ୍ଦ୍ରାପଡ଼ା

ଆମ ସମବାୟ ସମିତିକୁ ଅଧିକ ସଶକ୍ତ କରିବା ପାଇଁ ଆପଣଙ୍କ ଅବଦାନ ଅବିସ୍ମରଣୀୟ ଥିଲା। ଆପଣଙ୍କ ବିୟୋଗରେ ଆମ୍ଭେମାନେ ଗଭୀର ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ସଭାପତି, ସମ୍ପାଦକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ କର୍ମଚାରୀବୃନ୍ଦ। କୁଶିଆପାଳ, ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ।
ଧ-୨୯୬୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ନିର୍ମଳା ପ୍ରଧାନ
ନୂଆଗାଁ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୮।୦୩।୧୯୬୪
ତିରୋଧାନ: ୦୯।୧୨।୨୦୨୫

ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ଶଶୁର, ସ୍ୱାମୀ, ଦିଅର, ପୁତ୍ର ଓ ପୁତ୍ରବଧୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ ଓ ନାତି ଏବଂ ନାତୁଣୀ।
ଧ-୨୯୬୧

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ନୟନା ପ୍ରଧାନ
ନୂଆ ଗାଁ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୫।୦୫।୧୯୩୯
ତିରୋଧାନ: ୧୭।୧୨।୨୦୨୫

ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ବାତ୍ସଲ୍ୟ ମମତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୯୬୨

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଆଉ ମାତ୍ର ଦିନ କେଇଟାରେ ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୫। ଏହି ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ଯୁବ ପ୍ରତିଭା ଏବଂ ବିଷୟବସ୍ତୁ ସମ୍ପର୍କରେ...**

# ଦିଶା


ସରିତା




## ରାଜକିଶୋର ମହାନ୍ତ

ବିଭିନ୍ନ ଦେଶର ମୁଦ୍ରାକୁ ସଂଗ୍ରହ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି କେନ୍ଦୁଝର ଜିଲା ମୁରୁସୁଆଁ ଗ୍ରାମର ସଂଗ୍ରାହକ ରାଜକିଶୋର ମହାନ୍ତ। ୧୧ ବର୍ଷ ବୟସରୁ ଏଭଳି ମୁଦ୍ରା ସଂଗ୍ରହ କରିବା ଆରମ୍ଭ କରିଥିଲେ। ଏବେ ତାଙ୍କ ପାଖରେ ରହିଛି ୧୯୪୩ ମସିହାର କାଣି ପଇସାଠୁ ଆରମ୍ଭ କରି ଆମ ଦେଶରେ ଏକଦା ଚଳୁଥିବା ୧ ପଇସା, ୨ ପଇସା, ୧୦ ପଇସା, ୨୦ ପଇସା, ୨୫ ପଇସା ଏଭଳି ଅନେକ ଅଚଳ ଟଙ୍କା। ପ୍ରଥମ ଗଭର୍ନର ସି.ଡି. ଦେଶମୁଖ୍‌ଙ୍କ ପଇସା ମଧ୍ୟ ତାଙ୍କ ପାଖରେ ରହିଛି। ଏବେ ତାଙ୍କ ପାଖରେ ଦୁଇ କ୍ୱିଣ୍ଟାଲ ମୁଦ୍ରା ଓ ୩୭ ହଜାରରୁ ଉର୍ଦ୍ଧ୍ୱ ନୋଟ୍ ରହିଛି। ଅଦ୍ୟାବଧି ତାଙ୍କ ପାଖରେ ନାଇଜେରିଆ, ଲାଟ୍‌ଭିଆ, ପେରୁ, ଫିଲିପାଇନ୍ସ, ତାଇୱାନ, ରୋମାନିଆ, ମେକ୍ସିକୋ, ଇଣ୍ଡୋନେସିଆ, କ୍ୟୁବା, ଜୋର୍ଡାନ, ଲାଓସ୍, ଫିଜି, ନେପାଳ, ଉଗାଣ୍ଡା ଆଦି ୧୫୨ ଦେଶର ୧୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଓ ମୁଦ୍ରା ରହିଛି। ଏପରିକି ବ୍ରିଟିଶ୍ ଅମଳ ତଥା ତା' ପୂର୍ବରୁ ରାଜରାଜୁଡ଼ା ଅମଳର ମୁଦ୍ରା ମଧ୍ୟ ତାଙ୍କ ପାଖରେ ରହିଛି। ଶତକର ଦିନ ଅନୁଯାୟୀ ୧୦ ଟଙ୍କିଆ ନୋଟ୍ ସାଇତି ରଖିଥିବାରୁ ସେ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଏସିଆ ବୁକ୍ ଅଫ୍ ରେକର୍ଡ୍ସ, ଗୋଲ୍‌ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ, ମିରାକଲ ୱାର୍ଲ୍ଡ ରେକର୍ଡ ଓ ଆସିଷ୍ଟ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ସେ ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପ୍ରଶଂସିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ରାଜେନ୍ଦ୍ର କୁମାର ଦାସ

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ରାଏବିଧାର ଗ୍ରାମର ବିଜୟଲକ୍ଷ୍ମୀ ଓ ବିଭୂତି ଭୂଷଣ ଦାସଙ୍କ ପୁଅ ରାଜେନ୍ଦ୍ର କୁମାର ଦାସ(ରାଜା)। ୨୦୦୨ ମସିହାରେ ବୀରହରେକୃଷ୍ଣପୁରର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ପୁରୀର ବ୍ରଜବନ୍ଧୁ ମହାରଣାଙ୍କ ସଂସ୍ପର୍ଶରେ ଆସି ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସଖା'ରେ ସାମିଲ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ, ୱାର୍ଡ ପରିଷ୍କାର ପରିଚ୍ଛନ୍ନ ଅଭିଯାନରେ ଯୋଗ ଦିଅନ୍ତି ଓ ରକ୍ତଦାନ ଶିବିର, ନାରାୟଣ ସେବା, ପରିବେଶ ସୁରକ୍ଷା ପ୍ରଭୃତି କାର୍ଯ୍ୟରେ ସକ୍ରିୟ ଭାବେ କାର୍ଯ୍ୟ କରନ୍ତି। ପରେ ପରେ ମାନବ ସେବା ହିଁ ମାଧବ ସେବା ବ୍ରତରେ ଅନୁପ୍ରାଣିତ ଅନ୍ୟତମ ଅନୁଷ୍ଠାନ ସାହିଭାଇରେ ଯୋଗ ଦିଅନ୍ତି। ସେ ଅସହାୟ ଲୋକଙ୍କୁ ମେଡିକାଲ ସେବା, ସ୍ୱର୍ଗଦ୍ୱାରରେ ଶବଦାହ, ରାସ୍ତାକଡ଼ ରୋଗୀଙ୍କୁ ମେଡିକାଲରେ ଚିକିତ୍ସା ଉପଲବ୍ଧ ସହ ଆବଶ୍ୟକ ସ୍ଥଳେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରିବା, ତାରାରୋପଣ ସହ ତା'ର ଯତ୍ନ ନେବା, ବୁଲା ଗୋରୁଗାଈଙ୍କ ଯତ୍ନ ପ୍ରଭୃତି କାର୍ଯ୍ୟରେ ଲାଗିପଡ଼ନ୍ତି। କିଛିବର୍ଷ ହେବ ସେ ଆପଦ ମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ଏବେ ଗତ ୪ବର୍ଷ ହେବ ପୁରୀ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ କନିଷ୍ଠ ସେବକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନିଆରା ସେବା, ସମର୍ପଣଭାବ ଲାଗି ସେ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନରୁ ଶ୍ରୀକ୍ଷେତ୍ର ସମ୍ମାନ, ଯୁବ ବ୍ୟକ୍ତିତ୍ୱ, ସମାଜସେବୀ ଭାବେ ସମ୍ମାନିତ ହୋଇଛନ୍ତି।

## ରାଜନ ସରିତା ରାଣୀ

ରାୟଗଡ଼ା ଜିଲା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶାନ୍ତି କୁମାରୀ କମଣ୍ଡଳ ଏବଂ ରାଜନ ରବିଙ୍କ ବଡ଼ଝିଅ ରାଜନ ସରିତା ରାଣୀ। ପେସାରେ ଇଞ୍ଜିନିୟର ହୋଇଥିଲେ ହେଁ ନିଶା ତାଙ୍କର ମଡେଲିଂ ଏବଂ ଅଭିନୟ କରିବା। ସେ ୨୦୧୯ରୁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ। ଇଣ୍ଡିଆନ୍ ସିଲ୍କ କୁଇନ୍ ପ୍ରତିଯୋଗିତାରେ ବିଜୟ ମୁକୁଟ ହାସଲ କରିଥିଲେ। ଚଳିତବର୍ଷ ଏପ୍ରିଲ ୧୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ବ୍ୟୁଟି କଣ୍ଟେଷ୍ଟର ମିସ୍ ଗର୍ଜିଅସ୍ ଅଫ୍ ଇଣ୍ଡିଆରେ ନର୍ଥ ଇଣ୍ଡିଆ ୱିନର ହୋଇପାରିଛନ୍ତି। ସେ କୁହନ୍ତି, ଆମ ଅଞ୍ଚଳରେ ଝିଅମାନେ ମଡର୍ନ ଡ୍ରେସ୍ ପିନ୍ଧିବା, ମଡେଲିଂ କରିବାକୁ ଲୋକେ ଟାହିଟାପରା କରନ୍ତି। କିନ୍ତୁ ମା' କାହା କଥା ନ ଶୁଣି ମତେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଛନ୍ତି ଓ ମିସ୍ ୟୁନିଭର୍ସ ଓଡ଼ିଶା ହେବା ପାଇଁ ସ୍ୱପ୍ନ ଦେଖାଇଛନ୍ତି।

## ଏଲ୍. ଈଶ୍ୱର ରାଓ

ଖଡ଼ି, ସାବୁନ, ପେନ୍‌ସିଲ, ପଥର, କାଠ, ଚାଉଳ, ମୁଗ, ଧାନରେ ସୂକ୍ଷ୍ମ ଖୋଦେଇ କରି ଜୀବନ୍ତ ପ୍ରତିମୂର୍ତ୍ତି ନିର୍ମାଣ କରି ଜଣେ ସଫଳ କାରିଗର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଗୋପୀନାଥପୁର ହାଟ ବଜାରରେ ରହୁଥିବା ମାତା ଏଲ୍. ଆପ୍ପଲା ଏବଂ ବାପା ଏଲ୍. ଏରେୟାଙ୍କ ପୁଅ ଏଲ୍. ଈଶ୍ୱର ରାଓ। କାଚ ବୋତଲ ଭିତରେ ଅତି ନିଖୁଣ ଭାବେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ପେନ୍‌ସିଲରେ ଖୁବ୍ ସୂକ୍ଷ୍ମ ଭାବେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି, ଆଇପିଏଲ୍, ହକି ମହାକୁମ୍ଭର ଚାମ୍ପିୟନ ଟ୍ରଫି ପ୍ରସ୍ତୁତ କରି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଏଭଳି ବିଭିନ୍ନ ନିଆରା କଳାକୃତି ପାଇଁ ତାଙ୍କ ନାଁରେ ରହିଛି ମିରାକିଲ୍ ୱାର୍ଲ୍ଡ ରେକର୍ଡ, ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଓଣ୍ଡର ବୁକ୍ ଅଫ୍ ରେକର୍ଡ, ଅନ୍‌ଲାଇନ୍ ୱାର୍ଲ୍ଡ ରେକର୍ଡ, ନେପାଳ ବୁକ୍ ଅଫ୍ ରେକର୍ଡ, ଜିନିଅସ୍ ଇଣ୍ଡିଆନ୍ ଆଚିଭର୍ସ ଆୱାର୍ଡ ଭଳି ଅନେକ ରେକର୍ଡ ଏବଂ ଆୱାର୍ଡ। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ନାଁରେ ତାଙ୍କର ଅନୁଷ୍ଠାନ ଅଛି, ଯେଉଁଠି ସେ ଛୋଟ ପିଲାଙ୍କୁ ମାଗଣାରେ ଚିତ୍ରକଳା ସହ ସୂକ୍ଷ୍ମ କଳାର ପ୍ରଶିକ୍ଷଣ ଦିଅନ୍ତି। ବର୍ତ୍ତମାନ ସୁଦ୍ଧା ସେ ବିଭିନ୍ନ ସାଇଜର କାଚବୋତଲର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କଳାକୃତି କରିଥିବା ବେଳେ ଏକ ହଜାରରୁ ଉର୍ଦ୍ଧ୍ୱ ପଥର, କାଷ୍ଠମୂର୍ତ୍ତି ଗଢ଼ି ନିଜ ଘରକୁ ସଂଗ୍ରହାଳୟ ଭାବେ ସଜାଇଛନ୍ତି।

## ଜ୍ୟୋତିର୍ମୟୀ ନାୟକ

ନିଜ ସଙ୍ଗୀତ ଦ୍ୱାରା କ୍ୟାନ୍‌ସର ରୋଗୀଙ୍କ କଷ୍ଟଭରା ଜୀବନରେ ଖୁସି ଭରିଦେବାକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି ଭୁବନେଶ୍ୱର ପଳାଶୁଣୀରେ ରହୁଥିବା ମା' ଗୌରୀ ଏବଂ ବାପା ଚକ୍ରଧର ନାୟକଙ୍କ ଝିଅ ଜ୍ୟୋତିର୍ମୟୀ। ବର୍ତ୍ତମାନ ସେ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ନିଜ ଯାଦୁକରୀ କଣ୍ଠସ୍ୱରରେ ଉଭୟ ଦର୍ଶକ ଓ ଜଜ୍‌ମାନଙ୍କୁ ପ୍ରଭାବିତ କରି ସଫଳତା ସାଉଁଟୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଚଳଚ୍ଚିତ୍ର ମନ ମୋ କାଗଜଗୁଡ଼ିର ଚୋରି ଚୋରି ଚାନ୍ଦିନୀକୁ ରାଜନନ୍ଦିନୀ, ଚାରି ଧାମ ଭିତରୁ ଗୋଟିଏ ଧାମ ଭଳି ଭଜନ, ଆମ ଗାଁ ଝିଅ ଖାଣ୍ଟି ଗୁଆଘିଅ, ପାଗଳ ଭଅଁର ଭଳି ଅନେକ ହିଟ୍ ଆଲବମ୍ ଗୀତ , ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଭିନ୍ନ ଆଲ୍‌ବମ୍ ପାଇଁ କଣ୍ଠଦାନ କରି ଲୋକପ୍ରିୟ ହୋଇପାରିଛନ୍ତି। ସେ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ, ସମ୍ଭାବନା ପକ୍ଷରୁ ଆୟୋଜିତ ଲତାଜୀ ସଙ୍ଗ୍ କମ୍ପିଟିଶନ୍‌ରେ ପ୍ରଥମ ହେବା ସହ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

## ଶ୍ରୀକାନ୍ତ ଦାସ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ଗ୍ରାମର ମା' ସରୋଜିନୀ ଏବଂ ବାପା ଶ୍ରୀଧର ଦାସଙ୍କ ବଡ଼ ପୁଅ ଶ୍ରୀକାନ୍ତ ଦାସ। ନିଜ ରାଜ୍ୟ ବ୍ୟତୀତ ଦିଲ୍ଲୀ, ଆସାମ, ମେଘାଳୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଜଣେ ଚିତ୍ରଶିଳ୍ପୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି। ବର୍ତ୍ତମାନ ସେ ସ୍କୁଲ୍, କଲେଜ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ସୁରଭି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଉଛନ୍ତି। ସୁନ୍ଦର ଚିତ୍ରକଳା ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୦୭ରେ ରାଜ୍ୟ ପୁରସ୍କାର, ୨୦୧୪ରେ ଆସାମ ଓ ମେଘାଳୟ ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ସହିତ ଅନେକ ପୁରସ୍କାର ମିଳିଛି। ଶ୍ରୀକାନ୍ତ କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଦାରୁବ୍ରହ୍ମଙ୍କ ଚିତ୍ର ଆଙ୍କି ପୁରସ୍କୃତ ହେବା ମୋ ପାଇଁ ସୌଭାଗ୍ୟର କଥା।

## ବିଷ୍ଣୁପ୍ରିୟା ସାହୁ

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର। କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ୍ୟ ସେ ବେଶ୍ ଆଗୁଆ। ସେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ସେ ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି-ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ୍ୟ ହୋଇ ପାରିଛନ୍ତି। ସେ ଜି-ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଉର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।



ରାଜକିଶୋର
ରାଜେନ୍ଦ୍ର
ଏଲ୍. ଈଶ୍ୱର
ବିଷ୍ଣୁପ୍ରିୟା
ଶ୍ରୀକାନ୍ତ
ଜ୍ୟୋତିର୍ମୟୀ

# ଚତୁର୍ଥ ଟେଷ୍ଟ: ଇଂଲଣ୍ଡର ସ୍ମରଣୀୟ ବିଜୟ

**ମେଲବୋର୍ନ,୨୭।୧୨(ଏପି)**

ସ୍ଥାନୀୟ ଏମ୍‌ସିଜିଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ରୋମାଞ୍ଚପୂର୍ଣ୍ଣ ଚତୁର୍ଥ ଆଶେସ ଟେଷ୍ଟରେ ଇଂଲଣ୍ଡ ଏକ ସ୍ମରଣୀୟ ବିଜୟ ହାସଲ କରିଛି। ଏହା ଇଂଲଣ୍ଡ ଦଳ ପାଇଁ ଦୀର୍ଘ ୧୪ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ବିଜୟ। ଏଥିସହିତ ଅଷ୍ଟ୍ରେଲିଆ ମାଟିରେ ଲଗାତର ୧୮ଟି ଟେଷ୍ଟ ମ୍ୟାଚ୍ ଧରି ଚାଲି ଆସିଥିବା ଇଂଲଣ୍ଡର ବିନା ବିଜୟ ଧାରା ମଧ୍ୟ ଭଙ୍ଗ ହୋଇଛି। ଏହା ମଧ୍ୟରେ ଇଂଲଣ୍ଡ ୧୬ଟି ଟେଷ୍ଟରେ ପରାଜିତ ହୋଇଥିବା ବେଳେ ଦୁଇଟି ଡ୍ର' ରଖିଥିଲା। ଇଂଲଣ୍ଡ ଦଳର ଏହି ବିନା ବିଜୟ ଧାରା ୨୦୧୩-୧୪ ଆଶେସଠାରୁ ଆରମ୍ଭ ହୋଇଥିଲା। ସେହି ସିରିଜ୍‌କୁ ଘରୋଇ ଅଷ୍ଟ୍ରେଲିଆ ୫-୦ରେ ଜିତି ନେଇଥିଲା। ଇଂଲଣ୍ଡ ଅନ୍ତିମ ଥର ୨୦୧୦-୧୧ ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ଜିତିଥିଲା।

ପ୍ରଥମ ଇନିଂସରେ ୪୨ ରନରେ ଆଗରେ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ମାତ୍ର ୧୩୨ ରନରେ ସୀମିତ ରହିଥିଲା। ୧୭୫ ରନର ବିଜୟଲକ୍ଷ୍ୟକୁ ଇଂଲଣ୍ଡ ୬ ଉଇକେଟରେ ହାସଲ କରି ନେଇଥିଲା। ଫଳରେ ମ୍ୟାଚ୍‌ଟି ମାତ୍ର ଦୁଇ ଦିନ ମଧ୍ୟରେ ଶେଷ ହୋଇଥିଲା। ଚଳିତ ସିରିଜ୍‌ରେ ଦ୍ୱିତୀୟ ଥର ପାଇଁ କୌଣସି ଟେଷ୍ଟ ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷ ହୋଇଛି। ଏଥିପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ଦୁଇ ଦିନରେ ଶେଷ ହୋଇଥିଲା। ତେବେ ଏହି ବିଜୟ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଆଶେସରେ ଇଂଲଣ୍ଡ ୧-୩ରେ ଅଷ୍ଟ୍ରେଲିଆଠାରୁ ପଛରେ ରହିଛି। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିବା ଜୋଶ ଟଙ୍ଗଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଶନିବାର ମ୍ୟାଚ୍ ଦେଖିବା ପାଇଁ ୯୨,୦୪୫ ସଂଖ୍ୟାରେ ଦର୍ଶକ ଯୋଗଦେଇଥିଲେ, ଯାହାକି ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ପାଇଁ ଦ୍ୱିତୀୟ ସର୍ବାଧିକ। ମ୍ୟାଚ୍‌ର ପ୍ରଥମ ଦିନରେ ସର୍ବାଧିକ ୯୪,୧୯୯ ଦର୍ଶକ ଯୋଗ ଦେଇଥିଲେ।

ଅଷ୍ଟ୍ରେଲିଆ ତା'ର ଅସମାପ୍ତ ଦ୍ୱିତୀୟ ସ୍କୋର ୪/୦ରୁ ଆରମ୍ଭ କରି ସାଙ୍ଘାତିକ


ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ବେନ୍ ଷ୍ଟୋକ୍ସ ଏବଂ ଜୋ ରୁଟ୍ ।

## ଦୁଇ ଦିନରେ ମ୍ୟାଚ୍ ଶେଷ

ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଟ୍ରାଭିସ୍ ହେଡ ୪୬, ଷ୍ଟିଭେନ ସ୍ମିଥ ୨୪ ଓ କାମେରନ ଗ୍ରୀନ (୧୯)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଇଂଲଣ୍ଡ ପାଇଁ ବ୍ରାଇଡନ କାର୍ସ ୪, ଅଧିନାୟକ ବେନ ଷ୍ଟୋକ୍ସ ୩, ଜୋଶ ଟଙ୍ଗ ୨ ଓ ଗସ୍ ଆଟକିନସନ ଗୋଟିଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୨ ରନରେ ଆଗରେ ରହିଥିବାରୁ ପ୍ରତିପକ୍ଷ ଇଂଲଣ୍ଡ ସମ୍ମୁଖରେ ୧୭୫ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜ୍ୟାକ କ୍ରଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଇଂଲଣ୍ଡକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୭ ଓଭରରେ ୫୧ ରନ କରିଥିଲେ। ପରେ କ୍ରମାଗତ ବ୍ୟବଧାନରେ ଡକେଟ (୩୪) ଓ କାର୍ସ (୬) ଆଉଟ୍ ହୋଇଥିଲେ। କ୍ରଲି ଓ ଜେକବ ବେଥେଲ ତୃତୀୟ ଉଇକେଟରେ ୪୭ ରନ ଯୋଡ଼ି ଦଳକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଏହାପରେ ଇଂଲଣ୍ଡ କ୍ରମାଗତ ବ୍ୟବଧାନରେ କ୍ରଲି (୩୭), ବେଥେଲ (୪୦), ଜୋ ରୁଟ୍ (୧୫) ଓ ଅଧିନାୟକ ଷ୍ଟୋକ୍ସ (୨)ଙ୍କ ଉଇକେଟ ହରାଇଥିଲା। ହେଲେ ହ୍ୟାରୀ ବ୍ରୁକ ଓ ଜେମି ସ୍ମିଥ ଦଳ ପାଇଁ ଦରକାର ଥିବା ରନ ସଂଗ୍ରହ କରି ନେଇଥିଲେ। ଫଳରେ ଇଂଲଣ୍ଡ ୩୨.୨ ଓଭରରେ ୬ ଉଇକେଟ ହରାଇ ୧୭୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝେ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୨। ଇଂଲଣ୍ଡ ପ୍ରଥମ ଇନିଂସ: ୧୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୩୨/ଅଲଆଉଟ୍ (ଟ୍ରାଭିସ ହେଡ-୪୬, ଷ୍ଟିଭ ସ୍ମିଥ-୨୪*, ବ୍ରାଇଡନ କାର୍ସ-୪/୩୪, ବେନ ଷ୍ଟୋକ୍ସ-୩/୨୪, ଜୋଶ ଟଙ୍ଗ-୨/୪୪)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୭୮/୬(ଜେକବ ବେଥେଲ-୪୦, ଜ୍ୟାକ କ୍ରଲି-୩୭, ବେନ ଡକେଟ-୩୪, ଝେ ରିଚାର୍ଡସନ-୨/୨୨, ସ୍କଟ ବୋଲାଣ୍ଡ-୨/୨୯, ମିଚେଲ ଷ୍ଟାର୍କ-୨/୪୫)।

# ମହିଳା ହକି ଇଣ୍ଡିଆ ଲିଗ୍ ଆଜିଠାରୁ

**ରାଞ୍ଚି, ୨୭।୧୨ (ପି.ଟି.)**

ଚାରୋଟି ଦଳକୁ ନେଇ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଦ୍ୱିତୀୟ ସିଜନ ରବିବାରଠାରୁ ଆରମ୍ଭ ହେବ। ଟୁର୍ନାମେଣ୍ଟରେ ଆଧିପତ୍ୟ ବିସ୍ତାର କରିବା ଲାଗି ରାଞ୍ଚି ରୟାଲ୍ସ ଘରୋଇ ସମର୍ଥନ ଉପରେ ନିର୍ଭର କରିବାକୁ ଚାହିଁବ। ଗତ ସିଜନରେ ଅଳ୍ପକେ ପରାଜିତ ହୋଇ ଟ୍ରଫି ହାତଛଡ଼ା କରିଥିବା ଜେଏସ୍‌ଡବ୍ଲ୍ୟୁ ସୁର୍ମା ଏଥର ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଥିବ। ଉଦ୍‌ଘାଟନୀ ସିଜନରେ କିଛିଟା ଅସ୍ଥିରତା ଦେଖାଦେବା ପରେ ଓଡ଼ିଶା ୱାରିଅର୍ସ (ମହିଳା ଦଳ) ସିଜନ-୧ ଖେଳ ଶେଷ ପରେ ଏହି ଦଳ ଟୁର୍ନାମେଣ୍ଟରୁ ଓହରି ଯାଇଥିଲା। ନୂଆ ରାଞ୍ଚି ରୟାଲ୍ସ ଫ୍ରାଞ୍ଚାଇଜ୍ ଏହି ସ୍ଥାନ ଦଖଲ କରିନେଇଥିଲା। ରାଞ୍ଚି ରୟାଲ୍ସ ଓଡ଼ିଶା ଦଳର କେତେଜଣ ପ୍ରମୁଖ ଖେଳାଳିଙ୍କୁ ଦଳରେ ରଖିଥିଲା। ସିଜନ-୨ରେ ଏହି ଦଳ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରିବ। ଟୁର୍ନାମେଣ୍ଟ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଅଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମରେ ଡବଲ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଲେଖାଏ ଭେଟିବେ। ଶ୍ରେଷ୍ଠ ଦୁଇ ଦଳ ଜାନୁଆରୀ ୧୦ରେ ହେବାକୁଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ରାଞ୍ଚି ରୟାଲ୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ ବ୍ୟତୀତ ଟୁର୍ନାମେଣ୍ଟରେ ଭାଗ ନେଉଥିବା ଅନ୍ୟ ଦୁଇ ଦଳ ହେଲେ ଦିଏସ୍‌ଜି ପାଇପର୍ସ ଓ ଶ୍ରାଚି ରାଢ଼ ବେଙ୍ଗଲ ଟାଇଗର୍ସ। ଏହି ଦଳଗୁଡ଼ିକରେ ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ବେଲଜିୟମ, ଅଷ୍ଟ୍ରେଲିଆ, ସ୍ପେନ ଓ ଗ୍ରେଟ୍ ବ୍ରିଟେନ ପ୍ରଭୃତି ଦେଶର କେତେଜଣ ଶ୍ରେଷ୍ଠ ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି। ଟୁର୍ନାମେଣ୍ଟର ଓପନିଂ ମ୍ୟାଚ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ହେବ। ୧୩ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟକୁ ଉପଭୋଗ କରିବା ଲାଗି ବହୁ ସଂଖ୍ୟାରେ ଖେଳ ପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ନିକ୍କି ପ୍ରଧାନ ରାଞ୍ଚି ରୟାଲ୍ସର ଅଧିନାୟକ ଦାୟିତ୍ୱରେ ଥିବା ବେଳେ ଏସ୍‌ଜି ପାଇପର୍ସ ଦଳର ନେତୃତ୍ୱ ନେବେ ଭାରତର ସିନିୟର ଖେଳାଳି ନବନିତ କୌର।

# ମାହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷିତ

**ମୁମ୍ବାଇ,୨୭।୧୨(ପି.ଟି.)**

ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ଜିମ୍ବାୱେ ଓ ନାମିବିଆରେ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଆୟୁଷ ମାହାତ୍ରେଙ୍କ ନେତୃତ୍ୱରେ ଶନିବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ପ୍ରସ୍ତୁତି ଲାଗି ଦକ୍ଷିଣ ଆଫ୍ରିକା ଟୁରରେ ୩ ଦିନିକିଆ ମ୍ୟାଚ୍ ଖେଳିବ। ଏହି ସିରିଜ୍ ଲାଗି ମାହାତ୍ରେ ଓ ବିହାନ ମାଲହୋତ୍ରା ଇଞ୍ଜୁରୀ କାରଣରୁ ଉପଲବ୍ଧ ହେବେ ନାହିଁ। ସେମାନଙ୍କ ଅନୁପସ୍ଥିତିରେ ବୈଭବ ସୂର୍ଯ୍ୟବଂଶୀ ଦଳର ନେତୃତ୍ୱ ନେବେ। ଆରୋନ ଜର୍ଜ ତାଙ୍କର ଉପ ଅଧିନାୟକ ଭାର ତୁଲାଇବେ। ସିରିଜ୍‌ର ୩ ମ୍ୟାଚ୍ ଯଥାକ୍ରମେ ଜାନୁଆରୀ ୩, ୫ ଓ ୭ ତାରିଖରେ ବେନୋନିଠାରେ ଖେଳାଯିବ।

ମାହାତ୍ରେ ଓ ବିଶ୍ୱକପ୍ ଲାଗି ଉପଅଧିନାୟକ ପଦ ପାଇଥିବା ମାଲହୋତ୍ରା ଭାରତୀୟ ଦଳରେ ଯୋଗ ଦେବା ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଯୋଗ ଦେବେ। ସେଠାରେ ସେମାନଙ୍କ ଇଞ୍ଜୁରୀ ମ୍ୟାନେଜମେଣ୍ଟ କରାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଆଗାମୀ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାଗ ନେବାକୁଥିବା ୧୬ ଦଳକୁ ୪ ଗ୍ରୁପ୍‌ରେ ଭାଗ କରାଯାଇଛି। ଏହାପରେ ସୁପର-୬ ପର୍ଯ୍ୟାୟ, ସେମିଫାଇନାଲ ଓ ହରାରେରେ ଫାଇନାଲ ଖେଳାଯିବ। ପାଞ୍ଚ ଥରର ଚାମ୍ପିୟନ ଭାରତ ଗ୍ରୁପ୍-ବି'ରେ ନ୍ୟୁଜିଲାଣ୍ଡ, ଆମେରିକା ଓ ବାଂଲାଦେଶ ସହ ସ୍ଥାନ ପାଇଛି। ଭାରତୀୟ ଦଳ ଜାନୁଆରୀ ୧୫ ତାରିଖରେ ତା'ର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ଭେଟିବ। ଏହାପରେ ଭାରତ ୧୭ରେ ବାଂଲାଦେଶ ଓ ୨୪ରେ ନ୍ୟୁଜିଲାଣ୍ଡ ଭେଟିବ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

**ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଭାରତୀୟ ଦଳ:** ବୈଭବ ସୂର୍ଯ୍ୟବଂଶୀ (ଅଧିନାୟକ), ଆରୋନ ଜର୍ଜ (ଉପ ଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂ (ଉଭୟେ ଉଇକେଟକିପର), ଆର୍ ଏସ୍ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ଏ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ, ଉଧମ ମୋହନ, ଯୁବରାଜ ଗୋହିଲ, ରାହୁଲ କୁମାର।

**୧୯ ବର୍ଷରୁ କମ୍ ଭାରତୀୟ ବିଶ୍ୱକପ୍ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପ ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂ (ଉଭୟେ ଉଇକେଟକିପର), ଆର ଏସ୍ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ଏ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଡି ଦୀପେଶ, କୀଶନ କୁମାର ସିଂ, ଉଦବ ମୋହନ।

# ୟୁନିୟନ ସ୍ପୋର୍ଟିଂ କଟକ ଫାଇନାଲରେ


ଅତିଥିମାନେ ପ୍ଲେୟର ଅଫ ଦି ମ୍ୟାଚ ବିଶ୍ୱଜିତ ପ୍ରଧାନଙ୍କୁ ପୁରସ୍କୃତ କରୁଛନ୍ତି।

**ଦେବଗଡ଼, ୨୭।୧୨(ଶଶାଙ୍କ ଶେଖର ଝାଙ୍କର)**

## ବାମଣ୍ଡା କପ୍ କ୍ରିକେଟ

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୫ତମ ବାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅରୁଣୋଦୟ ରାଞ୍ଚି ଫାଇଟର୍ ବନାମ ୟୁନିୟନ ସ୍ପୋର୍ଟିଂ, କଟକ ମଧ୍ୟରେ ହୋଇଥିଲା। ରାଞ୍ଚି ଦଳକୁ ୧୫୯ ରନରେ ପରାସ୍ତ କରି କଟକ ଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳ ଟସ୍ ଜିତି କଟକକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୫ ରନ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ଅପରାଜିତ ୧୦୦ ଓ ରାଜୀବ ଲୋଚନ ସାହୁ ୯୦ ରନ କରିଥିଲେ। ରାଞ୍ଚି ଦଳର ଅରୁଣ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବରେ ରାଞ୍ଚି ଦଳ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରାହୁଲ ମାହାତ ୨୯ ଓ ପର୍ଦ୍ଦୁମ କୁମାର୍ ୨୨ ରନ କରିଥିଲା ବେଳେ କଟକ ଦଳର ଗଣେଶ ତମାର ୪ଟି ଓ ଅଧିନାୟକ ସୌରଭ କାନୋଜିଆ ୩ଟି ଉଇକେଟ ନେଇଥିଲେ। କଟକର ବିଶ୍ୱଜିତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ ଓ ବାସନ୍ତୀ ମାଝୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ମ୍ୟାଚ୍‌ର ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଓ ଯୁବନେତା ଭୋଳେସର ପ୍ରଧାନ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବ ଉପସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ କୁମାର ପ୍ରଧାନ ଅତିଥି ପରିଚୟ କରିଥିଲେ।

# ନୂଆ ଟେଷ୍ଟ କୋଚ୍ ଖୋଜୁଛି ବିସିସିଆଇ

**ଜୟପୁର,୨୭।୧୨(ପି.ଟି.)**

ଗୌତମ ଗମ୍ଭୀରଙ୍କ ରେକର୍ଡ ଭାରତୀୟ ଧଳା ବଲ ଦଳର ମୁଖ୍ୟ କୋଚ୍ ଭାବେ ଖୁବ ଉଲ୍ଲେଖନୀୟ ରହିଛି। ଏପରିକି ତାଙ୍କ କାର୍ଯ୍ୟକାଳରେ ଦଳ ଆଇସିସି ଓ ଏସିସି ଟ୍ରଫି ଜିତିଛି। କିନ୍ତୁ ଟେଷ୍ଟ ଫର୍ମାଟରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଭାରତୀୟ ଦଳ ସେନା ଦେଶରେ ୧୦ ଟେଷ୍ଟ ପରାଜିତ ହୋଇଛି। ଗତ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର ଆତ୍ମସମର୍ପଣ ପରେ ବିସିସିଆଇ ପକ୍ଷରୁ ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଯୋଗାଯୋଗ କରାଯାଇଥିଲା। ଏ ନେଇ ଆନୁଷ୍ଠାନିକ ଭାବେ କିଛି ସୂଚନା ମିଳି ନ ଥିବା ବେଳେ କିଛି ରିପୋର୍ଟ ମୁତାବକ, ଭାରତୀୟ ଟେଷ୍ଟ ଦଳର ମୁଖ୍ୟ କୋଚ୍ ହେବା ପାଇଁ ଲକ୍ଷ୍ମଣ ଇଚ୍ଛୁକ କି ନାହିଁ ବୋଲି ବିସିସିଆଇ ଅଧିକାରୀ ପଚାରି ବୁଝିଛନ୍ତି। ହେଲେ ଲକ୍ଷ୍ମଣ ଜାତୀୟ ଦଳର ଦାୟିତ୍ୱ ନେବାକୁ ଇଚ୍ଛୁକ ନ ଥିବା ଜଣାପଡ଼ିଛି।

ବିସିସିଆଇ ପକ୍ଷରୁ ଗମ୍ଭୀରଙ୍କ ସହ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଚୁକ୍ତି କରାଯାଇଛି। କିନ୍ତୁ ଚୁକ୍ତି ସମୟ ସୀମା ପୂର୍ବରୁ ମଧ୍ୟ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ପଦରୁ ହଟାଇ ଦିଆଯାଇପାରେ। ସବୁକିଛି ଆଗାମୀ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରଦର୍ଶନ ଉପରେ ନିର୍ଭର କରେ। କିନ୍ତୁ ଚଳିତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୫-୨୭ ସାଇକେଲରେ ଭାରତକୁ ଆହୁରି ୯ଟି ଟେଷ୍ଟ ଖେଳିବାକୁ ଥିବା ବେଳେ ଟେଷ୍ଟ ଦଳର ଦାୟିତ୍ୱ ନେବା ପାଇଁ ଗମ୍ଭୀର ଉଚିତ ବ୍ୟକ୍ତି କି ଏବେ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ବର୍ଷ ଅଗଷ୍ଟରେ ଶ୍ରୀଲଙ୍କା ଓ ପରେ ଅକ୍ଟୋବରରେ ନ୍ୟୁଜିଲାଣ୍ଡରେ ଭାରତ ଦୁଇଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିବ। ଏହାପରେ ୨୦୨୭ ଜାନୁଆରୀ-ଫେବୃଆରୀରେ ଭାରତ ଗସ୍ତରେ ଅଷ୍ଟ୍ରେଲିଆ ଆସି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ।

ବିସିସିଆଇ ଅଧିକାରୀଙ୍କ ମଧ୍ୟରେ ଗମ୍ଭୀରଙ୍କ ପ୍ରତି ବିଶେଷ ସମର୍ଥନ ନାହିଁ। ଯଦି ଭାରତ ଟି୨୦ ବିଶ୍ୱକପ୍ ବାଜୟ ରଖେ କିମ୍ବା ଅତିକମ୍‌ରେ ଫାଇନାଲରେ ପ୍ରବେଶ କରେ, ତେବେ ସେ ତାଙ୍କ କାର୍ଯ୍ୟକାଳ ଜାରି ରଖିବେ। କିନ୍ତୁ ସେ ଟେଷ୍ଟ ଫର୍ମାଟରେ ମୁଖ୍ୟ କୋଚ୍ ହୋଇ ରହିବେ କି ନାହିଁ, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ବିସିସିଆଇ ପାଖରେ ଅଧିକ ବିକଳ୍ପ ନ ଥିବାରୁ ଗମ୍ଭୀର ଫାଇଦାରେ ରହିପାରନ୍ତି। କାରଣ ଲକ୍ଷ୍ମଣ ସିନିୟର ଦଳର ଦାୟିତ୍ୱ ନେବାକୁ ଇଚ୍ଛୁକ ନୁହଁନ୍ତି ବୋଲି ସୂତ୍ରରୁ କୁହାଯାଇଛି। ଗମ୍ଭୀରଙ୍କ କାର୍ଯ୍ୟକାଳରେ ଖେଳାଳିଙ୍କୁ ବାରମ୍ବାର ପରିବର୍ତ୍ତନ କରାଯାଉଛି, ଯାହା ଫଳରେ ଖେଳାଳିମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି।

# ବିପିଏଲ୍ ମ୍ୟାଚ୍ ପୂର୍ବରୁ ଟଳିପଡ଼ିଲେ କୋଚ୍

**ଢାକା,୨୭।୧୨:** ଚଳିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ରେ ଶନିବାର ରାଜଶାହି ୱାରିଅର୍ସ ଓ ଢାକା କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବା ପୂର୍ବରୁ ଏକ ଅଘଟଣ ଘଟିଛି। ସିଲହେଟ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ମ୍ୟାଚ୍ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଖେଳାଳିମାନେ ଅଭ୍ୟାସ କରୁଥିବା ବେଳେ ଢାକା କ୍ୟାପିଟାଲ୍ସ ଦଳର ଆସିଷ୍ଟାଣ୍ଟ କୋଚ୍ ମେହବୁବ ଅଲୀ ଜାକି ହଠାତ୍ ଚେତାଶୂନ୍ୟ ହୋଇ ଗ୍ରାଉଣ୍ଡରେ ପଡ଼ି ଯାଇଥିଲେ। ଦଳୀୟ ଷ୍ଟାଫ ଓ ମେଡିକାଲ ଅଧିକାରୀ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କୁ ସିପିଆର ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷିତ କରାଯାଇଥିଲା। ଏହି ଅଘଟଣ ସତ୍ତ୍ୱେ ମ୍ୟାଚ୍ ଧାର୍ଯ୍ୟ ସମୟରେ ଆରମ୍ଭ ହୋଇଥିଲା। ଉଭୟ ଦଳର ଖେଳାଳି, କୋଚ୍ ଓ ମ୍ୟାଚ୍ ଅଫିସିଆଲ ଜାକିଙ୍କ ଲାଗି ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ହରମନପ୍ରୀତ୍‌ଙ୍କ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ,୨୭।୧୨:** ହରମନପ୍ରୀତ୍ କୌର ଅନ୍ତର୍ଜାତୀୟ ଟି୨୦ରେ ଅଧିନାୟିକା ଭାବେ ସର୍ବାଧିକ ମ୍ୟାଚ୍ ଜିତିବାର ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଥିରୁଭାନନ୍ତପୁରମ୍‌ରେ ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୮ ଉଇକେଟରେ ଜିତିଥିଲା। ଏହା ଅଧିନାୟିକା ଭାବେ ହରମନପ୍ରୀତଙ୍କ ପାଇଁ ୭୭ତମ ବିଜୟ ଥିଲା, ଯାହାକି ଅନ୍ତର୍ଜାତୀୟ ମହିଳା ଟି୨୦ରେ ସର୍ବାଧିକ। ଏଥିପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କ ନାମରେ ଥିଲା। ତାଙ୍କ ନାମରେ ଅଧିନାୟିକା ଭାବେ ୭୬ଟି ବିଜୟ ରହିଛି। ଅନ୍ୟପକ୍ଷରେ ହରମନପ୍ରୀତ ୧୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟିକା ରହିଛନ୍ତି, ଯାହାକି ଯେକୌଣସି ଅଧିନାୟିକାଙ୍କ ଲାଗି ସର୍ବାଧିକ। ବିଶ୍ୱରେ ହରମନପ୍ରୀତଙ୍କ ସମେତ କେବଳ ୩ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟି୨୦ ମ୍ୟାଚ୍‌ରେ ଜାତୀୟ ଦଳର ନେତୃତ୍ୱ ଭାର ତୁଲାଇଛନ୍ତି। ଏହି ତାଲିକାରେ ଲାନିଂ ଓ ଶ୍ରୀଲଙ୍କାର ଚମାରି ଆତାପାତଥୁ ରହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ